ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK ପର୍ଯ୍ୟବେକ୍ଷକ

visit us at
www.paryabekhyak.com

FIND US ON facebook.com/paryabekhyak
FOLLOW US ON TWITTER twitter.com/paryabekhyak

Vol.25 . No.89 Bhubaneswar Wednesday May 18 2022 | ୨୫ତମ ବର୍ଷ ସଂଖ୍ୟା-୮୯ ଭୁବନେଶ୍ୱର, ବୁଧବାର, ମଇ ୧୮, ୨୦୨୨ (୮ ପୃଷ୍ଠା) ମୂଲ୍ୟ-୧.୫୦ ₹1.50 (Air Surcharge - 0.50P) Member-INS

# ଶ୍ରୀମନ୍ଦିର ପରିଚ଼ାଳନା: ୩ ବର୍ଷ ହେଲାଣି, ସୁପ୍ରିମକୋର୍ଟଙ୍କ ଗୋଟିଏ ବି ନିର୍ଦ୍ଦେଶ ମାନିନାହାନ୍ତି ରାଜ୍ୟ ସରକାର

ଭୁବନେଶ୍ୱର,୧୭।୫(ପି.ଏନ) : ହଜାରେ ବର୍ଷ ପୁରୁଣା ବିଶ୍ୱପ୍ରସିଦ୍ଧ ମହାପ୍ରଭୁ ଶ୍ରୀଜଗନ୍ନାଥ ମନ୍ଦିରର ୧୦୦ମିଟର ନିଷେଧାଂଚ଼ଳରେ ନିର୍ମାଣ ଓ ଖନନକୁ ନେଇ ବିବାଦରେ ଥିବା ରାଜ୍ୟ ସରକାର ସୌନ୍ଦର୍ଯ୍ୟକରଣ ନାଁରେ ମନଇଚ଼୍ଛା କାର୍ଯ୍ୟ କରିଛନ୍ତି । ଏପରିକି ସୁପ୍ରିମକୋର୍ଟଙ୍କ ୨୦୧୯ ନଭେମ୍ବର ୪ ତାରିଖ ନିର୍ଦ୍ଦେଶକୁ ରାଜ୍ୟ ସରକାର ଖୋଲାଖୋଲି ଉଲ୍ଲଘଂନ କରିଥିବାବେଳେ ଶ୍ରୀମନ୍ଦିରର ନିଷେଧାଂଚ଼ଳ ପରିସରରେ ନିର୍ମାଣ କାର୍ଯ୍ୟ କରାଇ ଶ୍ରୀମନ୍ଦିର ପରିଚ଼ାଳନା କମିଟି ୨୦୧୯ ଏପ୍ରିଲ ୨୪ରେ ସୁପ୍ରିମକୋର୍ଟରେ ଦାଖଲ କରିଥିବା ସତ୍ୟପାଠକୁ ଉଲ୍ଲଘଂନ କରିବାକୁ ପଛାଇ ନାହିଁ । ମୃଣାଳିନୀ ପା ?ୀ ବନାମ ଅନ୍ୟମାନଙ୍କ ମାମଲାରେ ସୁପ୍ରିମକୋର୍ଟ ୨୦୧୯ ନଭେମ୍ବର ୪ରେ ଦେଇଥିବା ନିର୍ଦ୍ଦେଶ ମଧ୍ୟରୁ କୌଣସି ଗୋଟିଏକୁ ପାଳନ ଦିଗରେ ରାଜ୍ୟ ସରକାର କିମ୍ବା ଶ୍ରୀମନ୍ଦିର ପରିଚ଼ାଳନା କମିଟି ଆଗ୍ରହ ଦେଖାଇ ନଥିବା ଜଣାପଡିଛି ।ସୂଚ଼ନା ଅନୁସାରେ, ଶ୍ରୀମନ୍ଦିରର ନିଷେଧାଂଚ଼ଳ ପରିସରରେ ଖନନ ଓ ନିର୍ମାଣକୁ ନେଇ ବିବାଦ ଲାଗି ରହିଥିବାବେଳେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ପଦବୀରେ ଜଣେ ଫୁଲଟାଇମ୍ ଅଧିକାରୀଙ୍କୁ ନିଯୁକ୍ତି ନଦେବା ତଥା ପୂର୍ତ୍ତ ସଚ଼ିବ ଓ ଓବିସିସି ଅଧ୍ୟକ୍ଷ ଭଳି ଦୁଇଟି ଦାୟିତ୍ୱ ସମ୍ଭାଳିଥିବା ଅଫିସର ଏବେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଭାବେ କାର୍ଯ୍ୟ କରୁଥିବାକୁ



ନେଇ ଗତକାଲି ସାଂସଦ ଅପରାଜିତା ଷଡଙ୍ଗୀ ପ୍ରଶ୍ନ ଉଠାଇବା ପରେ ଆଜି ବରିଷ୍ଠ ନେତା ବିଜୟ ମହାପାତ୍ର ଓ କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର ମଧ୍ୟ ଆପତ୍ତି ଉଠାଇ ରାଜ୍ୟ ସରକାରଙ୍କ ମାନସିକତାକୁ ସମାଲୋଚ଼ନା କରିଛନ୍ତି । ମୃଣାଳିନୀ ପାଢ଼ୀ ମାମଲାରେ ସୁପ୍ରିମକୋର୍ଟଙ୍କ ଗତ ୩ବର୍ଷ ପୂର୍ବ ଦେଇଥିବା ରାୟକୁ କାହିଁକି ରାଜ୍ୟ ସରକାର ପାଳନ କରୁନାହାନ୍ତି ତାକୁ ନେଇ ପ୍ରଶ୍ନ ଉଠିଛି ।ଅନୁସନ୍ଧାନରୁ ଜଣାପଡିଛି ଯେ, ମୃଣାଳିନୀ ପାଢ଼ୀ ମାମଲାରେ ଶ୍ରୀମନ୍ଦିରରେ ଜଣେ ଫୁଲଟାଇମ୍ ମୁଖ୍ୟ ପ୍ରଶାସକ(ଅତିରିକ୍ତ ଦାୟିତ୍ୱ ମାଧ୍ୟମରେ ନୁହେଁ) ନିଯୁକ୍ତି ଦେବାକୁ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଥିଲେ । ଏପରିକି ଏହି ମାମଲାରେ ସୁପ୍ରିମକୋର୍ଟଙ୍କ ଦ୍ୱାରା ନିଯୁକ୍ତ ଆମିକସ୍ କ୍ୟୁରି ମଧ୍ୟ ତାଙ୍କ ରିପୋର୍ଟରେ କିଏ ଶ୍ରୀମନ୍ଦିରର ମୁଖ୍ୟ ପ୍ରଶାସକ ହେବେ ଓ ତାଙ୍କର ଯୋଗ୍ୟତା କ'ଣ ରହିବା ଦରକାର ତାହା ସ୍ପଷ୍ଟ ଭାବେ ଉଲ୍ଲେଖ କରିଥିଲେ । କିନ୍ତୁ ସୁପ୍ରିମକୋର୍ଟଙ୍କ ଏହି ରାୟକୁ ୩ବର୍ଷ ପୁରିବାକୁ ବସିଥିବାବେଳେ ରାଜ୍ୟ ସରକାର ଏହାକୁ କାର୍ଯ୍ୟକାରୀ କରିବା ଦିଗରେ ଏପର୍ଯ୍ୟନ୍ତ ପଦକ୍ଷେପ ନେଇନାହାନ୍ତି । ଓଡିଶା ସରକାର ଏଭଳି ଜଣେ ବ୍ୟକ୍ତିଙ୍କୁ ଶ୍ରୀମନ୍ଦିର ପରିଚ଼ାଳନାର ମୁଖ୍ୟ ପ୍ରଶାସକ ଭାବେ ନିଯୁକ୍ତି ଦେବା ଉଚ଼ିତ୍ ଯିଏକି ପ୍ରଥମେ ଅତିକମରେ ଏକ ମାସ ପାଇଁ ଧାର୍ମିକ ଓ ଆଧ୍ୟାତ୍ମିକ ପ୍ରଶିକ୍ଷଣ ନେବେ । ଯାହାଫଳରେ ଶ୍ରୀମନ୍ଦିରର ପବିତ୍ରତା ଅକ୍ଷୁର୍ଣ୍ଣ ରହିବ ଓ ବ୍ୟବସାୟିକ ଗତିବିଧିଠୁ ଦୂରେଇ ରଖାଯାଇପାରିବ ।କେବଳ ସେତିକି ନୁହେଁ, ଓଡିଶା ସରକାର ଶ୍ରୀମନ୍ଦିର ପାଇଁ ଜଣେ ମୁଖ୍ୟ ମ୍ୟାନେଜର ନିଯୁକ୍ତି ଦେବେ । ଯିଏ ଶ୍ରୀମନ୍ଦିର ପରିସରରେ ଧାର୍ମିକ ଓ ଆଧ୍ୟାତ୍ମିକ ଗତିବିଧିକୁ ପାଳନ କରିବେ ଓ ଅନ୍ୟମାନଙ୍କୁ ପାଳନ କରାଇବାରେ ସକ୍ଷମ ହେବେ । କିନ୍ତୁ ସମ୍ପୃକ୍ତ ବ୍ୟକ୍ତି ଧାର୍ମିକ ଓ ଆଧ୍ୟାତ୍ମିକ କ୍ଷେତ୍ରର ପ୍ରଶାସକ ହୋଇନଥିବା ଉଚ଼ିତ୍ ।ସେହିପରି ଶ୍ରୀମନ୍ଦିରର ୧୧୯ ପ୍ରକାରର ସେବା, ନିତି ଓ ପୂଜାକୁ ପାଳନ ଠିକ୍ ସମୟରେ ଶାସ୍ତ୍ର ଅନୁସାରେ ହେବା ଉଚ଼ିତ୍ । ଶ୍ରୀମନ୍ଦିରର ମୋଟର ୬୦୪୧୮ଏକର ଜମି ମଧ୍ୟରୁ ମାତ୍ର ୩୪୨୦୦ଏକର ଜମିର ରେକର୍ଡ ଅଫ ରାଇଟର୍ସ ପ୍ରସ୍ତୁତ ହୋଇଥିବାରୁ ସୁପ୍ରିମକୋର୍ଟ ବାକି ଜମିର ରେକର୍ଡସ ଅଫ ରାଇଟସକୁ ୬ ମାସ ସୁଦ୍ଧା ପ୍ରସ୍ତୁତ କରି ଦାଖଲ କରିବା ନିମନ୍ତେ ନିର୍ଦ୍ଦେଶ ଦେଇଥିଲେ । କିନ୍ତୁ ଏପର୍ଯ୍ୟନ୍ତ ତାହା ସମ୍ଭବପର ହୋଇନି ।ଶ୍ରୀମନ୍ଦିରର ସେବାୟତଙ୍କ ପିଲାମାନଙ୍କ ପାଠ ପ ?ିବା ପାଇଁ ଏକ ସ୍କୁଲ ଖୋଲିବା ଓ ଆବଶ୍ୟକ ଉପଯୁକ୍ତ ଜମି ଯୋଗାଇ ଦେବାକୁ ଶ୍ରୀମନ୍ଦିର ପରିଚ଼ାଳନା କମିଟିକୁ ନିର୍ଦ୍ଦେଶ ଦେଇଥିଲେ । ଏପରିକି ସୁପ୍ରିମକୋର୍ଟ ଏହି ସ୍କୁଲ ପାଇଁ ଆବଶ୍ୟକ ଟଙ୍କାର ବ୍ୟବସ୍ଥା ମଧ୍ୟ କରିଥିଲେ । ଏହି ସ୍କୁଲରେ କେବଳ ସେବାୟତ ନୁହଁନ୍ତି ସର୍ବସାଧାରଣଙ୍କ ପିଲା ପ ?ିବା ପାଇଁ ବ୍ୟବସ୍ଥା କରିବାକୁ ସୁପ୍ରିମକୋର୍ଟ କହିଥିଲେ । ବିଜେଡି ସାଂସଦ ଅଚ୍ୟୁତ ସାମନ୍ତଙ୍କ ମାଲିକାନାରେ ଥିବା କିମସ୍ ମେଡିକାଲ କଲେଜ ବେଆଇନ ଭାବେ ୫୦ଜଣ ପିଲାଙ୍କୁ ଡାକ୍ତରୀ ପାଠ୍ୟକ୍ରମରେ ନାମ ଲେଖାଇଥିବାରୁ ସୁପ୍ରିମକୋର୍ଟ ୫କୋଟି ଟଙ୍କା ଜୋରିମାନା ଋଜୁ କରିଥିଲେ । କିମସ ଉକ୍ତ ଜୋରିମାନା ୨୦୧୬ରୁ ସୁପ୍ରିମକୋର୍ଟରେ ଦାଖଲ କରିଛି । ଏହି ଅର୍ଥର ସୁଧମୂଳକୁ ସେବାୟତଙ୍କ ପିଲାଙ୍କ ନିମନ୍ତେ ସ୍କୁଲ ପାଇଁ ଖର୍ଚ୍ଚ କରିବାକୁ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଥିଲେ । କିନ୍ତୁ ସୁପ୍ରିମକୋର୍ଟଙ୍କ ପାଖରେ ଥିବା ଏହି ଜୋରିମାନା ଅର୍ଥକୁ ଆଣିବାରେ ଶ୍ରୀମନ୍ଦିର ପରିଚ଼ାଳନା କମିଟି କିମ୍ବା ରାଜ୍ୟ ସରକାର ଉଦ୍ୟମ କରିନଥିବା ଜଣାପଡିଛି । ଅବଶ୍ୟ ସେବାୟତଙ୍କ ପିଲାଙ୍କ ନିମନ୍ତେ ସ୍କୁଲ ପ୍ରତିଷ୍ଠା କରାଯିବ ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୨୦୧୫ ମସିହାରୁ ଘୋଷଣା କରିଥିଲେ । ଏପରିକି ଏନେଇ ଅଭଡା ଯୋଜନାରୁ ପ୍ରାୟ ୨୫କୋଟି ଟଙ୍କାର ବନ୍ଦୋବସ୍ତ ମଧ୍ୟ ହୋଇଛି, ଜମି ମଧ୍ୟ ଆବଣ୍ଟନ ହୋଇଛି । କିନ୍ତୁ ଆଶ୍ଚର୍ଯ୍ୟର କଥା ଏହି ସ୍କୁଲ ଏପର୍ଯ୍ୟନ୍ତ କାର୍ଯ୍ୟକ୍ଷମ ହୋଇପାରିନି ।କେବଳ ସେତିକି ନୁହେଁ, ଶ୍ରୀମନ୍ଦିର ଚ଼ାରିପଟେ ଅଧିକ ସଂଖ୍ୟକ ଶୌଚ଼ାଳୟ ଓ ଯାତ୍ରୀଙ୍କ ବ୍ୟାଗ ଆଦି ରଖିବା ନିମନ୍ତେ ଆବଶ୍ୟକ ନିର୍ମାଣ କରିବାକୁ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଥିଲେ । କିନ୍ତୁ ୨୦୧୯ ଏପ୍ରିଲ ୨୪ରେ ଶ୍ରୀମନ୍ଦିର ପରିଚ଼ାଳନା କମିଟି ଏକ ସତ୍ୟପାଠ ଦାଖଲ କରି ଏଏସଆଇର ବିନା ଅନୁମତିରେ କୌଣସି ନିର୍ମାଣ ଓ ପୁନରୁଦ୍ଧାର କାର୍ଯ୍ୟ ସମ୍ଭବପର ନୁହେଁ ବୋଲି କହିଥିଲା । ମାତ୍ର ଏବେ ସେହି ଏଏସଆଇର ବିନା ଅନୁମତିରେ ଶ୍ରୀମନ୍ଦିର ଚ଼ାରିପଟେ ଖନନ ଓ ନିର୍ମାଣ କାର୍ଯ୍ୟ ଶ୍ରୀମନ୍ଦିର ପ୍ରଶାସନ କରାଉଛି ।ଏସବୁ ତଥ୍ୟରୁ ସ୍ପଷ୍ଟ ଯେ, ମହାପ୍ରଭୁ ଶ୍ରୀଜଗନ୍ନାଥ ମନ୍ଦିରର ପରିଚ଼ାଳନା ଉପରେ ରାଜ୍ୟ ସରକାର ମାତ୍ରାଧିକ ହସ୍ତକ୍ଷେପ କରିବା ନିମନ୍ତେ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକୁ ବି ଅଣଦେଖା କରିବାକୁ ପଛାଉ ନାହାନ୍ତି ।

## ରାଜଧାନୀରେ ଫାଙ୍କା ଗୁଳି , ଲୋକେ ଆତଙ୍କିତ

ଭୁବନେଶ୍ୱର,୧୭।୫(ପି.ଏନ): ଦୁର୍ବୃତମାନେ ସିଆରପି ଛକ ନିକଟରେ ମଙ୍ଗଳବାର ସନ୍ଧ୍ୟାରେ ଫାଙ୍କା ଗୁଳି ଚଳାଇ ଘଟଣାସ୍ଥଳରୁ ଫେରାର ହୋଇଯାଇଛନ୍ତି । ଦବଦବା ଜାହିର ପାଇଁ ଏଭଳି କରାଯାଇଥାଇପାରେ ବୋଲି ଅନୁମାନ କରାଯାଉଛି । ସୂଚନା ଅନୁସାରେ ମଙ୍ଗଳବାର ସନ୍ଧ୍ୟା ପ୍ରାୟ ସାଢ଼େ ୬ଟାରେ ଦୁର୍ବୃତମାନେ ସିଆରପିରୁ ୟୁନିଟ-୮ ଯିବା ରାସ୍ତାରେ ଫାଙ୍କା ଗୁଳି ଚାଳନା କରିଥିଲେ । ଏଥିରେ କୌଣସି କ୍ଷୟକ୍ଷତି ହୋଇନାହିଁ। ଫାଙ୍କା ଗୁଳି ଚଳାଇବା ପରେ ଦୁର୍ବୃତମାନେ ଘଟଣାସ୍ଥଳରୁ ଫେରାର ହୋଇଯାଇଛନ୍ତି । ତେବେ ଗୁଳି ଫୁଟିବା ଶବ୍ଦ ଶୁଣି ସମ୍ପୃକ୍ତ ରାସ୍ତାରେ ଯାଉଥିବା ଲୋକେ ଭୟଭୀତ ହୋଇଯାଇଛନ୍ତି । ସ୍ଥାନୀୟ ଲୋକଙ୍କର ଠାରୁ ସୂଚନା ପାଇଁ ଘଟଣାସ୍ଥଳରେ ନୟାପଲ୍ଲୀ ଥାନା ପୁଲିସ ପହଂଚି ତଦନ୍ତ କରୁଛି । ପୁଲିସ ଆଖ ପାଖର ସିସିଟିଭି ଫୁଟେଜ ଯାଂଚ କରୁଛି ।

## ରଥଖଳା ହାଲଚାଲ:ତୁମ୍ବରେ ଅର ସଂଯୋଗ ହୋଇ ବିଲେଇବାଡ଼ିଆ କାର୍ଯ୍ୟ ଜାରି

ପୁରୀ, ୧୭।୫(ପି.ଏନ): ମହାପ୍ରଭୁଙ୍କ ବିଶ୍ୱପ୍ରସିଦ୍ଧ ରଥଯାତ୍ରା ଜୁଲାଇ ୧ ତାରିଖରେ ଅନୁଷ୍ଠିତ ହେବ । ଅକ୍ଷୟତୃତୀୟା ଠାରୁ ତିନି ରଥର ନିର୍ମାଣ କାର୍ଯ୍ୟ ଶୁଭାରମ୍ଭ ହୋଇଛି । କରତିଆମାନେ ତୁମ୍ବ ପାଇଁ କାଠ ଗୋଲେଇ କାଟିବା ପରେ ମହାରଣାମାନେ ପଳଖ ଛଡ଼ାଇ ତୁମ୍ବ ଗୋଲେଇ କାର୍ଯ୍ୟ କରିଥିଲେ । ମାପ ଅନୁସାରେ ତୁମ୍ବ ଗୁଡ଼ିକ ନିର୍ମାଣ ହେବା ପରେ ସେଥିରେ ସୂତା ବାଡ଼ିଆଯାଇ ଅରବିନ୍ଧ କରାଯାଇଥିଲା । କଟକ ଖପୁରିଆ ସ-ମିଲରୁ କଟିଙ୍ଗ ହୋଇ ଅର ଓ ପହି ରଥଖଳାରେ ପହଂଚିବାରେ ଲାଗିଛି । ଅର ଗୁଡ଼ିକ ତୁମ୍ବରେ ସଂଯୋଗ କରାଯାଇ ଶକ୍ତ ଫିଟଙ୍ଗ୍ ପାଇଁ ଯନ୍ତା ଗାଡ଼ରେ ତୁମ୍ବକୁ ରଖାଯାଇ ଜଣେ ଭୋଇସେବାୟତ କାଠ ଗଣ୍ଡି ଉପରେ ଠିଆ ହୋଇ କାଠର ଠେକା ଦ୍ୱାରା ଅରକୁ ପିଟିବା ପରେ ତାହା ତୁମ୍ବରେ ଶକ୍ତ ହୋଇଥାଏ । ଅର ବାଡ଼େଇବା ପରେ ଅର ଉପରେ ପହିକୁ ସଂଯୋଗ କରାଯାଇଥିଲା । ପହି ଉପରେ ଗୋଟିଏ ଲମ୍ବା କାଠକୁ ଧରି ଦୁଇ ପାର୍ଶ୍ୱରେ ବନ୍ଧା ଯାଇଥିବା ଦଉଡ଼ିକୁ ଧରି କାଠଟିକୁ ପହି ଉପରେ ବାଡ଼ିଆ ହୋଇଥିଲା । ଏହାକୁ ବିଲେଇ ବାଡ଼ିଆ କୁହନ୍ତି । ସେହିପରି ଯନ୍ତା ଗାଡ଼ରେ ତୁମ୍ବ ସହ ଅର ସଂଯୋଗ ବାଡ଼ିଆକୁ ସିଙ୍ଗଡ଼ା ବାଡ଼ିଆ କୁହାଯାଏ । ଏହି କାର୍ଯ୍ୟକୁ ଭୋଇ ସେବାୟତମାନେ ସମ୍ପର୍ଣ୍ଣ କରିଥିଲେ । ପହି ଓ ବିନ୍ଧ କାର୍ଯ୍ୟ ଚାଲୁଅଛି । ତୁମ୍ବରେ ପନ୍ଦାରି ବଳା ଓ ପହି ପିନ୍ଧା କାର୍ଯ୍ୟ ଚାଲୁଅଛି । ରୁପକାର ସେବକମାନେ ଗୁଜ କାଠରେ ଖୋଦେଇ କାମରେ ନିମଗ୍ନ ଅଛନ୍ତି । ତୀଖ ଗୁଜ ଜଳଯନ୍ତ୍ର କୁତୁକା ନିର୍ମାଣ ଜାରି ରହିଛି । ଅର ସାଲ କରାଯାଇ ପହି ପିନ୍ଧା କାର୍ଯ୍ୟ ଚାଲୁଅଛି । ସେହିପରି ଦୋଳବେଦିରେ ଅସ୍ଥାୟୀ କମାରଶାଳରେ ଓଝା ସେବାୟତମାନେ ବଳା,ପନ୍ଦାରୀ, ଅରକଂଟା ନିର୍ମାଣ କରୁଛନ୍ତି ।

## ଆଇପିଏଲ୍ ବେଟିଂ ମାମଲାରେ ୫ ଗିରଫ

ଗଞ୍ଜାମ, ୧୭।୫(ପି.ଏନ): ଅନ୍ ଲାଇନ୍ ଆପ୍ ମାଧ୍ୟମରେ ଆଇପିଏଲ୍ ବେଟିଂ ମାମଲାରେ ୫ ଜଣଙ୍କୁ ଗିରଫ କରିଛି ଗୋଷାଣୀନୂଆଗାଁ ଥାନା ପୋଲିସ । ଗତକାଲି ରାତିରେ ବିଭିନ୍ନ ସ୍ଥାନରେ ଚଢ଼ଉ କରିବା ସହ ପୋଲିସ ଏମାନଙ୍କୁ ଗିରଫ କରିବାରେ ସଫଳ ହୋଇଛି । ସେମାନଙ୍କ ଠାରୁ ୪ ଲକ୍ଷ ୪୬ ହଜାର ୯୦୦ ଟଙ୍କା, ୨୦୯.୯୬ ଗ୍ରାମ୍ ସୁନା ଓ ୯ଟି ମୋବାଇଲ ଜବତ ହୋଇଛି । ପୋଲିସ ପକ୍ଷରୁ ଏନେଇ ଅଧିକ ତଦନ୍ତ ଜାରୀ ରହିଛି ।

## କଂଗ୍ରେସ ନେତା କାର୍ତି ଚିଦାମ୍ବରମ ଲିଙ୍କ୍ : ଝାରସୁଗୁଡ଼ାରେ ସିବିଆଇ ଚଢ଼ଉ

ଝାରସୁଗୁଡ଼ା, ୧୭।୫(ପି.ଏନ): କଂଗ୍ରେସ ନେତା କାର୍ତି ଚିଦାମ୍ବରମଙ୍କ କାର୍ଯ୍ୟାଳୟ ଓ ବାସଭବନରେ ସିବିଆଇ ପକ୍ଷରୁ ଚଢ଼ଉ କରାଯାଇଛି । ଦିଲ୍ଲୀ, ମୁମ୍ବାଇ, ଚେନ୍ନାଇ, କର୍ଣ୍ଣାଟକ, ଓଡ଼ିଶା ରେ ଥିବା କାର୍ଯ୍ୟାଳୟ ଓ ଘରେ ଚଢ଼ଉ ହୋଇଛି । ମାମଲାରେ ୬ଟି ରାଜ୍ୟର ୯ଟି ସ୍ଥାନରେ ଏକ ସଙ୍ଗେ ଏହି ଚଢ଼ଉ କରାଯାଇଛି । ଏହି ଲିଙ୍କ୍ ରେ ଓଡ଼ିଶାର ଝାରସୁଗୁଡ଼ାରେ ମଧ୍ୟ ଚଢ଼ଉ କରାଯାଇଥିବା ସୂଚନା ମିଳିଛି । ବିଦେଶୀ କମ୍ପାନୀକୁ ପ୍ରତ୍ୟେକ୍ଷ ଓ ପରୋକ୍ଷରେ ଅନୁକମ୍ପା ପ୍ରଦର୍ଶନ କରିବା ଏବଂ ଅର୍ଥ ହେରଫେର୍ ମାମଲାରେ ଏହି ଚଢ଼ଉ କରାଯାଇଥିବା ଜଣାପଡିଛି ।

## ଖାଲି ପଡିଥିବା ପଦବୀରେ କାହାକୁ ନିଯୁକ୍ତି ଦେବା କର୍ମଚାରୀଙ୍କ ଅଧିକାର ନୁହେଁ : ହାଇକୋର୍ଟ

କଟକ, ୧୭।୫(ପି.ଏନ): କଟକ ଏସସିବି ପ୍ରସୂତୀ ରୋଗ ବିଭାଗରେ ଆସିଷ୍ଟାଂଟ ପଦବୀରେ ନିଯୁକ୍ତି ପାଇଁ ହାଇକୋର୍ଟରେ ହୋଇଥିଲା ମାମଲା । ଡେପୁଟେସନରେ ଥିବା ଜଣେ ଡାକ୍ତର ନିୟମିତ ନିଯୁକ୍ତି ପାଇଁ କୋର୍ଟରେ ଆବେଦନ କରିଥିଲେ । ତେବେ ଏହାକୁ ଅଗ୍ରାହ୍ୟ କରିଛନ୍ତି ଉଚ୍ଚ ନ୍ୟାୟାଳୟ । ଏଥିସହ ଗତକାଲି ମାମଲାରେ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି କୋର୍ଟ । କୋର୍ଟ ଦର୍ଶାଇଛନ୍ତି ଯେ, ଖାଲି ପଡିଥିବା ପଦବୀରେ କାହାକୁ ନିଯୁକ୍ତି ଦେବା କର୍ମଚାରୀଙ୍କ ଅଧିକାର ନୁହେଁ । କୌଣସି କର୍ମଚାରୀ ଏହାକୁ ଆଇନଗତ ଅଧିକାର ବୋଲି ଦାବି କରିପାରିବେ ନାହିଁ ।

## ବାଲେଶ୍ୱର ମେଡ଼ିକାଲ କଲେଜରେ ଲେଜର ଅସ୍ତ୍ରୋପଚାର କର୍ମଶାଳା

ବାଲେଶ୍ୱର,୧୭।୫(ପି.ଏନ): ଫକୀର ମୋହନ ମେଡ଼ିକାଲ କଲେଜ ହସ୍ପିଟାଲର ସର୍ଜରୀ ବିଭାଗରେ ଲେଜର ପଦ୍ଧତିରେ ଅତ୍ୟାଧୁନିକ ଅସ୍ତ୍ରୋପଚାର କର୍ମଶାଳା ଆୟୋଜିତ ହୋଇଥିଲା। ଭାରତୀୟ ଶଲ୍ୟ ଚିକିତ୍ସକ ସଂଘ, ଓଡ଼ିଶା ଶାଖାର ପ୍ରରୋଚନାରେ ସର୍ଜରୀ ବିଭାଗର ମୁଖ୍ୟ ଡା. ସୁଶୀଲ କୁମାର ପଟ୍ଟନାୟକ ଏବଂ ସର୍ଜରୀ ସ୍ପେଶାଲିଷ୍ଟ ଡା. ସରୋଜ ରାଜଙ୍କ ଉଦ୍ୟମରେ କୋଲକତାର ଲେଜର ସର୍ଜନ ଡା. କଲ୍ୟାଣ କରଙ୍କ ତତ୍ତ୍ୱାବଧାନରେ ମଳଦ୍ୱାର ଜନିତ ରୋଗୀମାନଙ୍କର ଲେଜର ଅସ୍ତ୍ରୋପଚାର କରାଯାଇଥିଲା। ପୂର୍ବାହ୍ନରେ କର୍ମଶାଳାର ଆନୁଷ୍ଠାନିକ ଉଦ୍‌ଘାଟନ ଉତ୍ସବରେ ଡା. ପଟ୍ଟନାୟକ ଓ ଡା ରାଜଙ୍କ ବ୍ୟତୀତ ଆସୋସିଏସନର ଜାତୀୟ କାର୍ଯ୍ୟକାରିଣୀ ସଦସ୍ୟ ଡା ବନବିହାରୀ ମିଶ୍ର ଓଡ଼ିଆ ଶାଖାର ସଭାପତି ଡା ପ୍ରତାପ ରଥ, ଉପସଭାପତି ଡା ଗୋପବନ୍ଧୁ ବଳ,



ସମ୍ପାଦକ ଡା ସୁଧାଂଶୁ ସୂତାର ଏବଂ କୋଲକାତାର ଲେଜର ସର୍ଜନ ଡା କଲ୍ୟାଣ କର ପ୍ରମୁଖ ଉପସ୍ଥିତ ଥିଲେ। ଉଦ୍‌ଘାଟନ ଉତ୍ସବ ପରେ ମଳଦ୍ୱାର ସମ୍ବନ୍ଧିତ ବିଭିନ୍ନ ରୋଗ ଏବଂ ଲେଜର ସହାୟତାରେ ଘର ଚିକିତ୍ସା ବିଷୟରେ ସର୍ଜରୀ ଆସୋସିଏ ପ୍ରଫେସର ଡା ନିରଞ୍ଜନ ସାହୁ ଏବଂ ଡା. କଲ୍ୟାଣ କର ସେମାନଙ୍କର ବକ୍ତବ୍ୟ ରଖିଥିଲେ । ଏହାପରେ ସର୍ଜରୀ ବିଭାଗର ଅପରେସନ ଗୃହରେ ଲେଜର ଅସ୍ତ୍ରୋପଚାର କରାଯାଇଥିଲା। ଏଥିରେ ଆଠ ଜଣ ଅର୍ଶ, ମଳକଣ୍ଟକ ଓ ପାଲୋନିଡ଼ାଲ ସାଇନସ୍‌ର ପୀଡ଼ିତ ରୋଗୀ ଉପକୃତ ହୋଇଥିଲ ଏବଂ ଏହାର ସିଧା ପ୍ରସାରଣ ମାଧ୍ୟମରେ ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ଆସିଥିବା ୬୮ ଜଣ ସର୍ଜନ ଏହି ଉନ୍ନତ ଧରଣର ଚିକିତ୍ସା ସମ୍ବନ୍ଧରେ ସମ୍ୟକ ଜ୍ଞାନ ଆହରଣ କରିଥିଲେ।

## ବ୍ରଜରାଜନଗର ଉପନିର୍ବାଚନ : ପ୍ରଚାର ମଇଦାନକୁ ଓହ୍ଲାଇବେ ନବୀନ

ଭୁବନେଶ୍ୱର , ୧୭।୫(ପି.ଏନ): ବ୍ରଜରାଜନଗର ଉପନିର୍ବାଚନ ପାଇଁ ବିଜେଡି ପକ୍ଷରୁ ୪୦ ଜଣିଆ ଷ୍ଟାର ପ୍ରଚାରକ ତାଲିକା ଘୋଷଣା ହୋଇଛି। ଏହି ତାଲିକାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନାଁ ମଧ୍ୟ ରହିଛି। ଦଳୀୟ ପ୍ରାର୍ଥୀ ଅଳକା ମହାନ୍ତିଙ୍କ ପାଇଁ ପ୍ରଚାର ମଇଦାନକୁ ଓହ୍ଲାଇବେ ଖୋଦ୍ ସୁପ୍ରିମୋ ନବୀନ ପଟ୍ଟନାୟକ। ମୁଖ୍ୟମନ୍ତ୍ରୀଙ୍କ ବ୍ୟତୀତ ପ୍ରଣବ ପ୍ରକାଶ ଦାସ, ପ୍ରସନ୍ନ ଆଚାର୍ଯ୍ୟ, ଦେବୀ ପ୍ରସାଦ ମିଶ୍ର, ନିରଞ୍ଜନ ପୂଜାରୀ, ପ୍ରତାପ ଜେନା, ଅରୁଣ ସାହୁ ,ପ୍ରମିଳା ମଲ୍ଲିକ, ଅତନୁ ସବ୍ୟସାଚୀ ନାୟକ, ସଂଜୟ ଦାସବର୍ମା, ସମୀର ରଂଜନ ଦାଶ,ନବ ଦାସ , ସୁବାସ ସିଂ, ସୁଶାନ୍ତ ସିଂ. ଟୁକୁନି ସାହୁ ପ୍ରମୁଖଙ୍କ ନାଁ ମଧ୍ୟ ଷ୍ଟାର ପ୍ରଚାରକ ତାଲିକାରେ ସାମିଲ ହୋଇଛି ।ସେହିପରି ଚନ୍ଦ୍ର ସାରଥୀ ବେହେରା, ଦିବ୍ୟ ଶଙ୍କର ମିଶ୍ର, ପୁଷ୍ପେନ୍ଦ୍ର ସିଂହଦେଓ, ସ୍ନେହାଙ୍ଗିନୀ ଛୁରିଆ, ସସ୍ମିତ ପାତ୍ର, ମୁନ୍ନା ଖାନ୍, ରୋହିତ ପୂଜାରୀ, ପ୍ରୀତି ରଂଜନ ଘଡେଇ, ଦେବେଶ ଆଚାର୍ଯ୍ୟ , ରାଜେନ୍ଦ୍ର ଢୋଲକିଆ , ରୀତା ସାହୁ, ପ୍ରଦୀପ ଦିଶାରୀ, ଆକାଶ ଦାସନାୟକ , ଯୋଗେଶ ସିଂହ, ଅରିନ୍ଦମ ରାୟ ପ୍ରମୁଖ ମଧ୍ୟ ବିଜେଡି ଷ୍ଟାର ପ୍ରଚାରକ ତାଲିକାରେ ରହିଛନ୍ତି।

## ଆର୍ଟ ଅଫ୍ ଗିଭିଂର ୯ମ ପ୍ରତିଷ୍ଠା ଦିବସ

ଭୁବନେଶ୍ୱର,୧୭।୫(ପି.ଏନ): ଆର୍ଟ ଅଫ ଗିଭିଂ ର ୯ମ ପ୍ରତିଷ୍ଠା ଦିବସ ସମଗ୍ର ବିଶ୍ୱରେ ମହାସମାରୋହରେ ପାଳିତ ହୋଇଯାଇଛି । ଏହି ଅବସରରେ ଭୁବନେଶ୍ୱରରେ ଆୟୋଜିତ ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଓଡ଼ିଶା ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ କହିଲେ, ଆମ ଭିତରେ ଥିବା ମାନବବୋଧକୁ ଜାଗ୍ରତ କରିବାକୁ ପଡ଼ିବ । ଏବେ ବିଶ୍ୱରେ ସବୁଆଡ଼େ ହିଂସା, ଦ୍ୱେଷ, ଅସହିଷ୍ଣୁତା ବଢ଼ିଚାଲିଛି । ଆମ ଭିତରୁ ମାନବିକ ମୂଲ୍ୟବୋଧ ଧୀରେଧୀରେ ଲୋପ ପାଇଯାଉଛି । ବିଶ୍ୱରେ ଲୋକଙ୍କ ମଧ୍ୟରେ ମାନବବାଦକୁ ଭାରତ ହିଁ କେବଳ ଜାଗ୍ରତ କରାଇପାରିବ । ଆର୍ଟ ଅଫ ଗିଭିଂ ଲୋକଙ୍କ ମଧ୍ୟରେ ମାନବବୋଧକୁ ଜାଗ୍ରତ କରାଉଛି । ସାଧାରଣ ଓ ବ୍ରହ୍ମାଣ୍ଡ କୌଣସି ଅନ୍ତର ନ ରହିବା ହେଉଛି ଆର୍ଟ ଅଫ୍ ଗିଭିଂ । ସ୍ୱର୍ଗକୁ ଭୂପୃଷ୍ଠକୁ ଆଣିବା ହେଉଛି ଆର୍ଟ ଅଫ୍ ଗିଭିଂ । ଅନ୍ୟକୁ ନିଜ ମଧ୍ୟରେ ଦେଖି ଅନ୍ୟକୁ ଖୁସି ଦେଇ ପାରିଲେ ତାହା ହିଁ ବାସ୍ତବରେ ଆର୍ଟ ଅଫ୍ ଗିଭିଂ ବୋଲି ରାଜ୍ୟପାଳ କହିଥିଲେ । ମୁଖ୍ୟବକ୍ତା ଭାବେ ଯୋଗ ଦେଇ ଲୋକ ସେବକ ମଣ୍ଡଳ ଓଡ଼ିଶା ଶାଖାର ସଭାପତି ତଥା ଦୈନିକ 'ସମାଜ'ର ପ୍ରକାଶକ ଓ ମୁଦ୍ରାକର ନିରଞ୍ଜନ ରଥ କହିଲେ, ବର୍ତ୍ତମାନର ବସ୍ତୁବାଦୀ ଦୁନିଆରେ ଦେବା ବଦଳରେ ନେବା ସମସ୍ତଙ୍କର ଏକ ଅଭ୍ୟାସରେ ପରିଣତ ହୋଇଛି । ଦେବାର ଗୁଣ ହେଉଛି ଈଶ୍ୱରପ୍ରଦତ୍ତ । ଆମେ ଏହି ଦେବାର ଗୁଣକୁ ଅଭ୍ୟାସ ପରିଣତ କରିବାକୁ ହେଲେ ଆମକୁ ବହୁ



କଷ୍ଟ ସ୍ୱୀକାର କରିବାକୁ ପଡ଼ିବ । ତେବେ ଆମ ସମସ୍ତଙ୍କୁ ଦେବାର ଗୁଣକୁ ଆପଣାଇବା ପାଇଁ ଉଦ୍ୟମ କରିବା ଆବଶ୍ୟକ । ଅନ୍ୟତମ ଅତିଥି ସ୍ୱାମୀ ଶିବ ଚିଦାନନ୍ଦ ସରସ୍ୱତୀ କହିଲେ ମନୁଷ୍ୟ ଶରୀର କେବଳ ପରୋପକାର ପାଇଁ ଉଦ୍ଦିଷ୍ଟ । ଯାହା ଶାସ୍ତ୍ରରେ ପଢ଼ା ଯାଉଥିଲା ତାହା ଅଚ୍ୟୁତ ସାମନ୍ତ କରି ଦେଖାଇଛନ୍ତି । ଅଚ୍ୟୁତ ସାମନ୍ତଙ୍କ ମଧ୍ୟରେ ମୁଁ ସ୍ୱାମୀ ଶିବାନନ୍ଦଙ୍କୁ ଦେଖିପାରୁଛି ବୋଲି ସେ କହିଥିଲେ । ଦେବା କଳା ସମସ୍ତଙ୍କ ନିକଟରେ ରହିଥାଏ ବୋଲି ଭୁବନେଶ୍ୱର ୟୁନିଟ୍-୧ ସ୍ଥିତ ଶ୍ରୀରାମ ମନ୍ଦିର ସଭାପତି ବାବା ରାମନାରାୟଣ ଦାସ ସମ୍ମାନୀୟ ଅତିଥି ଭାବେ ଯୋଗ ଦେଇ କହିଥିଲେ । ସୃଷ୍ଟି ଆରମ୍ଭରୁ ଦେବା ପ୍ରଥା ରହିଆସିଛି । କଳି ଯୁଗରେ ମଧ୍ୟ ଦେବା ପାଇଁ କୁହାଯାଇଛି । ଦେବାର ଅର୍ଥ ନୁହେଁ କେବଳ ଟଙ୍କା କିମ୍ବା ବସ୍ତୁ ଦାନ । କାହାକୁ ପଦେ ହସି କଥା କହିବା, ଶାନ୍ତ୍ୱନା ଦେଇ କାହାର ଦୁଃଖ ଲାଘବ କରିପାରିଲେ ତାହା ମଧ୍ୟ ଦାନର ଅନ୍ତର୍ଭୁକ୍ତ । ଦେବାରେ ଯେତିକି ଆନନ୍ଦ ରହିଛି, ସେତିକି ମଧ୍ୟ ଆମର କଲ୍ୟାଣ ହୋଇଥାଏ ବୋଲି ରାମ ନାରାୟଣ ଦାସ କହିଥିଲେ । ଏହି ଅବସରରେ ଆର୍ଟ ଅଫ୍ ଗିଭିଂର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ସ୍ୱାଗତ ଭାଷଣ ଦେଇ କହିଲେ, ୨୦୧୩ ମସିହାରୁ ଆରମ୍ଭ କରାଯାଇଥିବା ଏହି ଅଭିଯାନ ଆଜି ଏକ ଜନଆନ୍ଦୋଳନରେ ପରିଣତ ହୋଇଛି । ଚଳିତବର୍ଷର ବିଷୟବସ୍ତୁ ରହିଛି ଆଶା-ଆନନ୍ଦ-ସମ୍ପ୍ରିତି । ଖୁସି ବାଣ୍ଟିଲେ ଅଧିକ ଖୁସି ଲାଗିଥାଏ ବୋଲି ଶ୍ରୀ ସାମନ୍ତ କହିଥିଲେ । ଆର୍ଟ ଅଫ୍ ଗିଭିଂ ଦିବସକୁ ଜାତିସଂଘ ପକ୍ଷରୁ ମାନ୍ୟତା ଦେବା ପ୍ରକ୍ରିୟା ଆରମ୍ଭ ହୋଇଛି ବୋଲି ଶ୍ରୀ ସାମନ୍ତ ସୂଚନା ଦେଇଥିଲେ । ଏହି ଅବସରରେ ସମାଜସେବା ଜରିଆରେ ଆର୍ଟ ଅଫ୍ ଗିଭିଂର ଉଦ୍ଦେଶ୍ୟ ପୂରଣ କରୁଥିବା ବିଶିଷ୍ଟ ସ୍ୱେଚ୍ଛାସେବୀ ରତ୍ନରାଣୀ ସାସମଲ, ଯୁବ ପରିବେଶପ୍ରେମୀ ଶୁଭ୍ରାଂଶୁ ଶତପଥୀ, ସ୍ୱେଚ୍ଛାସେବୀ ସିଲୁ ନାୟକ, ମୟୂରଭଞ୍ଜର ସବାଇଘାସ ଡିଜାଇନର ଉଷାରାଣୀ ନାୟକ ପ୍ରମୁଖଙ୍କୁ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍ ସମ୍ବର୍ଦ୍ଧିତ କରିଥିଲେ । ଅତିଥିମାନଙ୍କ ଦ୍ୱାରା ଆର୍ଟ ଅଫ୍ ଗିଭିଂର ମୁଖପତ୍ର ଉନ୍ମୋଚନ ହୋଇଥିଲା । ଆଜି ଓଡ଼ିଶାର ୩୦ଟି ଜିଲ୍ଲା ସମେତ ଦେଶର ବିଭିନ୍ନ ରାଜ୍ୟ ଓ ପ୍ରମୁଖ ସହର ଏବଂ ବିଭିନ୍ନ ଦେଶରେ ଆର୍ଟ ଅଫ୍ ଗିଭିଂ ଦିବସ ପାଳିତ ହୋଇଯାଇଛି ।

## ୧୫ ହଜାର ପିଲା ଦେଇ ନାହାନ୍ତି ନବମ ପରୀକ୍ଷା

ଭୁବନେଶ୍ୱର ,୧୭।୫(ପି.ଏନ): ମାଟ୍ରିକ୍ ଭଳି ନବମ ଶ୍ରେଣୀ ପରୀକ୍ଷାରେ ବି ହଜାର ହଜାର ପିଲା ଗାଏବ୍ । ୧୪,୯୩୫ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇନଥିବା ଆଜି ନବମ ଶ୍ରେଣୀ ପରୀକ୍ଷା ଫଳ ପ୍ରକାଶ କରିବା ଅବସରରେ ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ଦିଆଯାଇଥିବା ତଥ୍ୟରୁ ଏହା ଜଣାପଡିଛି । ବୋର୍ଡ ପକ୍ଷରୁ ଜାରି କରାଯାଇଥିବା ପ୍ରେସ୍ ରିଲିଜ୍ ରେ ଉଲ୍ଲେଖ କରାଯାଇଛି ଯେ ଏଥର ନବମ ଶ୍ରେଣୀରେ ମୋଟ ୫ ଲକ୍ଷ ୬୬ ହଜାର ୨୬୯ ଜଣ ଛାତ୍ରଛାତ୍ରୀ ଥିଲେ । କିନ୍ତୁ ସେମାନଙ୍କ ମଧ୍ୟରୁ ପରୀକ୍ଷା ଦେଇଥିଲେ ୫ଲକ୍ଷ ୫୧ ହଜାର ୩୩୪ ଜଣ । ଅପରପକ୍ଷରେ ଏତେ ସଂଖ୍ୟକ ଛାତ୍ରଛାତ୍ରୀ ପରୀକ୍ଷା ନଦେବା




ନେଇ ଜିଲ୍ଲା ଶିକ୍ଷାଧିକାରୀମାନଙ୍କୁ ରିପୋର୍ଟ ମଗାଯିବ ବୋଲି ବୋର୍ଡ ପକ୍ଷରୁ କୁହାଯାଇଛି । ମେ' ୩୧ ତାରିଖ ସୁଦ୍ଧା ରିପୋର୍ଟ ଦାଖଲ କରିବାକୁ ସେମାନଙ୍କୁ କୁହାଯିବ । ନାଁ ଲେଖାଇଥିବା ସତ୍ତ୍ୱେ ଏହି ପିଲାମାନେ କାହିଁକି ପରୀକ୍ଷାରେ ଅନୁପସ୍ଥିତ ରହିଲେ, ତା'ର ରିପୋର୍ଟ ଦାଖଲ କରିବାକୁ ସେମାନଙ୍କୁ କୁହାଯିବ ବୋଲି ବୋର୍ଡ ପକ୍ଷରୁ କୁହାଯାଇଛି ।ଅନ୍ୟପକ୍ଷରେ ନବମ ଶ୍ରେଣୀ ପରୀକ୍ଷା ଦେଇଥିବା ୫ ଲକ୍ଷ ୫୧ ହଜାର ୩୩୪ ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୮୭.୨% ପାସ୍ କରିଛନ୍ତି । ୯୦୩୯ ଜଣ ଛାତ୍ରଛାତ୍ରୀ ଏ୧ ଗ୍ରେଡ୍ ପାଇଥିବା ବେଳେ ୫୮,୯୯୧ ଜଣ ଏ୨, ୧ଲକ୍ଷ ୧୮ ହଜାର ୭୯୨ ଜଣ ବି୧, ୧ଲକ୍ଷ ୪୫ ହଜାର ୧୬୩ ଜଣ ବି୨, ୧ଲକ୍ଷ ୯ହଜାର ୫୭୩ ସି, ୪୬ ହଜାର ୯୭୦ ଜଣ ଡି, ୫ ହଜାର ୩୧୦ ଜଣ ଇ , ୨୭ ହଜାର ୩୫୮ ଜଣ ଏଫ(୧) ଓ ୩୦ ହଜାର ୧୩୮ ଜଣ ଏଫ୍(୨) ଗ୍ରେଡ୍ ପାଇଛନ୍ତି । ତେବେ ପରୀକ୍ଷା ଦେଇଥିବା ସମସ୍ତ ଛାତ୍ରଛାତ୍ରୀଙ୍କୁ ଦଶମ ଶ୍ରେଣୀକୁ ଉନ୍ନୀତ କରାଯାଇଛି । କିନ୍ତୁ ଏଫ୍(୨) ଗ୍ରେଡ୍ ପାଇଥିବା ୩୦ ହଜାର ୧୩୮ ଜଣ ଛାତ୍ରଛାତ୍ରୀଙ୍କୁ ନିଜ ସ୍କୁଲରେ ଇମ୍ପ୍ରୁଭମେଂଟ ଟେଷ୍ଟ ଦେବାକୁ ପଡ଼ିବ । ସେମାନେ ଫେଲ୍ ହୋଇଥିବା ପ୍ରତି ବିଷୟରେ କ୍ୱାଲିଫାଇଙ୍ଗ ମାର୍କ (୩୦%) ରଖିବାକୁ ସେମାନଙ୍କୁ ୩ଟି ସୁଯୋଗ ଦିଆଯିବ । ସଂପୃକ୍ତ ସ୍କୁଲ୍ ଗୁଡ଼ିକ ଏହି ପିଲାମାନଙ୍କୁ ମେ' ୩୧ ତାରିଖ ପର୍ଯ୍ୟନ୍ତ ପଢ଼ାଇବେ । ତା'ପରେ ଜୁନ୍ ୧, ୮ ଓ ୧୬ରେ ଇମ୍ପ୍ରୁଭମେଂଟ ଟେଷ୍ଟ କରାଇବେ । ଯେଉଁମାନେ ପ୍ରଥମ ଇମ୍ପ୍ରୁଭମେଂଟ ଟେଷ୍ଟରେ କ୍ୱାଲିଫାଇ ନ କରିବେ ସେମାନେ ଦ୍ୱିତୀୟ ଟେଷ୍ଟ ଦେବେ । ସେଥିରେ ବି କ୍ୱାଲିଫାଇ ନହେଲେ ତୃତୀୟ ଟେଷ୍ଟ ଦେବେ ।ସୂଚନାଯୋଗ୍ୟ, ଚଳିତ ବର୍ଷ ୪୩,୪୮୯ ଜଣ ଛାତ୍ରଛାତ୍ରୀ ମାଟ୍ରିକ୍ ପରୀକ୍ଷା ଦେଇ ନାହାନ୍ତି । ଏହାକୁ ନେଇ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ସ୍କୁଲୱାରି ହିସାବ ମଗାଯାଇଛି ।

## ଉଦ୍ଧାର ହେଲେ ପୂର୍ବତନ ବିଧାୟକ ସରୋଜ ପାଢ଼ୀ: ୫ ଦିନ ହେବ ନିଖୋଜ ଥିଲେ

ଭୁବନେଶ୍ୱର , ୧୭।୫(ପି.ଏନ): ଗଞ୍ଜାମ ଜିଲ୍ଲା ଆସିକାର ପୂର୍ବତନ ବିଧାୟକ ସରୋଜ ପାଢ଼ୀ ବ୍ରହ୍ମପୁରରୁ ଉଦ୍ଧାର ହୋଇଛନ୍ତି । ଗତ ୫ ଦିନ ତଳେ ସେ ଭୁବନେଶ୍ୱର ଘରୁ ନିଖୋଜ ହୋଇଯାଇଥିଲେ । ତାମିଲନାଡୁର ରାମେଶ୍ୱରମ୍ ଠାରୁ ଆସି ବ୍ରହ୍ମପୁରରେ ପହଂଚିବା ପରେ ଶ୍ରୀ ପାଢ଼ୀଙ୍କୁ କମିଶନରେଟ ପୋଲିସ ଠାବ କରିଥିଲା । ତାଙ୍କୁ ଉଦ୍ଧାର କରାଯିବା ପରେ ଭୁବନେଶ୍ୱର ଅଣାଯାଉଥିବା କ୍ୟାପିଟାଲ ଥାନା ଆଇଆଇସି ସୂଚନା ଦେଇଛନ୍ତି ।ସୂଚନାଯୋଗ୍ୟ, ଗତ ୧୨ ତାରିଖ ଦିନ ଶ୍ରୀ ପାଢ଼ୀ ନିଖୋଜ ହେବା ନେଇ ତାଙ୍କ ପୁଅ ସଙ୍ଗୀତ ପାଢୀ ଭୁବନେଶ୍ୱର କ୍ୟାପିଟାଲ ଥାନାରେ ଏତଲା ଦେଇଥିଲେ । ଏତଲାରେ ତାଙ୍କ ପୁଅ ଦର୍ଶାଇଥିଲେ ଯେ, ଶ୍ରୀ ପାଢ଼ୀ ୟୁନିଟ୍-୬ସ୍ଥିତ ରାଧାକ୍ରିଷ୍ଣ ଏନ୍‌କ୍ଲେଭ ଘରୁ ମେ' ୧୨ ତାରିଖ ସକାଳୁ ଘରୁ ବାହାରକୁ ଯାଇଥିଲେ । ଶ୍ରୀ ପାଢ଼ୀଙ୍କ ମୋବାଇଲ୍ ଫୋନ୍ ମଧ୍ୟ ବନ୍ଦ ଆସିଥିଲା । ତାଙ୍କୁ ଅପହରଣ କରାଯାଇଥାଇପାରେ ବୋଲି ପୁଅ ସନ୍ଦେହ ପ୍ରକଟ କରିଥିଲେ । କିନ୍ତୁ ୧୪ ତାରିଖ ରାତି ପାଖାପାଖି ସାଢ଼େ ୯ଟା ସମୟରେ ଏକ ଅଜଣା ନମ୍ବରରୁ କଲ୍ ଆସିଥିଲା । ସେ ତାମିଲ୍‌ନାଡୁ ରାମେଶ୍ୱରମରେ ଥିବା କହିଥିଲେ । କେହି ବ୍ୟସ୍ତ ହୁଅନି ମୁଁ ଦୁଇଦିନରେ ଘରେ ପହଂଚିବି ବୋଲି କହିଥିଲେ ।








# ଟି ଟାଇମ୍

## ଥକ୍କାପଣ ଦୂର କରିବ ପ୍ରୋଟିନ୍ ଖାଦ୍ୟ

ଅଧିକାଂଶ ସମୟ ଲୋକଙ୍କର ଅଭିଯୋଗ ରହିଆସିଛି ଯେ, ସେମାନେ ଅଳ୍ପ କାମ ରେ ଜଲଦି ଥକିପଡ଼ନ୍ତି । କିଛି ବ୍ୟକ୍ତି ଏଭଳି ବି ଅଛନ୍ତି ଯିଏ କିଛି କାମ ନ କରି ମଧ୍ୟ ଥକ୍କା ଅନୁଭବ କରିଥାନ୍ତି । ଶରୀରରେ ଶକ୍ତିର କମି ଫଳରେ ଜଣେ ବ୍ୟକ୍ତି ଥକ୍କା ଅନୁବବ କରିଥାଏ । ତେଣୁ ଶରୀରକୁ ଶକ୍ତିଶାଳୀ ବନାଇବାପାଇଁ ଆପଣ ଆପଣଙ୍କ ଖାଦ୍ୟରେ ଦିନଚର୍ଯ୍ୟାରେ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ । ପୂରା ଦିନ ପାଣି କିମ୍ବା କିଛି ତରଳ ପଦାର୍ଥ ପିଇବା ଉଚିତ୍ । ପାଣି ଶରୀରର ହାନୀକାରକ ତତ୍ତ୍ୱକୁ ବାହାରକୁ ବାହାର କରି ଶାରୀରିକ ପ୍ରଣାଳୀରେ ନୂତନ ଶକ୍ତି ସୃଷ୍ଟି କରିଥାଏ । ସର୍ବତ, ଫଳରସ, ନଡ଼ିଆ ପାଣି ଭଳି ପାଣି ଜିନିଷ ପିଇବା ଉଚିତ୍ । ଶାରୀରିକ ସତେଜ ରହିବା ପାଇଁ ପ୍ରୋଟୀନ୍ ଯୁକ୍ତ ଖାଦ୍ୟ ନିଜ ଖାଦ୍ୟରେ ଗ୍ରହଣ କରିବା ଉଚିତ୍ । କାବ୍ରୋହାଇଡ୍ରେଟ୍ରୁ ଶରୀରକୁ ଶକ୍ତି ମିଳିଥାଏ । ଫଳମାନଙ୍କ ମଧ୍ୟରେ କମଳା, ଆତାବି, ଲିଚି ଆଦି ଖାଇବା ଉଚିତ୍ । ଏଥିରେ ପ୍ରଚୁର ମାତ୍ରାରେ ଗ୍ଲୁକୋଜ ରହିଥାଏ । କ୍ଷୀରରେ ମହୁ ମିଶାଇ ଓ କଦଳୀର ସେକ୍ ପିଇଲେ ଶରୀରକୁ ଭଲ ଶକ୍ତି ମିଳିଥାଏ । ସବୁଠାରୁ ମହତ୍ତ୍ୱପୂର୍ଣ୍ଣ କଥା ହେଉଛି ଆପଣ ପୂରା ଦିନ ଯେତେ କାମ କରିଲେ ମଧ୍ୟ ୭ରୁ ୮ ଘଣ୍ଟାର ନୀଦ ପୂରା କରିବା ଉଚିତ୍ । ଏଭଳି କଲେ ପର ଆପଣଙ୍କୁ ସଠିକ୍ ଶକ୍ତି ମିଳିପାରିବ । ଯେବେ ବି ଥକ୍କାପଣ ଅନୁଭବ ହୁଏ ତେବେ ୧୫ କିମ୍ବା ୨୦ମିନିଟ୍ର ବିଶ୍ରାମ ଯେମିତି ହେଲେ ନେବେ । ନୀଦ ପୂରା ନହେଲେ ଶରୀରର ଓଜନ ମଧ୍ୟ ବଢ଼ିଥାଏ ଓ ଥକ୍କାପଣ ଜଲଦି ଆସିଯାଇଥାଏ ।

## କାଳୀ ଚରଣ ପଟ୍ଟନାୟକ

ଓଡିଆ ନାଟ୍ୟକାର ଓ କବି ଥିଲେ । ସେ ୧୮୯୭ ଡିସେମ୍ବର ୩ ତାରିଖ, ବକୁଳ ଅମାବାସ୍ୟା ଦିନ ବାଙ୍କୀ ସହର ଉପକଣ୍ଠରେ ଥିବା ଖମାରଙ୍ଗା ଗ୍ରାମରେ ପିତା ଦୁର୍ଗାଚରଣ ପଟ୍ଟନାୟକ ଓ ମାତା ରାଧାମାଳୀ ଦେବୀଙ୍କଠାରୁ ଜନ୍ମ ଗ୍ରହଣ କରିଥିଲେ । ସେ ପିତାମାତାଙ୍କର ଦ୍ୱିତୀୟ ସନ୍ତାନ ଥିଲେ । କାଳୀଚରଣଙ୍କ ପିତା ବଡମ୍ବାଗଡର ଦେବାନ ଥିଲେ । କାଳୀଚରଣ ପାରମ୍ପରିକ ଲୀଳା ନାଟକ ପ୍ରଦର୍ଶନ କରି ନିଜର ନାଟ୍ୟକାର ଜୀବନ ଆରମ୍ଭ କରିଥିଲେ ୪ର୍ଥ ଦଶକ ଦେବଳକୁ ସେ ଆଧୁନିକ ମଞ୍ଚ ନାଟକ ଲେଖି ତାହାର ବିପଣନ କରିବା ଆରମ୍ଭ କରିଥିଲେ । ସେଥି ପାଇଁ ୧୯୨୯ ମସିହାରେ "ସାକ୍ଷୀଗୋପାଳନାଟକ ସଂଘ" ଓ ୧୯୩୯ରେ "ଓଡିଶା ଥିଏଟର୍ସ" ନାମରେ ଏକ ରଙ୍ଗମଂଚ ଗଠନ କରି ଓଡିଶା ନାଟକାଭିନୟ ଜଗତର ପ୍ରସାର ଓ ଉନ୍ନତି କରିଥିଲେ । ତାଙ୍କର ଜନପ୍ରିୟ ନଟକ ଗାର୍ଲ ସ୍କୁଲ (୧୯୩୯) ଓଡିଆ ମଞ୍ଚାଭିନୟରେ ନୂତନ ଯୁଗର ଆରମ୍ଭ କରିଥିଲେ । ତାଙ୍କୁ ଆଧୁନିକ ଓଡଆ ନାଟ୍ୟଶାସ୍ତ୍ରର 'ଭରତ ମୁନି' ବୋଲି ମଧ୍ୟ କୁହାଯାଏ । ତାଙ୍କ ପ୍ରଚେଷ୍ଟାରୁ ୧୯୫୮ ମସିହାରେ ଓଡିଶୀ ନୃତ୍ୟ ଶାସ୍ତ୍ରୀୟ ମର୍ଯ୍ୟାଦା ପାଇଥିଲେ । ସେଥି ପାଇଁ ସମସ୍ତ ଓଡିଶୀ ନାଟ୍ୟଗୁରୁ ଓ ନୃତ୍ୟଶିଳ୍ପୀମାନେ ତାଙ୍କୁ ମନେ ରଖିଛନ୍ତି । କାଳୀଚରଣ ତାଙ୍କର ପ୍ରାଥମିକ ଶିକ୍ଷା ଚର୍ଚ୍ଚିକା ପ୍ରାଥମିକ ବିଦ୍ୟାଳୟରେ ସମ୍ପନ୍ନ କରି ଖୋର୍ଦ୍ଧା ଉଚ୍ଚବିଦ୍ୟାଳୟରେ ମାଟ୍ରିକ ପଢ଼ିଥିଲେ । କଟକର ରେଭେନ୍ସା କଲେଜରୁ ସେ ଉଚ୍ଚତର ଶିକ୍ଷା ଗ୍ରହଣ କରିଥିଲେ । ଖୋର୍ଦ୍ଧା ସ୍କୁଲରେ ପଢୁଥିବା ସମୟରେ ସଙ୍ଗୀତ ନାଟକ ପ୍ରତି ଆସକ୍ତ କଳୀଚରଣ ପ୍ରଥମ ସଙ୍ଗୀତଜ୍ଞ ବାସୁଦେବ ମହାପାତ୍ର ଓ ପରେ ଓସ୍ତାଦ୍ ଖାନୁ ଖାଁ, ବନଓ୍ୱାରୀ ମିଶ୍ରଙ୍କ ଭଳି ବିଶାରଦଙ୍କଠାରୁ ଶାସ୍ତ୍ରୀୟ ସଂଗୀତ ଶିକ୍ଷା କରିଥିଲେ । ବାଙ୍କୀର ମହାପର୍ବତ ଦେଖି ମହାପର୍ବତ ନାମକ ଖଣ୍ଡକାବ୍ୟ ଓ କଳଙ୍କ ଭଂଜନମାଳା ନାଟକ ରଚନା କରିବା ପରେ ଶିକ୍ଷକ ପଣ୍ଡିତ କୃପାସିନ୍ଧୁ ହୋତାଙ୍କ ପ୍ରକୃତି ବର୍ଣ୍ଣନା ପାଇଁ ଉପଦେଶ ତାଙ୍କର ରଚନାତ୍ମକ ଦୃଷ୍ଟିଭଙ୍ଗୀରେ ଏକ ଉଲ୍ଲେଖନୀୟ ପରିବର୍ତ୍ତନ ଆଣିଥିଲା । ଗୋବିନ୍ଦଚନ୍ଦ୍ର ଶୂଦ୍ରଦେଓଙ୍କ ସମ୍ପର୍କରେ ଆସି ତାଙ୍କର ନାଟକ ସୁଲଭତା ବିକଶିତ ହୋଇଥିଲା । ୧୯୧୮ ମସିହାରେ ଆଇ.ଏ ପଢ଼ିବାବେଳେ ସେ ପ୍ରଥମ ନାଟକ ଧ୍ରୁବ ରଚନା କରିଥିଲେ ମଧ୍ୟ ତାଙ୍କର ପ୍ରଥମ ସାମାଜିକ ନାଟକ ଥିଲା ୧୯୩୪ ମସିହାରେ ରଚିତ ପ୍ରତିଶେଶଧ । ପ୍ରାୟ ୪୦ ଟି ପୂର୍ଣ୍ଣାଙ୍ଗ ନାଟକ ସହିତ ସେ ରଚନା କରିଯାଇଛନ୍ତି ବହୁ ନୃତ ନାଟିକା, କାବ୍ୟ ନାଟିକା, ଗଳ୍ପ, ଉପନ୍ୟାସ, କବିତା ଆଦି ଅନେକ ଅନବଦ୍ୟ କୃତି ।

## ଦେବୀ ରାଧାଙ୍କ ଜନ୍ମ ରହସ୍ୟ

ବ୍ରହ୍ମବୈବର୍ତ୍ତ ପୁରାଣରେ ଦେବୀ ରାଧାଙ୍କ ଜନ୍ମ ରହସ୍ୟ କଥା ଉଲ୍ଲେଖ କରାଯାଇଛି । ଦେବୀ ରାଧା ଭଗବାନ୍ ଶ୍ରୀକୃଷ୍ଣଙ୍କ ସହ ଗୋଲକରେ ନିବାସ କରୁଥାନ୍ତି । ଥରେ ଗୋଲକରେ ଦେବୀ ସୀତା ନଥିଲେ । ଶ୍ରୀକୃଷ୍ଣ ବିରଜା ନାମକ ପତ୍ନୀଙ୍କ ସହ ବିବାହ କରୁଥିଲେ । କୃଷ୍ଣ ଓ ବିରଜାଙ୍କ ବିବାହର କଥା ରାଧାଙ୍କୁ ସୂଚନା ମିଳିବା ମାତ୍ରେ ସେ ଗୋଲକକୁ ଆସିଲେ । ସେ କୃଷ୍ଣ ଓ ବିରଜାଙ୍କୁ ଦେଖି ରାଗିଯାଇ ଶ୍ରୀକୃଷ୍ଣଙ୍କୁ ଅନେକ କଥା ଶୁଣାଇଲେ । ଯାହାଫଳରେ ଶ୍ରୀକୃଷ୍ଣଙ୍କ ମିତ୍ର ସୁଦାମାଙ୍କୁ କ୍ରୋଧ ଆସିଲା । ସେ କ୍ରୋଧିତ ହୋଇ ଦେବୀ ରାଧାଙ୍କୁ ଅପମାନ କଲେ । ଯାହାଫଳରେ ଦେବୀ ରାଧା ଓ ସୁଦାମା ପରସ୍ପରକୁ ଅଭିଶାପ ଦେଲେ । ସୁଦାମାଙ୍କ ଅଭିଶାପ କଥା ରାଧା ଶ୍ରୀକୃଷ୍ଣଙ୍କୁ କହିଥିଲେ । ଶ୍ରୀକୃଷ୍ଣ ଦେବୀ ରାଧାଙ୍କୁ କହିଥିଲେ ଯେ ପୃଥିବୀରେ ତୁମେ ଗୋକୁଳରେ ଦେବୀ କୀର୍ତ୍ତି ଏବଂ ବୃଷଭାନୁଙ୍କ କନ୍ୟାରୂପେ ଜନ୍ମଗ୍ରହଣ କରିବ । ସେଠାରେ ତୁମର ବିବାହ ରାୟାଣ ନାମକ ଏକ ବୈଶ୍ୟ ସହ ହେବ ଏବଂ ସାଂସାରିକ ଭାବେ ତୁମେ ରାୟାଣଙ୍କ ପତ୍ନୀ ବୋଲି କୁହାଯିବ । ରାୟାଣ ହେଉଛି ମୋର ଏକ ଅଂଶ । ରାଧା ରୂପରେ ତୁମର ମୋର ପ୍ରିୟା ହୋଇ ରହିବ ଏବଂ କିଛି ସମୟ ପାଇଁ ଆମ ମଧ୍ୟରେ ବିଚ୍ଛେଦ ହେବ । ସୁଦାମାଙ୍କ ଅଭିଶାପରେ ଗୋକୁଳରେ ଦେବୀ ରାଧା କୀର୍ତ୍ତି ଏବଂ ବୃଷଭାନୁଙ୍କ କନ୍ୟା ରୂପରେ ଜନ୍ମଗ୍ରହଣ କଲେ ।

# ପୁରାଣ କାହାଣୀ

## ପଂଚବଟୀ ରେ ରାମଚନ୍ଦ୍ର

ଭାରତ ରାମଙ୍କୁ ବହୁତ ଅନୁନୟ ବିନୟ ପୂର୍ବକ ଫେରିଆସିବାକୁ ଏବଂ ରାଜ୍ୟ ଭାର ଗ୍ରହଣ କରିବାକୁ ଆକୁଳ ପ୍ରାର୍ଥନା କଲେ । ମାତ୍ର ରାମ ଭରତଙ୍କ ଅନୁରୋଧ ପ୍ରତ୍ୟାଖାନା କରିଥିଲେ । ରାମ, ସୀତା ଏବଂ ଲକ୍ଷ୍ମଣ ଏହି ବନବାସ ସମୟରେ ଗୋଦାବରୀ ନାଦୀ ତଟରେ ଗମନ କରି ପଞ୍ଚବଟୀ ଠାରେ ଏକ କୁଟୁର ନିର୍ମାଣ କରି ଅବସ୍ଥାନ କଲେ । ସେହି ସମୟରେ ଋଷିମୁନିମାନଙ୍କର ଅନୁରୋଧ କ୍ରମେ ସେମାନେ ଅନେକ ରାକ୍ଷ କୁ ବଧ କରିଥିଲେ । ବିରାଧ ରାକ୍ଷସ ଏମାନଙ୍କ ମଧ୍ୟରେ ପ୍ରଥମ ଥିଲା ।



## ପତ୍ନୀ ଛାଡ଼ି ପଳାଇଲେ ଉପହାରରେ ମିଳୁଛି ଅବିବାହିତ ଝିଅ

ବେଜିଂ ଯଦି କୌଣସି ବ୍ୟକ୍ତିଙ୍କ ପତ୍ନୀ ତାଙ୍କୁ ଛାଡି ଅନ୍ୟ କାହା ସହ ଫେରାର ହୋଇଥାନ୍ତି ତେବେ ଏନେଇ ସ୍ୱାମୀଙ୍କୁ ଚିନ୍ତା କରିବାର ଆଉ ଆବଶ୍ୟକତା ନାହିଁ । କାରଣ ଏଭଳି ସ୍ୱାମୀଙ୍କୁ ଉପହାରରେ ଦିଆଯାଉଛି ଅବିବାହିତ ଝିଅ । ତା' ପୁଣି ପତ୍ନୀ ଛାଡି ପଳାଇବାର ୧ବର୍ଷ ଭିତରେ । ଚୀନର ଏକ ମ୍ୟାରେଜ ବ୍ୟୁରୋ ସଂସ୍ଥା ନିଜ ବିଜ୍ଞାପନରେ ଏହି ଅଫର ଦେଇଛି । ସୋସିଆଲ ମିଡିଆରେ ପ୍ରକାଶିତ ଖବର ଅନୁସାରେ ଚୀନର ଏକ ମ୍ୟାରେଜ



ବ୍ୟୁରୋ ସଂସ୍ଥା ନିଜ ବିଜ୍ଞାପନରେ ଉଲ୍ଲେଖ କରିଛି ଯେ ଯଦି କୌଣସି ଚୀନର ବ୍ୟକ୍ତି ଭିଏତନାମର ମହିଳାଙ୍କୁ ବିବାହ କରିଛନ୍ତି ଏବଂ ଏହି ମହିଳା ତାଙ୍କୁ ଛାଡି ଅନ୍ୟତ୍ର ଘର ବସାଉଛନ୍ତି ତେବେ ଏହାର ପ୍ରତିବଦଳରେ ଉକ୍ତ ବ୍ୟକ୍ତିଙ୍କୁ ଭିଏତ୍ନାମର ଜଣେ ଅବିବାହିତା କନ୍ୟାଙ୍କୁ ମାଗଣାରେ ବିବାହ କରିବାର ସୁବିଧା ପ୍ରଦାନ କରାଯିବ । ୧ବର୍ଷ ଭିତରେ ଏହି ସୁବିଧା ପ୍ରଦାନ କରାଯିବ ବୋଲି ସଂସ୍ଥା ପକ୍ଷରୁ କୁହାଯାଇଛି ।

## ସଉକ ପୂରା କରିବା ପାଇଁ ବିକିଦେଲେ ସମସ୍ତ ସମ୍ପତି

ଟେକ୍ସାସ୍ ସାଧାରଣତଃ ନିଜ ଘର ଓ ପରିବାରର ଆବଶ୍ୟକତା ପାଇଁ ଲୋକେ ଅର୍ଥ ସଂଚୟ କରିଥାନ୍ତି । ହେଲେ ଟେକସାସ୍ରେ ରହୁଥିବା ଜଣେ ଦମ୍ପତ୍ତି ନିଜର ଭ୍ରମଣ ସଉକ ପୂରା କରିବା ପାଇଁ ନିଜ ଘର ସହ ସମସ୍ତ ସମ୍ପତ୍ତିକୁ ବିକ୍ରି କରିଦେଇଛନ୍ତି । ଏହି ଦମ୍ପତ୍ତିଙ୍କର ମଧ୍ୟ ୫ଟି ସନ୍ତାନ ଅଛି । ଏହି ସ୍ୱାମୀ ସ୍ତ୍ରୀ ଜଣଙ୍କ ହେଉଛନ୍ତି ଷ୍ଟିଫେନ୍ ଏବଂ ଜୋର୍ଡାନ୍ । ବର୍ତ୍ତମାନ ସେମାନେ ତୁର୍କୀ ଓ ଅଷ୍ଟ୍ରେଲିଆ ଟୁର୍



କରି ଫେରିଥିଲା ବେଳେ ଖୁବ୍ ଶୀଘ୍ର ଆଣ୍ଟାର୍କଟିକା, ନ୍ୟୁଜଲାଣ୍ଡ ଗସ୍ତରେ ଯିବାର ଯୋଜନାରେ ଅଛନ୍ତି । ପେଶାରେ ଓ୍ୱେବ ଡିଜାଇନର ଥିବା ଷ୍ଟିଫେନ୍ କୁହନ୍ତି ଯେ ମୋ ସ୍ୱାମୀ ଜୋଡାନ୍ଙ୍କର ଭ୍ରମଣ କରିବାର ବଡ଼ ସଉକ ରହିଛି । ସେ ମୋ ସହ ପିଲାମାନଙ୍କୁ ନେଇ ବିଭିନ୍ନ ଦେଶ ଭ୍ରମଣ କରୁଛନ୍ତି । ଏଥିପାଇଁ ଆମେ ଆମର ଘର ଓ ସମସ୍ତ ସମ୍ପତ୍ତି ବିକ୍ରି କରିଦେଇଛୁ । ତେବେ ଭ୍ରମଣ ପରେ ପୁଣି ଥରେ ନୂଆ ଘର ବସାଇବା ଯଦିଓ କଷ୍ଟକର ତଥାପି ଭ୍ରମଣ ସାରିବା ପରେ ହିଁ ଆମେ ଏ ସମ୍ପର୍କରେ ନିଷ୍ପତ୍ତି ନେଉ । ବିଶ୍ୱ ଭ୍ରମଣ ଦ୍ୱାରା ନୂଆ ଭାଷା, ନୂଆ ସଂସ୍କୃତି ସହ ଆମେ ଅବଗତ ହୋଇପାରୁଛୁ ।

## ମହିଳା ଚପଲ ଉଠାଇବାରୁ ପଳାଇଲା କୁମ୍ଭୀର

ସିଡନୀ କୁମ୍ଭୀରଟିଏ ଦେଖିଲେ ଯେକୌଣସି ବ୍ୟକ୍ତିର ମନରେ ଭୟ ସୃଷ୍ଟି ହେବା ସ୍ୱାଭାବିକ । ହେଲେ ଅଷ୍ଟ୍ରେଲିଆର କକାଡୁ ନ୍ୟାସନାଲ ପାର୍କରେ ଏକ ଭିନ୍ନ ଘଟଣା ଦେଖିବାକୁ ମିଳିଛି । ଯେତେବେଳେ ଜଣେ ମହିଳା ଆକ୍ରମଣାତ୍ମକ ଆଭିମୁଖ୍ୟ ରଖିଥିବା ଏକ କୁମ୍ଭୀରକୁ ଚପଲ ଦେଖାଇଲେ ସେତେବେଳେ କୁମ୍ଭୀରଟି ହ୍ରଦ ଭିତରକୁ ପଳାଇଥିଲା । ମହିଳା ଜଣଙ୍କ ପାର୍କରେ ନିଜ କୁକୁର ସହ ବୁଲୁଥିଲା ବେଳେ ପାଖରେ ଥିବା



ଏକ ହ୍ରଦରୁ କିଛି କୁମ୍ଭୀର ତାଙ୍କୁ ଦେଖିବା ସହ ଆକ୍ରମଣ କରିବାର ପରିସ୍ଥିତିକୁ ଆସିଥିଲେ । ଏହାଦେଖି ମହିଳା ଜଣଙ୍କ ବିନା ଡରରେ ଚପଲ ଉଠାଇ ମାରିବାକୁ ଗୋଡାଇଥିଲେ କୁମ୍ଭୀରମାନଙ୍କୁ । ଆଉ କୁମ୍ଭୀରମାନେ ପଳାଇଥିଲେ ହ୍ରଦ ଭିତରକୁ । ଏହି ଘଟଣାଟି ପାର୍କରେ ଲାଗିଥିବା ସିସି ଟିଭି କ୍ୟାମେରାରେ କଏଦ ହୋଇଯାଇଥିଲା । ବର୍ତ୍ତମାନ ଏହି ଭିଡିଓ ସୋସିଆଲ ମିଡିଆରେ ବଡ଼ ଭାଇରାଲ ହୋଇଛି ।

## ଚା'ପତି ବଦଳରେ କୀଟନାଶକ, ୨ମୃତ



ଭଭୁଆ ବିହାରର କେମୁ ଜିଲା କୁଢନି ଥାନାରେ ବିଷାକ୍ତ ଚା' ପିଇ ଦୁଇ ମହିଳାଙ୍କ ମୃତ୍ୟୁ ସହ ୬ଜଣ ଗୁରୁତର ଅବସ୍ଥାରେ ଡାକ୍ତରଖାନାରେ ଚିକିତ୍ସିତ ହେବା ଘଟଣାରେ ପ୍ରକୃତ ତଥ୍ୟ ପଦାକୁ ଆସିଛି । ଚା' ତିଆରି ସମୟରେ ଭୁଲ ବଶତଃ ଚା' ପତି ବଦଳରେ ପକାଯାଇଥିଲା କୀଟନାଶକ । ପୁଲିସର କହିବା ଅନୁସାରେ ସୋତବା ଗ୍ରାମର ଦଶବନ୍ତି ଦେବୀଙ୍କ ଘରକୁ ସୋମବାର କିଛି ଅତିଥି ଆସିଥିଲେ । ରାତ୍ର ଭୋଜନ ସରିବା ପରେ ସମସ୍ତଙ୍କ ପାଇଁ ଚା' ତିଆରି ହୋଇଥିଲା । ହେଲେ ରୋଷେଇ ଘରେ ଥିବା କୀଟନାଶକକୁ ଚା' ପତି ଭାବି ଜଣେ ମହିଳା ପକାଇ ଦେଇଥିଲେ । ଆଉ ଏହା ପିଇବା ପରେ ବିଳମ୍ବିତ ରାତିରେ ଦଶବନ୍ତି ଓ ତାଙ୍କ ଝିଅ ସୀତା କୁଅଁରଙ୍କ ମୃତ୍ୟୁ ହୋଇଥିଲା ।

# ଆଜିର ଭାଗ୍ୟ

**ମେଷ** — ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ । ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟର ସମାଧାନ ହେବ । ଶତ୍ରୁ ବୃଦ୍ଧି ହୋଇପରେ । ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ ।

**ବୃଷ** — ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ୍ୟ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ । ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ । ମହିଳାମାନେ ଅପମାନିତ ହୋଇପରନ୍ତି ।

**ମିଥୁନ** — ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ । ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ । ଆର୍ôଥିକ ସ୍ୱଚ୍ଛଳତା ଓ ବନ୍ଧୁଙ୍କର ସାନ୍ନିଧ ଲାଭରୁ ଖୁସି ହେବେ ।

**କର୍କଟ** — ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ । ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି । ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ । ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ ।

**ସିଂହ** — ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ । ସାମ୍ପତ୍ୟ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ । ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ । ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ ।

**କନ୍ୟା** — ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ । କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ୍ୟ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ । ଆନୁଷ୍ଠାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ ।

**ତୁଳା** — ସ୍ତ୍ରୀଙ୍କର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ । କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁବାଧ ହେବେ । ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ । ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନିତ୍ୱ କରିବେ ।

**ବିଛା** — ଚୁରତାର ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ । ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ । ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ ।

**ଧନୁ** — ପାରିବାରିକ ଅସ୍ଥିରତା ଲାଗି ରହିଥିଲେ ମଧ୍ୟ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମ୍ ହେବ । ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ । ରାଜନୀତିକ ସ୍ତରରେ ଉନ୍ନତି କରିବେ । ମହିଳାମାନେ ପରିବାରର କଥାକୁ ଚିନ୍ତା କରି ଅସ୍ଥିର ହେବେ ।

**ମକର** — କର୍ମକ୍ଷେତ୍ରରେ ଧୀରେ ସୁସ୍ଥେ ଗତି କରିବେ । ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ । ନିଜ ଦୋଷରୁ ନିଜ ପାଇଁ ଅସୁବିଧା ସୃଷ୍ଟି କରିବେ । ମହିଳାମାନେ ଗଠନ ମୂଳକ ପରାମର୍ଶ ପାଇ ଖୁସି ହେବେ ।

**କୁମ୍ଭ** — ସନ୍ତାନମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ରହିବେ । ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କର ସାହାଯ୍ୟ ଲୋଡିବେ । ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପକ ଲାଭବାନ ହେବେ । ମହିଳାମାନଙ୍କର ସ୍ୱାସ୍ଥ୍ୟହାନୀ ଘଟିପାରେ ।

**ମୀନ** — ଦୁଃସାହସିକ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ । ମଜଳିଆ କଥା କହି ବନ୍ଧୁଙ୍କୁ ଆକର୍ଷିତ କରିବେ । କେତେକ କ୍ଷେତ୍ରରେ ଚାପରୁ ସମ୍ମୁଖୀନ ହୋଇପାରନ୍ତି । ସନ୍ତାନଙ୍କ ପାଇଁ ଗୌରାବାନିତ୍ୱ ମନେ କରିବେ ।

## କୃତ୍ରିମ ଜଳପ୍ରପାତ



ଚାଇନା ଅନ୍ତର୍ଗତ ୟୁନାନ ପ୍ରଦେଶର କୁନମିଂରେ ପର୍ଯ୍ୟଟକଙ୍କ ମନୋରଞ୍ଜନ ପାଇଁ ଏକ କୃତ୍ରିମ ଜଳ ପ୍ରପାତ ସୃଷ୍ଟି କରାଯାଇଛି । ଏହାର ଉଚ୍ଚତା ସାଢ଼େ ୧୨ ମିଟର । ଚଉଡା ଚାରି ଶହ ମିଟର । ନିଉଲାନ୍ ନଦୀରେ ପ୍ରବାହିତ ଜଳକୁ ୟୁନାନର ବୃହତ୍ତମ ମଧୁର ଜଳ ହ୍ରଦ ଡିଆନସି ମଧ୍ୟରେ ପ୍ରବେଶ କରାଇ ଏହି ପ୍ରପାତ ସୃଷ୍ଟି କରାଯାଇଛି । ଏହାଦ୍ୱାରା ବନ୍ୟା ବିପ୍ୟାତରୁ ରକ୍ଷା ମିଳିବା ସହ ସହରର ପାନୀୟ ଜଳ ଯୋଗାଣ ବ୍ୟବସ୍ଥାରେ ଉନ୍ନତି ଆସି ପାରିବ । କୃତ୍ରିମ ଜଳ ପ୍ରପାତ ଚାରିପଟେ ଉଦ୍ୟାନ ରହିଛି । ଦୁଇ ବର୍ଷ ତଳେ ଉଭୟ ପ୍ରପାତ ଓ ଉଦ୍ୟାନ ବିକଶିତ କରାଯାଇଛି । ଉକ୍ତ ପ୍ରକଳ୍ପରେ ସତର କୋଟି ମାର୍କିନ୍ ଡଲାର ବ୍ୟୟ ହୋଇଥିବା ପ୍ରକାଶ ।

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ର ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...

ଋଗ୍ ବେଦ ୧୦/୧୯୧/୨-୪

ପର୍ଯ୍ୟବେକ୍ଷକ ସମ୍ପାଦକୀୟ

ଭୁବନେଶ୍ୱର, ୨୦୨୨, ମେ' ୧୮

# ଶ୍ରୀଜଗନ୍ନାଥଙ୍କ ଯାତ୍ରାଧାରାରେ ଚନ୍ଦନ ଯାତ୍ରା





ଶ୍ରୀଜଗନ୍ନାଥଙ୍କ ନାନା ଯାତ୍ରା ବା ମହୋତ୍ସବ ପାଳନ ହୁଏ। କେତେକଙ୍କ ମତରେ ଏହି ଯାତ୍ରା ଛପନ ବା ଅଣଷଠି ପ୍ରକାର ଥିବାବେଳେ ଆଉ କେତେକ ମତରେ ଏହା ବାଷଠି ପ୍ରକାର। ତେବେ ସେମାନଙ୍କ ମଧ୍ୟରେ ଦ୍ୱାଦଶ ଯାତ୍ରା ହିଁ ମୁଖ୍ୟ। ପୁନଶ୍ଚ ଭକ୍ତମାନଙ୍କ ମତରେ ବାରମାସରେ ତେର ଯାତ୍ରା: ବାରମାସେ ତେର ଯାତ୍ରା ଦେଖୁଥିବି ଶ୍ରୀକ୍ଷେତ୍ରେ ହୋଇ ଭିକାରୀ... । ଏହି ଦ୍ୱାଦଶ ଯାତ୍ରା ମଧ୍ୟରୁ ଚନ୍ଦନ ଯାତ୍ରା ଅନ୍ୟତମ। ଏହା ବୈଶାଖ ମାସର ଶୁକ୍ଳପକ୍ଷ ତୃତୀୟା ଅର୍ଥାତ୍ ଅକ୍ଷୟ ତୃତୀୟାଠାରୁ ଆରମ୍ଭ ହୋଇ ଜ୍ୟେଷ୍ଠ କୃଷ୍ଣାଷ୍ଟମୀ ପର୍ଯ୍ୟନ୍ତ ଦୀର୍ଘ ଏକୋଇଶ ଦିନବ୍ୟାପୀ ଅନୁଷ୍ଠିତ ହୁଏ।

ଅକ୍ଷୟ ତୃତୀୟା ଏକ ଶୁଭ ଦିନ। ସବୁ ଅନୁକୂଳର ଏହା ଶ୍ରେଷ୍ଠ ଦିନ। ଏହି ଦିନ ଠାକୁରଙ୍କ ଆଜ୍ଞାମାଳ ପାଇ ରଥକାଠ ଅନୁକୂଳ ହୁଏ। ଏହାମଧ୍ୟ ଭଗବାନ ପର୍ଶୁରାମ ଓ ଜୟଦେବଙ୍କର ଜନ୍ମତିଥି। ଏହିଦିନ ଗଙ୍ଗା ମର୍ତ୍ତ୍ୟାଗମନ କରିଥିଲେ ଏବଂ ରେବତୀଙ୍କ ସହ ବଳଭଦ୍ରଙ୍କର ବିବାହ ହୋଇଥିଲା। ତେବେ ଚନ୍ଦନ ଯାତ୍ରା କାରଣରୁ ଏହା ବିଶେଷ ଗୁରୁତ୍ୱପୂର୍ଣ୍ଣ।

ଅକ୍ଷୟ ତୃତୀୟା ଦିନ ଶ୍ରୀ ଜଗନ୍ନାଥଙ୍କ ବିଜେ ପ୍ରତିମା ମଦନମୋହନଙ୍କ ସହିତ ଭୂଦେବୀ ଓ ଶ୍ରୀଦେବୀ ଗୋଟିଏ ପାଲିଙ୍କିରେ ଏବଂ ରାମକୃଷ୍ଣ ବେନି ମୂର୍ତ୍ତି ଭିନ୍ନ ଏକ ପାଲିଙ୍କିରେ ଚନ୍ଦନ ପୋଖରୀ ବା ନରେନ୍ଦ୍ର ପୁଷ୍କରିଣୀକୁ ନାବକ୍ରୀଡ଼ା ବା ଚାପ ଖେଳପାଇଁ ଗମନ କରନ୍ତି। ଏମାନଙ୍କ ସହିତ ପଞ୍ଚମହାଦେବ ଯଥା; ଶ୍ରୀଲୋକନାଥ, ଯମେଶ୍ୱର, କପାଳମୋଚନ, ମାର୍କଣ୍ଡେଶ୍ୱର ଓ ନୀଳକଣ୍ଠେଶ୍ୱରଙ୍କ ବିଜୟ ପ୍ରତିମାମାନ ମଧ୍ୟ ଯୋଗଦେଇଥାନ୍ତି।

ଚନ୍ଦନ ଯାତ୍ରାର ବିଧି ନେଇ ସ୍କନ୍ଦ ପୁରାଣ ତଥା 'ନିଳାଦ୍ରୀ ମହୋଦୟ'ରେ ଉଲ୍ଲେଖ ଅଛି: ଚନ୍ଦନ ଲେପନ ନେଇ ସ୍କନ୍ଦ ପୁରାଣ କୁହେ-

*"ବୈଶାଖସ୍ୟ ସିତେ ପକ୍ଷେ ତୃତୀୟାକ୍ଷୟ ସଂଜ୍ଞିକା।*
*ତତ୍ର ମାଂ ଲେପୟେଦ୍ ଗନ୍ଧ ଲେପ ନୈରତି ଶୋଭନମ୍।।"*

ସେହିପରି ନାବକ୍ରୀଡ଼ା ନେଇ ନୀଳାଦ୍ରୀ ମହୋଦୟରେ ବର୍ଣ୍ଣିତ ହୋଇଛି-

*"ବୈଶାଖେଚ ସିତେ ପକ୍ଷେ ତୃତୀୟାୟାଂ ଜଗଦ୍ ଗୁରୋଃ*
*ନାବକ୍ରୀଡ଼ା ପ୍ରକୁର୍ବୀତ ସର୍ବ କାମାର୍ଥ ସିଦ୍ଧୟେ।।"*

ପ୍ରଥମେ ବିଗ୍ରହଙ୍କୁ ନୌକାରେ ରଖି ଥରେ ପୁଷ୍କରିଣୀରେ ବୁଲାଇ ଅଣାଯାଏ ଏବଂ ନୌକାରୁ ନେଇ ଜଳକ୍ରୀଡ଼ା ମଣ୍ଡପରେ ଥିବା ଜଳକୁଣ୍ଡରେ ପ୍ରାୟ ତିନି ପ୍ରହର ଯାଏଁ ଜଳଶାୟୀ କରାଯାଏ। ଏ ଜଳରେ ଚନ୍ଦନ ଚର୍ଚ୍ଚିତ ହୋଇଥାଏ। ଏହାପରେ ପୂଜା ଓ ଭୋଗ ଲାଗି ହୁଏ। ଏହି ଉତ୍ସବରେ ଚାରିକୋଣ ଧରି ପୁଷ୍କରିଣୀ ମଧ୍ୟଭାଗରେ ସାତଥର କରି ପାଞ୍ଚଟି ସାତ ଭଉଁରୀ କରାଯାଏ। ଏ ଚାପ ଖେଳ ପାଇଁ ସୁସଜ୍ଜିତ ନୌକାର ବ୍ୟବସ୍ଥା ଥାଏ। ଚାପଖେଳ ବେଳେ ନୃତ୍ୟ, ଗୀତ, ମାର୍ଦ୍ଦଳ ଏବଂ ହରିବୋଲ ହୁଳହୁଳିରେ ଗଗନ ପବନ ପ୍ରକମ୍ପିତ ହୋଇଉଠେ। ନୃତ୍ୟ ପରିବେଷଣରେ ଦେବଦାସୀଙ୍କ ଭୂମିକା ମଧ୍ୟ ଅଛି। ଏହି ଦେବଦାସୀ ନୃତ୍ୟକୁ ଲକ୍ଷ୍ୟକରି ଚନ୍ଦନ ଚମ୍ପୁରେ କବିକଣ୍ଠ ସଦାଶିବ ମିଶ୍ର ଲେଖିଛନ୍ତି :

*"ତୈଲଙ୍ଗ କାହା ଳର ବୋତଥ୍ ଷୀ ତୈର ଭ୍ରଂକଷୈଃ କର୍ଣ୍ଣରସାୟ ନୈଷ୍ଟ। ଦେବାଙ୍ଗ ନା କଣ୍ଠ ବିମୁକ୍ତ ଗୀତଧ୍ୱନୀ ର୍ଜ କ୍ଷ୍ମେତ ୧ଭିନୟେନ ସାର୍ଦ୍ଧମ୍।।"*

ଏ ଚାପ ଦୁଇ ଭାଗରେ ବିଭକ୍ତ: ଦିନ ଚାପ ଓ ରାତି ଚାପ ଦିନ ଚାପ ଖେଳ ପରେ ବିଗ୍ରହଙ୍କ ନିମନ୍ତେ ଉଦ୍ଦିଷ୍ଟ ରହଣି ଗୃହରେ ଅଥବା ଜଳକ୍ରୀଡ଼ା ମଣ୍ଡପରେ ବିଶ୍ରାମ ଦିଆଯାଇ ଚନ୍ଦନ ଚର୍ଚ୍ଚିତ ବେଶଲାଗି କରାଯାଏ। ଏହାପରେ ଅନୁରୂପ ରାତ୍ରି ଚାପ ପରେ ବିଗ୍ରହମାନଙ୍କୁ ମନ୍ଦିରକୁ ଫେରାଇ ଅଣାଯାଏ। ଏହିପରି ନିତିଦିନ ଏକୋଇଶ ଦିନଯାଏଁ ଚାଲେ। ଏହି ଅବସରରେ ବିଗ୍ରହଙ୍କୁ ଯାତ୍ରା ଆରମ୍ଭରୁ ଶେଷଯାଏଁ ନଟବର, ଶ୍ରୀକୃଷ୍ଣ. ରାଜାଧିରାଜ, ବନବିହାରୀ, ବସ୍ତ୍ରହରଣ, ଗୋମତୀ କୃଷ୍ଣ, ଖଟବୋଳି, ଚନ୍ଦ୍ର ନାରାୟଣ, ନାବକେଳି, ରାସମଣ୍ଡଳ, କନ୍ଦର୍ପ ରଥ, ଅଘାସୁରବଧ, ରଘୁନାଥ ଚୈତନ୍ୟ, ଗିରି ଗୋବର୍ଦ୍ଧନ, ଗିରିଧାରୀ, ବସ୍ତ୍ରହରଣ, ଚିନ୍ତାମଣି, ଗଜୋଦ୍ଧାରଣ ବେଶ ଇତ୍ୟାଦି କରାଯାଏ।

ଏହି ସମୟରେ ପୁରୀରେ ସାହିମାନଙ୍କରେ ସୁଆଙ୍ଗ ଇତ୍ୟାଦି ସାହିଯାତ ପରିବେଶକୁ ଆହୁରି ମୁଖରିତ କରିଦିଏ। ଜଗନ୍ନାଥ ସଂସ୍କୃତି ଓ ଧର୍ମ ଓଡ଼ିଶାର ନିଜସ୍ୱ ହେତୁ ଏହାର ପୁରପଲ୍ଲୀରେ ଅନୁରୂପ ଚନ୍ଦନ ଯାତ୍ରାମାନ ଉଦ୍ଦିଷ୍ଟ ଚନ୍ଦନ ପୋଖରୀମାନଙ୍କରେ ଅନୁଷ୍ଠିତ ହୁଏ। ଏଥିରେ ମଧ୍ୟ ରାମ, କୃଷ୍ଣ ବା ମଦନମୋହନଙ୍କ ବିଜେ ପ୍ରତିମାଙ୍କୁ ନୌକା ବିହାରକୁ ନିଆଯାଏ। କେଉଁଠି କେଉଁଠି ଏହାକୁ କେନ୍ଦ୍ରକରି ଭଉଁରୀ ଯାତ୍ରା ହୁଏ। ବାଣ ଫୁଟେ, ସର୍କସ ପଡ଼େ ଏବଂ ନାଚ ତାମସା ହୁଏ। ସାମାଜିକ ଓ ଧାର୍ମିକ ପରମ୍ପରାରେ ଚନ୍ଦନଯାତ୍ରା ଏକ ଆକର୍ଷଣୀୟ ଏବଂ ଉପଭୋଗ୍ୟର ମାହାଲ।

**ବିପିନବିହାରୀ ମହାନ୍ତି**, ଅଧ୍ୟକ୍ଷ, ଓଡ଼ିଶା ଭାଷା ସଂରକ୍ଷଣ ଏବଂ ଗବେଷଣା ପ୍ରତିଷ୍ଠାନ, ବିପିନବିହାରୀ ପାଠାଗାର, ବିକାଶ ନଗର, ଜଟଣୀ, ଶୂନ୍ୟଭାଷ ୯୯୩୮୩୪୪୧୩୮

## ଆଜିର ଅନୁଚିନ୍ତା

*ଯେଉଁ ବିଦ୍ୟା ଆତ୍ମାର ପରିଚୟ ନ ଦିଏ, ସେହି ବିଦ୍ୟା ପଢ଼ି ଲାଭ କ'ଣ ?*

ପାଠକୀୟ ମତାମତ ଓ ପରାମର୍ଶ 'ପର୍ଯ୍ୟବେକ୍ଷକ' ସମ୍ପାଦକଙ୍କ ପାଇଁ ବେଶ୍ ମହତ୍ତ୍ୱପୂର୍ଣ୍ଣ। ତା' ବ୍ୟତୀତ ଆପଣଙ୍କ ଅଞ୍ଚଳର ବିକାଶ କ୍ଷେତ୍ରରେ ଥିବା ସମସ୍ୟା, ଆପଣମାନଙ୍କ ଅଭିଯୋଗ, ଆଶଙ୍କା ଓ ଉଦ୍‌ବେଗ ଆଦି ବିଷୟରେ ଜାଣିବାକୁ ଆମେ ଉଦ୍‌ଗ୍ରୀବ। ଇ-ମେଲ୍ କିମ୍ବା ଫାକ୍ସ ଜରିଆରେ ଆପଣମାନେ ସିଧାସଳଖ ସମ୍ପାଦକଙ୍କ ସହ ଯୋଗାଯୋଗ କରିପାରିବେ।

**E-mail: editorpbkc@gmail.com**
**9853400829 (M), Fax: 0674-2550504**

# ପ୍ରଧାନମନ୍ତ୍ରୀଙ୍କ ୟୁରୋପ ଗସ୍ତ

**ସୌମେନ୍ଦ୍ର ଜେନା**



ମାଇ ମାସର ପ୍ରଥମ ସପ୍ତାହରେ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୟୁରୋପର ତିନୋଟି ରାଷ୍ଟ୍ର ଜର୍ମାନୀ, ଡେନମାର୍କ ଏବଂ ଫ୍ରାନ୍ସ ଗସ୍ତରେ ଯାଇଥିଲେ । କୋରୋନା ପରବର୍ତ୍ତୀ ସକ୍ରୀୟ ସହଯୋଗ, ସୁଦୃଢ଼ ସଂପର୍କ ଏବଂ ଗତିଶୀଳ ବାଣିଜ୍ୟିକ କାରବାରକୁ ଆଗେଇ ନେବା ପାଇଁ ମୋଦିଙ୍କ ଏହି ଗସ୍ତ ବେଶ୍ ଫଳପ୍ରଦ ହୋଇଛି । ପ୍ରଧାନମନ୍ତ୍ରୀଙ୍କ ଏହି ୬୫ ଘଣ୍ଟାର ଗସ୍ତକାଳରେ ୭ଟି ଦେଶର ମୁଖ୍ୟଙ୍କ ସହ ସାକ୍ଷାତ, ୨୫ଟି ଆଲୋଚନା, ୫୦ ବ୍ୟବସାୟୀଙ୍କ ସହ ଆଲୋଚନା, ଭିନ୍ନ ଭିନ୍ନ ରାଷ୍ଟ୍ରରେ ପ୍ରବାସୀ ଭାରତୀୟଙ୍କ ସମ୍ମେଳନ ପରି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ୩ରୁ ୫ ମଇ ୨୦୨୨ ଯାଏଁ ରହିଥିବା ଏହି ଗସ୍ତ ସମୟରେ ପ୍ରଧାନମନ୍ତ୍ରୀ ୟୁରୋପର ପ୍ରମୁଖ ରାଷ୍ଟ୍ରମୁଖ୍ୟଙ୍କୁ ଭେଟି ଆଗାମୀ ଦିନପାଇଁ ବାଣିଜ୍ୟିକ ସହଯୋଗ, ଉତ୍ପାଦନ ଓ ବିତରଣର ବ୍ୟବସ୍ଥା ଉପରେ ଅଧିକ ଦୃଷ୍ଟିଦେବାକୁ କିପରି କାର୍ଯ୍ୟ ହୋଇପାରିବ ତା' ଉପରେ ଅଧିକ ଜୋର ଦେଇଥିଲେ । ଦ୍ୱିପାକ୍ଷିକ ସଂପର୍କ ବୃଦ୍ଧି ସହ ସାଂପ୍ରତିକ ବିଶ୍ୱସଙ୍କଟ, ଆଗାମୀ ଦିନରେ ଶକ୍ତି ସମସ୍ୟାର ସମାଧାନ ପାଇଁ କିପରି କାର୍ଯ୍ୟ କରାଯାଇପାରିବ ସେ ନେଇ ଆଲୋଚନା କରିଥିଲେ । ରୁଷ-ୟୁକ୍ରେନ ଯୁଦ୍ଧ ଜାରି ଥିଲାବେଳେ ଭାରତ ପ୍ରତି ୟୁରୋପର ରାଷ୍ଟ୍ରଗୁଡିକର ଦୃଷ୍ଟିକୋଣ ଭିନ୍ନ ରହିଛି । କାରଣ ଭାରତ ଆମେରିକା-ୟୁରୋପକୁ ସନ୍ତୁଷ୍ଟ କରିବା ସହ ରୁଷିଆ ସହ ପୁରୁଣା ସଂପର୍କକୁ ବଳବତ୍ତର କରି ରଖିବା ଉପରେ ଜୋର ଦେଉଛି । ଜାତିସଂଘଠାରୁ ଭିନ୍ନ ଭିନ୍ନ ମଞ୍ଚ ପର୍ଯ୍ୟନ୍ତ ସବୁଠି ନିଜର ଆଭିମୁଖ୍ୟକୁ ସ୍ପଷ୍ଟ କରିଆସିଛି । ରୁଷ ବିରୋଧରେ କହିବା ପାଇଁ ୟୁରୋପ ରାଷ୍ଟ୍ରଗୋଷ୍ଠୀ ଭାରତ ଉପରେ ଚାପ ପକାଇବାକୁ ଚେଷ୍ଟା କରି ମଧ୍ୟ ସଫଳ ହୋଇପାରିନାହାନ୍ତି ।

ପ୍ରଧାନମନ୍ତ୍ରୀ ଗସ୍ତର ପ୍ରଥମ ଚରଣରେ ବର୍ଲିନ ଗସ୍ତ କରିଥିଲେ । ଜର୍ମାନୀରେ ପହଞ୍ଚିବା ପରେ ମୋଦିଙ୍କୁ ଲାଲ କାର୍ପେଟର ସ୍ୱାଗତ କରାଯାଇଥିଲା । ଜର୍ମାନୀ ଚାନସେଲର ଓଲାଫ୍ ସ୍କଲଜଙ୍କ ସହ ମୋଦିଙ୍କ ସାକ୍ଷାତ ପ୍ରଥମ ଥିଲା । ଗତ ଡିସେମ୍ବର ୨୦୨୧ରେ ଓଲାଫ ଜର୍ମାନୀର ଚାନସେଲର ଦାୟିତ୍ୱ ନେଇଥିଲେ । ବର୍ଲିନର ଫେଡେରାଲ ଚାନସେଲାରୀଠାରେ ମୋଦିଙ୍କୁ ସ୍ୱାଗତ କରାଯାଇ ଗାର୍ଡ ଅଫ ଅନର ଦିଆଯାଇଥିଲା । ଦ୍ୱିପାକ୍ଷିକ ଆଲୋଚନା ପୂର୍ବରୁ ଦୁଇ ରାଷ୍ଟ୍ରର ନେତା ମୁହାଁମୁହିଁ ଆଲୋଚନା କରିଥିଲେ । ଏହାପରେ ଦ୍ୱିପାକ୍ଷିକ ଆଲୋଚନାରେ ପରିବେଶ,ବାଣିଜ୍ୟ, ପୁଞ୍ଜିନିବେଶ, ପ୍ରଦୂଷଣ ମୁକ୍ତ ସହଯୋଗ ଆଦି ବିଷୟ ଆସିଥିଲା । ୟୁକ୍ରେନ ଯୁଦ୍ଧ ଯୋଗୁ ଖାଦ୍ୟ, ଶକ୍ତି, ସାର, ଖାଇବାତେଲ ଆଦି କ୍ଷେତ୍ରରେ ସୃଷ୍ଟି ହୋଇଥିବା ଅଭାବକୁ ନେଇ ଆଲୋଚନା ହୋଇଥିଲା । ଦୁଇ ରାଷ୍ଟ୍ର ମଧ୍ୟରେ ନିରନ୍ତର ବିକାଶ ସଂକ୍ରାନ୍ତରେ ଯେଉଁ ବୁଝାମଣା ସ୍ୱାକ୍ଷରିତ ହୋଇଥିଲା ତଦନୁସାରେ ୨୦୩୦ ମଧ୍ୟରେ ଜର୍ମାନୀ ଭାରତକୁ ୧୦ ବିଲିଅନ ୟୁରୋ ସହାୟତା ଗ୍ରୀନ ଡେଭେଲପମେଣ୍ଟ ପାଇଁ ଦେବାଲାଗି ଘୋଷଣା କରିଥିଲା । ରୁଷ-ୟୁକ୍ରେନ ଯୁଦ୍ଧ ସଂପର୍କରେ ମୋଦି କହିଥିଲେ ଯେ ଏଥିରେ କେହି ବିଜୟୀ ହେବେ ନାହିଁ, ସମସ୍ତେ କ୍ଷତି ସହିବେ । ତେଣୁ ଯୁଦ୍ଧ ବନ୍ଦ ହୋଇ ଶାନ୍ତି ପାଇଁ ଆଲୋଚନା ହେବା ଆବଶ୍ୟକ ।

ୟୁରୋପରେ ଜର୍ମାନୀ ଭାରତର ସବୁଠୁ ବଡ ବାଣିଜ୍ୟିକ ସହଯୋଗୀ ରାଷ୍ଟ୍ର । ଜର୍ମାନୀ ଭାରତରେ ସପ୍ତମ ବଡ ନିବେଶକାରୀ ରାଷ୍ଟ୍ର । ଦୁଇ ଦେଶ ମଧ୍ୟରେ ବାଣିଜ୍ୟ ୨୦୧୯ରେ ୧୯.୩୫ ବିଲିଅନ ୟୁରୋ ରହିଥିଲା । ସଂପ୍ରତି ପ୍ରାୟ ଦୁଇଲକ୍ଷ ଭାରତୀୟ ଜର୍ମାନୀରେ କାର୍ଯ୍ୟରତ ଥିଲା ବେଳେ ୧୭୫୦୦ ଛାତ୍ରଛାତ୍ରୀ ଭିନ୍ନ ଭିନ୍ନ ଶିକ୍ଷାନୁଷ୍ଠାନଗୁଡିକରେ ଶିକ୍ଷାଲାଭ କରୁଛନ୍ତି । ମୋଦିଙ୍କ ସମ୍ମାନରେ ୧୮ଶ ଶତାବ୍ଦୀର ପ୍ରସିଦ୍ଧ ବ୍ରାଣ୍ଡେନବର୍ଗ ଗେଟକୁ ବର୍ଲିନରେ ସଜା ଯାଇଥିଲା । ପ୍ରୁସିଆର ରାଜା ଫ୍ରେଡେରିକ୍ ୱିଲିୟମ ଦ୍ୱିତୀୟଙ୍କ ଆଦେଶକ୍ରମେ ଏହି ଗେଟର ନିର୍ମାଣ ଖ୍ରୀ. ୧୭୮୮ରେ ଆରମ୍ଭ ହୋଇ ଖ୍ରୀ. ୧୭୯୧ରେ ଶେଷ ହୋଇଥିଲା । ଜର୍ମାନୀରେ ରହୁଥିବା ପ୍ରବାସୀ ଭାରତୀୟମାନଙ୍କୁ ମୋଦି ଏକ କାର୍ଯ୍ୟକ୍ରମରେ ସମ୍ବୋଧନ କରିଥିଲେ । ପ୍ରାୟ ଏକ ଘଣ୍ଟାରୁ ଅଧିକ ସମୟ ଧରି ତାଙ୍କ ଭାଷଣରେ ପ୍ରଧାନମନ୍ତ୍ରୀ ମୋଦି ବର୍ତ୍ତମାନର ଶାସନ କାଳରେ ଭାରତର ସଫଳତା, ରାଜନୀତିକ ସ୍ଥିରତା, ବିକାଶର ଗତିଶୀଳତା ବିଷୟ ଉଲ୍ଲେଖକରି ଦେଶରେ ରିଫର୍ମ, ପରଫର୍ମ ଏବଂ ଟ୍ରାନ୍ସଫର୍ମ କିପରି ହୋଇପାରିବ ସେ ସଂପର୍କରେ କହିଥିଲେ । ଭାରତର ଲୋକାଲକୁ ଗ୍ଲୋବାଲ ସ୍ତରକୁ ନେବାଲାଗି ସେ ସମସ୍ତଙ୍କୁ ଆହ୍ୱାନ ଦେଇଥିଲେ । ଯୋଗ, ଆୟୁର୍ବେଦ ପାରମ୍ପରିକ ଔଷଧର ଚାହିଦା ସାରା ବିଶ୍ୱରେ ବଢିବାରେ ଲାଗିଛି । ତେଣୁ ଭାରତୀୟମାନେ ଏସବୁର ଲୋକପ୍ରିୟତା ବୃଦ୍ଧିରେ ସହାୟକ ହେବା ପାଇଁ କହିଥିଲେ । ଜଳବାୟୁ ପରିବର୍ତ୍ତନ, ପ୍ରଦୂଷଣମୁକ୍ତ ଶକ୍ତି ଉତ୍ପାଦନ ଏସବୁ କ୍ଷେତ୍ରରେ କିପରି ରୋଜଗାର ସୁଯୋଗର ସୃଷ୍ଟି ହୋଇଛି ତାହା ଉଲ୍ଲେଖ କରିଥିଲେ ।

ଆଜି ଚୀନ ସହ ଜର୍ମାନୀର ବାଣିଜ୍ୟ ଢେର ଅଧିକ ବଢିଥିଲେ ହେଁ ଜର୍ମାନୀର ମାତ୍ର ୬ ପ୍ରତିଶତ ଜନତା ଚୀନକୁ ପସନ୍ଦ କରିଥା'ନ୍ତି । ଆଗାମୀ ଦିନରେ ରୁଷ ଓ ଚୀନର ବାଣିଜ୍ୟ ଉପରେ କଟକଣା ଲାଗିବାର ସମ୍ଭାବନା ଥିବା ଯୋଗୁ ୟୁରୋପରେ ଭାରତ ପାଇଁ ବାଣିଜ୍ୟ ସୁଯୋଗ ବଢିଛି । ୟୁରୋପୀୟ ୟୁନିଅନକୁ ଚୀନ ଭାଙ୍ଗିବା ପାଇଁ ଉଦ୍ୟମ କରୁଥିବା ନେଇ ଅଭିଯୋଗ କରିଛନ୍ତି ଲିଥୁଆନିଆର ସାଂସଦ ମେଟାସ ମାଲଦେଇକିସ୍ । ଚୀନର ଧମକ ସତ୍ତ୍ୱେ ଲିଥୁଆନିଆର ଭିଲନିୟସଠାରେ ତାଇୱାନର କୂଟନୈତିକ କାର୍ଯ୍ୟାଳୟ ଖୋଲିଛି । ଚୀନ ଏବଂ ରୁଷିଆର ବିରୋଧ ସତ୍ତ୍ୱେ ଭାରତ ମଧ୍ୟ ଲିଥୁଆନିଆରେ ନିଜର କୂଟନୈତିକ କାର୍ଯ୍ୟାଳୟ ଖୋଲିବାକୁ ଘୋଷଣା କରିଛି । ୟୁରୋପରେ ଖାଦ୍ୟାନ୍ନଠାରୁ ତୈଳ ପର୍ଯ୍ୟନ୍ତ ବହୁ କ୍ଷେତ୍ରରେ ଅଭାବ ସୃଷ୍ଟି ହୋଇଛି । ଭାରତ ୟୁରୋପର ଶୂନ୍ୟସ୍ଥାନକୁ ପୂରଣ କରିବାଲାଗି ଏବେଠାରୁ ସକ୍ରିୟ ହୋଇଛି ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦ୍ୱିତୀୟ ଚରଣ ଗସ୍ତ ଥିଲା ଡେନମାର୍କ । ରାଜଧାନୀ କୋପେନ ହେଗେନଠାରେ ମୋଦିଙ୍କୁ ସ୍ୱାଗତ କରିବା ପାଇଁ ଡେନମାର୍କର ପ୍ରଧାନମନ୍ତ୍ରୀ ପ୍ରୋଟୋକଲ୍ ଭାଙ୍ଗି ଲାଲ କାର୍ପେଟ ବିଛାଇ ଅପେକ୍ଷାରେ ରହିଥିଲେ । ଗତବର୍ଷ ଅକ୍ଟୋବର ମାସରେ ଡେନମାର୍କ ପ୍ରଧାନମନ୍ତ୍ରୀ ମେଟେ ଫ୍ରେଡେରିକସେନ ଭାରତ ଗସ୍ତରେ ଆସି ବେଶ୍ ପ୍ରଭାବିତ ହୋଇଥିଲେ । ସେପ୍ଟେମ୍ବର ୨୦୨୦ରେ କୋରୋନା କାଳରେ ଦ୍ୱିପାକ୍ଷିକ ଆଲୋଚନା ଆଭାସୀ ବ୍ୟବସ୍ଥାରେ ହୋଇଥିଲା । ସେତେବେଳେ ରଣନୀତିକ ସହଯୋଗୀ ହେବାପାଇଁ ଆଲୋଚନା ହୋଇଥିଲା । ଡେନମାର୍କ ଭାରତର ପ୍ରସ୍ତାବରେ ରାଜି ହେବା ସହ ସୌର ସାମ୍ମୁଖ୍ୟରେ ଯୋଗଦେବାକୁ ଇଚ୍ଛାପ୍ରକାଶ କରିଥିଲା । ଦ୍ୱିପାକ୍ଷିକ ବାଣିଜ୍ୟ ୨୦୧୬ରେ ୨.୮ ବିଲିଅନ ଡଲାରରୁ ବଢି ୨୦୨୧ରେ ୫ ବିଲିଅନ ଡଲାରରେ ପହଞ୍ଚିଛି । ପବନଶକ୍ତି, ଜଳପରିଚାଳନା, ଜାହାଜ ଚଳାଚଳ, ସ୍ମାର୍ଟସିଟି ଆଦି କ୍ଷେତ୍ରରେ ଡେନମାର୍କ କାର୍ଯ୍ୟକରିବାକୁ ଆଗ୍ରହୀ ରହିଛି । ଭାରତରେ ଡେନମାର୍କର ୨୦୦ରୁ ଅଧିକ ସଂଖ୍ୟକ କମ୍ପାନୀ ଭିନ୍ନ ଭିନ୍ନ ପ୍ରକଳ୍ପରେ କାର୍ଯ୍ୟରତ ରହିଛନ୍ତି ।

କୋପେନ ହେଗେନଠାରେ ରାଣୀ ମାରଗ୍ରେଥେ-୨ ପ୍ରଧାନମନ୍ତ୍ରୀଙ୍କୁ ଏମାଲିଏନ ବର୍ଗ ପ୍ରାସାଦରେ ସ୍ୱାଗତ କରିଥିଲେ । ୮୨ବର୍ଷ ବୟସ୍କା ରାଣୀଙ୍କୁ ମୋଦି ଗୁଜରାଟର ରୋଗାନ ପେଣ୍ଟିଂ ଉପହାର ସ୍ୱରୂପ ପ୍ରଦାନ କରିଥିଲେ । ମୋଦି ଡେନମାର୍କରେ ଚାଲିଥିବା ମେରୁରାଷ୍ଟ୍ରୀୟ ଆଲୋଚନା ପାଇଁ ଉପସ୍ଥିତ ଥିବା ଫିନ୍‌ଲାଣ୍ଡର ପ୍ରଧାନମନ୍ତ୍ରୀ ସାନ୍ନା ମାରିନଙ୍କୁ ରାଜସ୍ଥାନୀ ପିତ୍ତଳର ଚିତ୍ରକଳା ଜୀବନବୃକ୍ଷ, ଡେନମାର୍କର ଯୁବରାଣୀ ମାରୀଙ୍କୁ ବାରାଣସୀର ରୁପାର ପକ୍ଷୀ, ଡେନମାର୍କ ଯୁବରାଜ ଫ୍ରେଡେରିକଙ୍କୁ ଛତିଶଗଡର ଡୋକ୍ରା ଡଙ୍ଗା, ଡେନମାର୍କର ପ୍ରଧାନମନ୍ତ୍ରୀ ମେଟେ ଫ୍ରେଡେରିକସେନଙ୍କୁ କୁଚର ଏମ୍ବ୍ରୋଡୋରୀ ପ୍ରସ୍ତୁତ ଚିତ୍ର, ସ୍ୱିଡେନର ପ୍ରଧାନମନ୍ତ୍ରୀ ମାଗଡେଲେନା ଆଣ୍ଡରସନଙ୍କୁ କାଶ୍ମିରୀ ଶାଲ, ନରୱେର ପ୍ରଧାନମନ୍ତ୍ରୀ ଜୋନାସ ଗହରଷ୍ଟୋରଙ୍କୁ ରାଜସ୍ଥାନୀ ଢାଲ ଉପହାର ଦେଇଥିଲେ । ରାଜପ୍ରାସାଦରେ ମୋଦି ଏବଂ ଅନ୍ୟ ଅତିଥିଗଣଙ୍କୁ ମହାରାଣୀଙ୍କ ପକ୍ଷରୁ ଭୋଜିରେ ଆପ୍ୟାୟିତ କରାଯାଇଥିଲା । ଡେନମାର୍କ ପ୍ରଧାନମନ୍ତ୍ରୀ ନିଜ ବାସଭବନ ମୋଦିଙ୍କୁ ବୁଲାଇ ଦେଖାଇଥିଲେ । ପୁରୀର ରଘୁରାଜପୁରରେ ପ୍ରସ୍ତୁତ ଅଯୋଧ୍ୟା ସଂପର୍କିତ ପଟ୍ଟଚିତ୍ର ତାଙ୍କ କାନ୍ଥରେ ଝୁଲୁଥିବା ଦେଖାଯାଇଥିଲା । ଦୁଇ ନେତା ପ୍ରଧାନମନ୍ତ୍ରୀ ବାସଭବନର ବଗିଚାରେ ଅନେକ ସମୟ ଧରି ବୁଲି ବୁଲି କଥାବାର୍ତ୍ତା ହୋଇଥିଲେ । ଦ୍ୱିପାକ୍ଷିକ ଘୋଷଣାରେ ସହରାଞ୍ଚଳ ଏବଂ ଗ୍ରାମାଞ୍ଚଳରେ ଜଳଯୋଗାଣ, ଭୂତଳ ଜଳର ଆକଳନ, ଜଳପରିଚାଳନା, ନଦୀର ପୁନରୁଦ୍ଧାର ଏବଂ କମ୍ପ୍ୟୁଟରୀକରଣ ସଂକ୍ରାନ୍ତରେ ଅନେକ ପ୍ରଗତି ହୋଇଥିବା କୁହାଯାଇଥିଲା । ବାରାଣାସୀଠାରେ ଏକ ଅତ୍ୟାଧୁନିକ ସ୍ମାର୍ଟ ଗବେଷଣାଗାର ସ୍ୱଚ୍ଛ ନଦୀଜଳ ପାଇଁ ସ୍ଥାପନ, ସ୍ମାର୍ଟ ଜଳସମ୍ବଳ ପରିଚାଳନା କେନ୍ଦ୍ର ସ୍ଥାପନା ପାଇଁ ସ୍ଥିର ହୋଇଥିଲା । ଗୋପାଳନ ଏବଂ ଜାହାଜ ଚଳାଚଳ ପାଇଁ ଦକ୍ଷତା କେନ୍ଦ୍ର ସ୍ଥାପନ ସଂକ୍ରାନ୍ତରେ ଘୋଷଣା ହୋଇଥିଲା । ନରୱେର ପ୍ରଧାନମନ୍ତ୍ରୀ ଜୋନାସ ଗହରଷ୍ଟୋରଙ୍କ ସହ କୋପେନ ହେଗେନଠାରେ ମୋଦିଙ୍କ ସାକ୍ଷାତ ହୋଇଥିଲା । ଅକ୍ଟୋବର ୨୦୨୧ରେ ପ୍ରଧାନମନ୍ତ୍ରୀ ଦାୟିତ୍ୱ ନେବା ପରଠାରୁ ଜୋନାସଙ୍କର ମୋଦିଙ୍କ ସହ ଏହି ସାକ୍ଷାତ ଥିଲା ପ୍ରଥମ । ନରୱେର ଦକ୍ଷତା ସହ ଭାରତରେ ସୁଯୋଗ ଦୁଇଦେଶ ପାଇଁ ସହାୟକ ହେବ ବୋଲି ମୋଦି କହିଥିଲେ । ଦୁଇନେତା ଗ୍ରୀନ ହାଇଡ୍ରୋଜେନ, ମତ୍ସ୍ୟପାଳନ, ବର୍ଷାଜଳ ଅମଳ, ମହାକାଶ ସହଯୋଗ, ସ୍ୱାସ୍ଥ୍ୟ ଓ ସଂସ୍କୃତି, ଦୀର୍ଘକାଳୀନ ଢାଞ୍ଚାଗତ ନିର୍ମାଣରେ ପୁଞ୍ଜିନିବେଶ ସଂକ୍ରାନ୍ତରେ ଆଲୋଚନା କରିଥିଲେ । ଦ୍ୱିତୀୟ ଭାରତ ନର୍ଡିକ ରାଷ୍ଟ୍ର ଆଲୋଚନାରେ ପ୍ରଧାନମନ୍ତ୍ରୀ ମୋଦିଙ୍କ ସହ ଡେନମାର୍କ, ଫିନ୍‌ଲ୍ୟାଣ୍ଡ, ଆଇସଲାଣ୍ଡ, ସ୍ୱିଡେନ ଏବଂ ନରୱେର ପ୍ରଧାନମନ୍ତ୍ରୀ ଯୋଗ ଦେଇଥିଲେ । ବହୁପକ୍ଷୀୟ ସହଯୋଗ, ଜଳବାୟୁ ପରିବର୍ତ୍ତନ, ନବ ସର୍ଜନ, କମ୍ପ୍ୟୁଟରୀକରଣ ଆଦି ବିବିଧ କ୍ଷେତ୍ରରେ ମିଳିତ କାର୍ଯ୍ୟପାଇଁ ଆଲୋଚନା ହୋଇଥିଲା । ଭାରତର ବିଦେଶ ସଚିବ ଭିଏମ କ୍ୱାତ୍ରାଙ୍କ କହିବା ଅନୁସାରେ ମେରୁ ଅଞ୍ଚଳରେ ସହଯୋଗ ଏବଂ ବିକାଶ ପାଇଁ ଚାରିରୁ ପାଞ୍ଚଗୋଟି କ୍ଷେତ୍ରକୁ କେନ୍ଦ୍ରକରି କାର୍ଯ୍ୟ କରିବାକୁ ସ୍ଥିର ହୋଇଛି । ମୋଦି ନର୍ଡିକ ଦେଶଗୁଡିକରେ କାର୍ଯ୍ୟରତ ପ୍ରବାସୀ ଭାରତୀୟଙ୍କ କାର୍ଯ୍ୟକ୍ରମରେ ଯୋଗଦେଇ ଭାଷଣ ଦେଇଥିଲେ । ଜର୍ମାନୀ ପରି ୫୦ମିନିଟରୁ ଅଧିକ ସମୟ ଧରି ମୋଦି ନିଜସ୍ୱ ଶୈଳୀରେ ଭାରତର ବର୍ତ୍ତମାନ, ଆଗାମୀ କାଲିର ଆହ୍ୱାନ, ଭାରତୀୟଙ୍କ ଭୂମିକା ଆଦି ଅନେକ ବିଷୟକୁ ସରଳ ଭାଷାରେ ବୁଝାଇଥିଲେ । ପ୍ରତ୍ୟେକ ପ୍ରବାସୀ ଭାରତୀୟ ପ୍ରତିବର୍ଷ ପାଞ୍ଚଜଣ ଅଣଭାରତୀୟ ଲୋକଙ୍କୁ ଭାରତ ଦର୍ଶନରେ ପଠାଇବାକୁ ଚେଷ୍ଟା କରିବାକୁ ସେ ଉପସ୍ଥିତ ଲୋକମାନଙ୍କୁ କହିଥିଲେ ।

ପ୍ରଧାନମନ୍ତ୍ରୀ ୟୁରୋପ ଗସ୍ତର ଶେଷ ଚରଣରେ ପ୍ୟାରିସରେ ପହଞ୍ଚିବାପରେ ମୋଦିଙ୍କୁ ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ ମାକ୍ରୋନ ପାଛୋଟି ନେଇଥିଲେ । ଫ୍ରାନ୍ସ ରାଷ୍ଟ୍ରପତିଙ୍କ ସହ ଭାରତର ପ୍ରଧାନମନ୍ତ୍ରୀ ମୁହାଁମୁହିଁ ୯୦ ମିନିଟ୍ ଧରି ୟୁକ୍ରେନଠାରୁ ଭାରତ-ପ୍ରଶାନ୍ତ ମହାସାଗରୀୟ କ୍ଷେତ୍ର ପର୍ଯ୍ୟନ୍ତ ଅନେକ ବିଷୟରେ ଆଲୋଚନା କରିଥିଲେ । ଇଲିସି ପ୍ୟାଲେସଠାରେ ଦୁଇନେତାଙ୍କ ମଧ୍ୟରେ ବେଶ୍ ବନ୍ଧୁତ୍ୱପୂର୍ଣ୍ଣ କଥାବାର୍ତ୍ତା ହୋଇଥିଲା । ମୋଦିଙ୍କ ସହ ବିଦେଶମନ୍ତ୍ରୀ ଏସ. ଜୟଶଙ୍କର, ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଏବଂ ସୁରକ୍ଷା ପରାମର୍ଶଦାତା ଆଜିତ ଡୋଭାଲ ଥିବାରୁ ଗୋଟିଏ ସମୟରେ ଭିନ୍ନ ଭିନ୍ନ ମନ୍ତ୍ରିସ୍ତରୀୟ ଆଲୋଚନା ହୋଇପାରିଥିଲା । ୟୁରୋପରେ ବଢୁଥିବା ଇସଲାମିକ ସନ୍ତ୍ରାସ ବିରୋଧୀ ଲଢେଇରେ ଭାରତ ଫ୍ରାନ୍ସର ସବୁଠୁ ନିକଟତର ଦେଶ ଯିଏ କି ଏହି ବିଷୟକୁ ନେଇ ସବୁ ମଞ୍ଚରେ ତିରିଶ ବର୍ଷ ଧରି ବାରମ୍ବାର କହିଆସିଛି । ରାଷ୍ଟ୍ରପତି ମାକ୍ରୋନ ନିର୍ବାଚନରେ ବିଜୟୀ ହେବାପରେ ମୋଦି ହିଁ ପ୍ରଥମ ବିଦେଶୀ ରାଷ୍ଟ୍ରମୁଖ୍ୟ ଯିଏକି ତାଙ୍କୁ ସାକ୍ଷାତ କରିଛନ୍ତି । ଦୁଇନେତାଙ୍କ ମଧ୍ୟରେ ପ୍ରତିରକ୍ଷା, ମହାକାଶ, ବେସାମରିକ ଆଣବିକ ସହଯୋଗ ଆଦି ସମ୍ପର୍କରେ ଆଲୋଚନା ହୋଇଥିଲା । ବିଶ୍ୱ ଖାଦ୍ୟ ସମସ୍ୟା, ଯୋଗାଣରେ ଅସୁବିଧା ସାରର ଅଭାବକୁ କେନ୍ଦ୍ରକରି ଦୁଇନେତା ଉଦ୍‌ବେଗ ପ୍ରକାଶ କରିଥିଲେ ।

କହିବାକୁ ଗଲେ ପ୍ରଧାନମନ୍ତ୍ରୀଙ୍କ ଏହି ତ୍ରିରାଷ୍ଟ୍ରୀୟ ୟୁରୋପ ଗସ୍ତ ବେଶ୍ ସଫଳ ଥିଲା । ପ୍ରଧାନମନ୍ତ୍ରୀଙ୍କ ଏହି ଗସ୍ତର ଚର୍ଚ୍ଚା ଭାରତଠାରୁ ଅଧିକ ପାକିସ୍ଥାନରେ ହେଉଛି । ଗସ୍ତକାଳରେ କୌଣସି ଖବର ସେଠାକାର ଗଣମାଧ୍ୟମରେ ସ୍ଥାନ ପାଇନଥିଲେ ମଧ୍ୟ ଗସ୍ତପର ଚର୍ଚ୍ଚାରେ ପାକ୍ ପ୍ରଧାନମନ୍ତ୍ରୀ ଶାହବାଜ ସରିଫଙ୍କୁ ଏଥିରୁ ବିଦେଶନୀତି ସଂପର୍କରେ ଶିକ୍ଷା କରିବାକୁ ସମୀକ୍ଷକମାନେ କହୁଛନ୍ତି । ସରିଫ ସହାୟତା ମାଗିବା ପାଇଁ ବିଦେଶଗସ୍ତ କରୁଥିବା ସମୟରେ ମୋଦି ବାଣିଜ୍ୟର ବୃଦ୍ଧି ପାଇଁ ଯେପରି ଗସ୍ତ କରୁଛନ୍ତି ତା'ର ଉଚ୍ଚ ପ୍ରଶଂସା କରାଯାଇଛି । ଏପରି ଗସ୍ତପରେ ଜାତିସଂଘଠାରୁ ଆରମ୍ଭକରି ଭିନ୍ନ ଭିନ୍ନ ମଞ୍ଚରେ ରୁଷିଆ-ୟୁକ୍ରେନ ମଧ୍ୟରେ ଚାଲିଥିବା ଯୁଦ୍ଧକୁ କେନ୍ଦ୍ର କରି ଭାରତର ସ୍ଥିତି ସଂପର୍କରେ ଦେଶମାନଙ୍କର ଧାରଣା ନିଶ୍ଚୟ ବଦଳିବ ବୋଲି ଆଶା କରାଯାଇପାରେ ।

*-ଭାରତୀୟ ସମ୍ବାଦ ସେବା (ଭାସ୍)*
*ଭୁବନେଶ୍ୱର-୭୫୧୦୦୩*

# ବୈକୁଣ୍ଠ ସମାନ ଆହା ଅଟେ ସେହି ଘର...

**•••••••ପ୍ରଫେସର ଡାକ୍ତର ଉମେଶଚନ୍ଦ୍ର ପାତ୍ର•••••••**



"ବୈକୁଣ୍ଠ ସମାନ୍ ଆହା ଅଟେ ସେହି ଘର, ପରସ୍ପର ସ୍ନେହ ଯହିଁ ଥାଏ ନିରନ୍ତର"- ଭକ୍ତକବି ମଧୁସୂଦନ ରାଓଙ୍କର ଏହି ଅମୃତମୟ ପଂକ୍ତିରେ ଘରକୁ ବୈକୁଣ୍ଠପୁର ସହ ତୁଳନୀୟ କରାଯାଇଛି। ସତରେ ଘର ହିଁ ସ୍ୱର୍ଗ-ଏହି ପ୍ରାଚୀନ ଲୋକମୁଖର କଥାଟି ବାସ୍ତବିକ ବିଲକ୍ଷଣ। ବୈଦିକ ଭାଷାରେ ବସୁଧୈବ କୁଟୁମ୍ବକମ୍-ଅର୍ଥାତ୍ ଆମ୍ଭେ ସମସ୍ତେ ବିଶ୍ୱବାସୀ ଗୋଟିଏ କୁଟୁମ୍ବ ଅର୍ଥାତ୍ ଗୋଟିଏ ପରିବାର। ଘରର ପ୍ରତିଟି ମୁହୂର୍ତ୍ତ ଅତିବାହିତ ହୋଇଥାଏ ସ୍ନେହ, ଶ୍ରଦ୍ଧା, ତ୍ୟାଗ, ସେବା ଓ ଅତୁଟ ଭଲପାଇବାର ବନ୍ଧନୀରେ। ସୁଖ-ଦୁଃଖ, ଝଡ଼-ଝଞ୍ଜା, ବିଶ୍ୱାସ-ଅବିଶ୍ୱାସ ଭିତରେ ଆଜି ଭାରତୀୟ ପାରିବାରିକ ବ୍ୟବସ୍ଥା ତଥାପି ଅତୁଟ ରଖିଛି ନିଜର ମୂଲ୍ୟବୋଧ ଓ ଗାରିମାକୁ। ପାଶ୍ଚାତ୍ୟ ସଂସ୍କୃତିର ମାୟାରେ ଯଦିଓ କିଛିକାଂଶରେ ଏକାନ୍ନବର୍ତ୍ତୀ ଅବସ୍ଥାକୁ ଆସିଛି ବୋଲି ସମାଜ ବିଜ୍ଞାନୀ ଅଭିଯୋଗ କରନ୍ତି ତଥାପି ପରିବାର ବଜାୟ ରଖିଛି ନିଜର ବିଶ୍ୱାସବୋଧତା, ଅନ୍ୟକୁ ସ୍ନେହ, ପ୍ରେମ ବାଣ୍ଟିବାର ଅମାପ ରଜ୍ଜୁରେ। ଯଥାର୍ଥରେ କୁହାଯାଏ ଘର ହିଁ ସ୍ୱର୍ଗ। ଘର ହିଁ ଦେବତାଙ୍କ ନିବାସ ଦେବାଳୟ। ଯେଉଁଠି ପିତାମାତା ଓ ଗୁରୁଜନଙ୍କ ପରି ଦେବତାମାନେ ବିରାଜିତ। ଆମ ହାତ ପାହାନ୍ତାରେ ଏହି ଜୀବନ୍ତ ଦେବତାମାନେ ଆମ୍ଭମାନଙ୍କୁ ଭଲ ରାସ୍ତା ଦେଖାଇବା ପାଇଁ ସବୁବେଳେ ଆଶୀର୍ବାଦ ପରାମର୍ଶ ଦେଇଥାନ୍ତି। ଘରର ଗୃହକର୍ତ୍ତା ଭାବେ ଯିଏ ଦାୟିତ୍ୱ ସମ୍ପାଦନ କରିଥାନ୍ତି ତାଙ୍କ ଉପରେ ସବୁବେଳେ ଗୁରୁଦାୟିତ୍ୱ ରହିଥାଏ। ଗୃହକର୍ତ୍ତାଙ୍କ ପରାମର୍ଶ, ମତାମତ ଓ ମାର୍ଗଦର୍ଶନରେ ଘରଟି ଚାଲିଲେ କୌଣସି ବିପଦ ଆପଦକୁ ଏହା ସମ୍ମୁଖୀନ ହେବାର ଅବକାଶ ମିଳିନଥାଏ। କଥାରେ ଅଛି-'ସଂସାର ଭିତରେ ଘର କରିଥିଲେ ପଥର ପଡ଼ିଲେ ସହି।' ଅର୍ଥାତ୍ ସଂସାରର ଡଙ୍ଗା ବାହିନେବା ବେଳେ ସୁଖ ଓ ଦୁଃଖର ଜୁଆର ଆଉ ଭଟ୍ଟାକୁ ସମ୍ମୁଖୀନ ହେବାକୁ ପଡ଼ିଥାଏ। କିନ୍ତୁ କୌଣସି ପରିସ୍ଥିତିରେ ଧୈର୍ଯ୍ୟହରା ନହୋଇ ମାନବୀୟ ମୂଲ୍ୟବୋଧକୁ ଆପଣାଇ ସଂସାରର ଦାୟିତ୍ୱବୋଧତାକୁ ସମ୍ପାଦନ କରିବା ହିଁ ଯଥାର୍ଥ ମଣିଷପଣିଆ। ଯୁଗପୁରୁଷୋତ୍ତମ କଳକୀ ବିଗ୍ରହ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ତାଙ୍କ ଦିବ୍ୟ ମାର୍ଗ ଦର୍ଶନରେ କହିଲେ 'ଜଗତରେ ମଣିଷ ଯେତେ ଯାହା ଦୁଃଖ ପାଏ ତାହାର ଅଧିକାଂଶ ହିଁ କାମିନୀ-କାଞ୍ଚନ ପ୍ରତି ଆସକ୍ତିରୁ ଆସେ, ସେ ଦୁଇଟା ପାଖରୁ ଯେତିକି ଦୂରେଇ ରହିବ ସେତିକି ମଙ୍ଗଳ।'

ଆଜିର ବସ୍ତୁ ସର୍ବସ୍ୱ ସମୟରେ ପରିବାରର ଚିତ୍ର ବଦଳିଯାଉଛି। ବ୍ୟସ୍ତବହୁଳ କର୍ମଦାୟିତ୍ୱର ବୋଝ ଭିତରେ ସମସ୍ତେ ପେଶି ହୋଇଯାଉଛନ୍ତି । ପରିବାର ସହ କିଛି ମୁହୂର୍ତ୍ତ ବାଣ୍ଟିବା ପାଇଁ କାହା ପାଖରେ ବି ଆଉ ସମୟ ନାହିଁ। ପିଲାଟିଏ ହେଉ ବା ଗୁରୁଜନ ସମସ୍ତଙ୍କ ସହ ସମୟ ବାଣ୍ଟିବାର ଯେଉଁ ଅନାବିଳ ମମତା ତାହା କ'ଣ କେଉଁଠି କେଉଁ ମୂଲ୍ୟରେ ବି ମିଳିପାରିବ ? ସହରଠାରୁ ଗାଁ ସବୁଠି ଆଜି ପରିବାର ଖାଁ ଖାଁ, ଯେଉଁ ପରିବାରର ଅଗଣାରେ ଦିନ ଥିଲା ଫାଟି ପଡୁଥିଲା ଖୁସିର ଜୁଆର, ଆନନ୍ଦର ଢେଉ ସେଠି ଆଜି ନିସ୍ତବ୍ଧ ନିର୍ଜନତା। ପିଲାମାନେ ବଡ଼ ହେଉଛନ୍ତି, ସେମାନଙ୍କ ପାଠଶାଠ ଆଉ ଚାକିରି ସବୁକିଛି ବାହାରେ ହେଲେ ସମସ୍ତେ ଭୁଲି ଯାଉଛନ୍ତି ପରିବାରକୁ। ସହରରେ ବି ପରିବାର ଅଛି କିନ୍ତୁ ସେ ପରିବାର ଭିତରେ କେତେ ରହିଛି ଆନନ୍ଦ, କେତେ ରହିଛି ଖୁସି ଆଉ ସୁଖର ଖୋଲା ମୁହୂର୍ତ୍ତ ସବୁକୁ? ସୂଚନା ପ୍ରଯୁକ୍ତିର କ୍ରାନ୍ତୀ ସମସ୍ତଙ୍କୁ ଯୋଡ଼ି ଦେଇଛି କମ୍ପ୍ୟୁଟର, ଲାପଟପ୍ ଆଉ ମୋବାଇଲର ମାୟା ଭିତରେ। କିନ୍ତୁ ଏହା ଭିତରେ ଲୁଚି ରହିଛି ପରିବାରକୁ ଖୋଜୁଥିବା ଲୋଡୁଥିବା କିଛି ମଣିଷମାନେ। ବର୍ତ୍ତମାନର ସମାଜ ଓ ପରିବର୍ତ୍ତିତ ସମୟର ସୁଅକୁ ଦେଖିଲେ ଲାଗୁଛି ପରିବାର ସବୁ ଭାଙ୍ଗିଯାଉଛି। ଦିନ ଥିଲା ସର୍ବବୃହତ୍ ଯୌଥ ପରିବାରକୁ ନେଇ ଲୋକମାନେ ଗର୍ବ ଅନୁଭବ କରୁଥିଲେ। ବର୍ତ୍ତମାନ ବି ଅନେକ ସ୍ଥାନରେ ଯୌଥ ପରିବାର ରହିଛନ୍ତି ଯେଉଁଠି ପଚାଶ ଷାଠିଏରୁ ଅଧିକ ସଦସ୍ୟ ଗୋଟିଏ ଛାତ ତଳେ, ଗୋଟିଏ ହାଣ୍ଡିରେ ବି ଖାଉଛନ୍ତି। କାଳନ୍ଦୀ ଚରଣ ପାଣିଗ୍ରାହୀଙ୍କ 'ମାଟିର ମଣିଷ', ବରଜୁ ପ୍ରଧାନଙ୍କ କଥା ଅନୁଯାୟୀ ବିଲରେ ହିଡ଼ ପଡ଼ିନାହିଁ କି ଘରେ ପାଚେରୀ ଉଠିନାହିଁ। ଆଉ ଏହାହିଁ ହେଉଛି ଯୌଥ ପରିବାରର ସବୁଠାରୁ ବଡ଼ ଶ୍ରଦ୍ଧାଶୀଳ ଲକ୍ଷଣ। ତଥାପି କିଛି ଏକାନ୍ନବର୍ତ୍ତୀ ଛୋଟ ଛୋଟ ପରିବାର ରହିଛି। ସମାଜ ବିଜ୍ଞାନର ଭାଷା ପରିବାରର ସଂଜ୍ଞା ଓ ଧାରାକୁ ବଦଳାଇ ଦେଇଛି। ଘର ହିଁ ସ୍ୱର୍ଗ। ଆଉ ଘର ହେଉଛି ସବୁଠାରୁ ଜଣଙ୍କ ପାଇଁ ସୁନ୍ଦର ଓ ସୁରକ୍ଷିତ ଆଶ୍ରୟସ୍ଥଳ। ଘର ପରି ବୈକୁଣ୍ଠ ଏ ସୃଷ୍ଟିରେ ଆଉ କିଛି ହିଁ ନାହିଁ। ତଥାପି ଭୁଲବୁଝାମଣାର ବିଭେଦତା ପରିବାର ଭିତରେ ବେଳେବେଳେ ଦୁଃଖ, ଝଡ଼ ଆଉ ଝଞ୍ଜାର କାଳ ବୈଶାଖୀକୁ ସାମ୍ନା କରିଥାଏ। ତଥାପି କିନ୍ତୁ ବୈକୁଣ୍ଠ ସମାନ ଘର କେବେ ବି ଭାଙ୍ଗି ନଥାଏ। ଭାଇଚାରା, ଭଲ ପାଇବାର ବନ୍ଧନୀ, ଗୁରୁଜନଙ୍କ ପ୍ରତି ସମ୍ମାନ ଓ ଭକ୍ତି, ଲଘୁଜନଙ୍କ ପ୍ରତି ପ୍ରେମ ଓ କର୍ତ୍ତବ୍ୟର ଦାୟିତ୍ୱବୋଧତା ଗୋଟିଏ ରଜ୍ଜୁରେ ସମସ୍ତଙ୍କୁ ବାନ୍ଧିଥାଏ। ପରିବାରର ବାହାରକୁ ଦେଖାଦେଉଥିବା ଝଡ଼ ଦୁଃଖଦ ମୁହୂର୍ତ୍ତରେ ପରିବାରର ସମସ୍ତେ ଗୋଟାଏ ବିଡ଼ାର କାଠ ପରି ବାନ୍ଧି ହୋଇ ଶକ୍ତିଶାଳୀ ହୋଇଯାଇଥାନ୍ତି। ଆଜି ବିଶ୍ୱ ପରିବାର ଦିବସ ଅବସରରେ ବୈକୁଣ୍ଠ ସମାନ ଘରର ମୂଲ୍ୟବୋଧତାକୁ ଅନୁଭବ କରି ପରିବାରର ସମ୍ମାନ, ସଂସ୍କାର ଓ ପରମ୍ପରାକୁ ଉଜ୍ଜୀବିତ କରି ଯଥାର୍ଥ ମାନବୀୟ ଜୀବନକୁ ପ୍ରତିପାଦନ କଲେ ଏହାହିଁ ହେବ ପରିବାର ପ୍ରତି ଶ୍ରେଷ୍ଠ ଦାୟିତ୍ୱବୋଧତା। ପରିଶେଷରେ ବିଶ୍ୱ ପରିବାର ଦିବସ ଅବସରରେ ଯୁଗପୁରୁଷୋତ୍ତମ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କୁ ପ୍ରାର୍ଥନା କରୁଛୁ ସମଗ୍ର ବିଶ୍ୱରେ ପ୍ରତିଟି ପରିବାରରେ ଆନନ୍ଦ ଉଲ୍ଲାସ ଭରି ଉଠୁ। ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କ ଦିବ୍ୟବାଣୀ ଆମ ସମସ୍ତଙ୍କୁ ଆଶୀର୍ବାଦର ପୁଷ୍ପ ବର୍ଷଣ କରୁ- 'ସଦ୍‌ଗୁରୁଙ୍କର ଶରଣାପନ୍ନ ହୁଅ, ସତ୍ ନାମ ମନନ କର, ଆଉ ସତ୍‌ସଙ୍ଗର ଆଶ୍ରୟ ଗ୍ରହଣ କର-ମୁଁ ନିଶ୍ଚୟ କହୁଛି, ତୁମକୁ ଆଉ ତୁମର ଉନ୍ନୟନ ପାଇଁ ଭାବିବାକୁ ହେବନାହିଁ।'






*-ବିଭାଗୀୟ ମୁଖ୍ୟ, ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ, ଦୂରଭାଷ : ୯୪୩୭୦୫୧୯୫୭*




## ପଳାଶବୁଢୀ ବିଶ୍ୱଶାନ୍ତି ମହାଯଜ୍ଞ ଉଦ୍‌ଯାପିତ

ଧର୍ମଶାଳା, ୧୭।୫(ପିଏନ୍): ଧର୍ମଶାଳା ବ୍ଲକ ଗଙ୍ଗାଧରପୁର ପଂଚାୟତ ନୂଆଗାଁସ୍ଥିତ ମା ପଳାଶବୁଢୀ ପୀଠରେ ୧୬ତମ ବିଶ୍ୱଶାନ୍ତି ମହାଯଜ୍ଞ ସୋମବାର ରାତିରେ ଉଦ୍‌ଯାପିତ ହୋଇଯାଇଛି । ଶନିବାର ଠାରୁ ତିନି ଦିନ ବ୍ୟାପି ଆରମ୍ଭ ହୋଇଥିବା ଏହି ଯଜ୍ଞୋତ୍ସବର ପ୍ରଥମ ଦିବସରେ ଶୁଭାଦିବାସ ସହ ନାମଯଜ୍ଞ ଅନୁଷ୍ଠିତ ହୋଇଥିଲା । ରବିବାର ସକାଳୁ ମଙ୍ଗଳ ଆଳତି ସୂର୍ଯ୍ୟପୂଜା, ଗୋପୁଜା ଅନୁଷ୍ଠିତ ହୋଇଥିଲା । ସୋମବାର ଶେଷ ଦିନ ଯଥାବିଧି ପୁଜା କରାଯାଇ ରାତିରେ ପୁର୍ନାହୁତି କରାଯାଇଥିଲା । ବିଶ୍ୱସାନ୍ତି ପାଇଁ ଆୟୋଜିତ ଏହି ଯଜ୍ଞୋତ୍ସବରେ ପ୍ରତ୍ୟେହ ହଜାର ହଜାର ସଂଖ୍ୟାରେ ଶ୍ରଦ୍ଧାଳୁ ଯୋଗଦେଇ ମାଆଙ୍କ ଆଶିଷ ଲାଭ କରିଥିଲେ । ଭକ୍ତମାନଙ୍କ ମନୋରଂଜନ ପାଇଁ ତିନିଦିନ ବ୍ୟାପି ପ୍ରତ୍ୟେକ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ପୁର୍ଣ୍ଣାହୁତିରେ ୨୦ ଲିଟର ବିଶୁଦ୍ଧ ଘିଅ ପୋଡାଯାଇଥିଲା । ଭକ୍ତମାନେ ନିଜର ମନସ୍କାମନା ପୁର୍ଣ୍ଣ ପାଇ ଯଜ୍ଞରେ ଘିଅ ପୋଡିଥିଲେ । କମିଟି ପକ୍ଷରୁ ସଭାପତି ପୁର୍ଣ୍ଣ ଚନ୍ଦ୍ର ରାୟ, ସମ୍ପାଦକ ସୁନିଲ କୁମାର ସ୍ୱାଇଁ, ପ୍ରକାଶ ନାୟକ, ଗୋଲକ ମହାନ୍ତି, ରମେଶ ରାଉତ, ବଟକୃଷ୍ଣ ଧଳ, ସରତ ସ୍ୱାଇଁ,ଉଲ୍ଲାସ ସାମଲ, ଗୁରୁଚରଣ ରାଉତ, ବିନୋଦ ରାୟ, ଅମରେନ୍ଦ୍ର ପାଳ, ଦେବାଶିହ ପରିଡା, ବାବୁ ବରାଳ ଓ ପଦିଆ ସାହୁ ପ୍ରମୁଖ ସଦସ୍ୟମାନେ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।

## ଆଦର୍ଶ ଶିକ୍ଷକଙ୍କୁ ଶ୍ରଦ୍ଧାଞ୍ଜଳି

ଧର୍ମଶାଳା,୧୭।୫(ପିଏନ): ଧର୍ମଶାଳା ବ୍ଲକ ଅନ୍ତର୍ଗତ ସର୍ଖାରୁ ଗ୍ରାମର ଅବସରପ୍ରାପ୍ତ ଆଦର୍ଶ ଶିକ୍ଷକ ଭାସ୍କର ଚରଣ ରାଉତଙ୍କ ଏକାଦଶାହ ଅବସରରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି । ତାଙ୍କ ବାସଭବନରେ ଆୟୋଜିତ ଶ୍ରଦ୍ଧାଞ୍ଜଳି ସଭାରେ ଶିକ୍ଷକ ନେତା ଲୋକେଶ୍ୱର ନାୟକ ସଭାପତିତ୍ୱ କରିଥିଲେ । ଏହି ସଭାରେ ଅତିଥିଭାବେ ସମାଜସେବୀ ଗୋଲକ ପଲେଇ, ଶ୍ରମିକ ନେତା ନୃସିଂହ ଚରଣ ମିଶ୍ର, ଭରତ ଚନ୍ଦ୍ର ଦାସ, ମନମୋହନ ନାୟକ, ଗଜେନ୍ଦ୍ର ଭାରତୀ, ଅମୂଲ୍ୟ ରାଉତ, ରବିନ୍ଦ୍ର ବାହାଳିଆ, ଆଶାଲତା ନାୟକ,ନିତ୍ୟାନନ୍ଦ ବେହେରା ଓ ସନାତନ ଦାସ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ଆତ୍ମାର ସଦଗତି ନିମନ୍ତେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିବା ସହିତ ତାଙ୍କ ଶିକ୍ଷକ ଜୀବନୀ ଉପରେ ଆଲୋକପାତ କରିଥିଲେ । ପ୍ରାରମ୍ଭରେ ତାଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହିତ ୨ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା।

## ଟ୍ରକ ଚାଳକଙ୍କୁ ଆକ୍ରମଣ ଓ ବେଆଇନ ଚାନ୍ଦା ମାଗିବା ଅଭିଯୋଗରେ ୩ ଗିରଫ

ଧର୍ମଶାଳା,୧୭।୫(ପିଏନ): ଧର୍ମଶାଳା ବ୍ଲକ ଜେନାପୁର ଥାନା ଅନ୍ତର୍ଗତ ଥିରା ଠାରେ ଗତକାଲି ରାତିରେ ଟ୍ରକ ଡ୍ରାଇଭରଙ୍କୁ ଆକ୍ରମଣ କରିବା ସହ ବେଆଇନ ଭାବେ ଚାନ୍ଦା ମାଗିବା ଅଭିଯୋଗରେ ପୁଲିସ ୩ ଜଣ ଯୁବକଙ୍କୁ ଗିରଫ କରିଛି । ଖବରରୁ ପ୍ରକାଶ କେଓଁଝର ଜିଲ୍ଲା ସୋସୋ ଥାନା କାମରପୁର ଗ୍ରାମର ଟ୍ରକ ଡ୍ରାଇଭର ଗୌରାଙ୍ଗ ଖମାରୀ ସୋମବାର ରାତିରେ ଓଡି-୦୧-ଏସି-୩୭୩୫ ନଂ ଟ୍ରକରେ ଏଠାରୁ ଚିପ୍ସ ବୋଝେଇ କରି କେଓଁଝର ଫେରୁଥିବା ବେଳେ ଥିରା ଛକ ନିକଟରେ ରାତି ପ୍ରାୟ ୧୨ଟା ସମୟରେ ୩ ଜଣ ଯୁବକ ଟ୍ରକକୁ ଅଟକାଇ ଚାନ୍ଦା ମାଗିବା ସହ ଡ୍ରାଇଭରଙ୍କୁ ମାଡମାରିଥିଲେ । ଏନେଇ ଡ୍ରାଇଭର ଜେନାପୁର ପୁଲିସକୁ ଫୋନ ଯୋଗେ ଜଣାଇଥିଲେ । ଖବର ପାଇ ଜେନାପୁର ପୁଲିସ ଘଟଣା ସ୍ଥଳରେ ପହଞ୍ଚିବା ସମୟରେ ଯୁବକମାନେ ସେଠାରୁ ଫେରାର ହୋଇଯାଇଥିଲେ । ପୁଲିସ ସେମାନଙ୍କୁ ଚିହ୍ନଟ କରି ଥିରା ଛକରୁ କିଛି ଦୂରରୁ ସେମାନଙ୍କୁ ଗିରଫ କରିବା ସହ ସେମାନେ ବ୍ୟବହାର କରିଥିବା ଓଡି-୦୪-ବି-୫୩୫୮ ବାଇକକୁ ଜବତ କରିଥିଲା । ଗିରଫ ଅଭିଯୁକ୍ତ ମାନେ ଏହି ଥାନା ରାଧାକାନ୍ତପୁର ଗ୍ରାମର ସୁବଳ ପ୍ରଧାନ (୨୪), ପପୁ ପ୍ରଧାନ (୨୨) ଓ ପ୍ରହ୍ଲାଦ ପ୍ରଧାନ(୩୦) ବୋଲି ଜଣାପଡିଛି । ଏନେଇ ପୁଲିସ ୧୩୦/୨୨ରେ ଏକ କେଶ ରୁଜୁ କରି ଅଭିଯୁକ୍ତ ମାନଙ୍କୁ ଚଣ୍ଡିଖୋଲ କୋର୍ଟକୁ ଚାଲାଣ କରାଯାଇଥିବା ଥାନା ଅଧିକାରୀ ଉମାକାନ୍ତ ନାୟକ ସୂଚନା ଦେଇଛନ୍ତି।

## ଅଜଣା ଗାଡି ଧକ୍କାରେ ଯୁବକର ମୃତ୍ୟୁ

ଖୋର୍ଦ୍ଧା,୧୬/୫(ପିଏନ):ସୋମବାର ଦିନ ବିଳମ୍ବିତ ସନ୍ଧ୍ୟାରେ ଏକ ଅଜଣା ଗାଡି ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି । ଏ ନେଇ ବେଗୁନିଆ ଥାନାରେ କେସ ରୁଜୁ କରାଯାଇ ପୋଲିସ ଘଟଣାର ତଦନ୍ତ କରୁଛି । ସୂଚନା ମୁତାବକ ଖୋର୍ଦ୍ଧା-ବଲାଙ୍ଗୀର ୫୭ ନମ୍ବର ଜାତୀୟ ରାଜପଥର ପିଚୁକୁଲି-ବିନୋଦପଡା ମଧ୍ୟରେ ପିଚୁକୁଲି ନିକଟରେ ରାସ୍ତା ପାର ହେଉଥିବା ସମୟରେ ଏକ ଅଜଣା ଗାଡି ଧକ୍କାରେ ଦୁର୍ଘଟଣା ଘଟି ମୃତ୍ୟୁବରଣ କରିଥିଲେ । ମୃତକ ଜଣକ ହେଲେ ବେଗୁନିଆ ଥାନା ଅନ୍ତର୍ଗତ ପିଚୁକୁଲି ଗ୍ରାମ ଆଦିବାସୀ ସାହିର କୃଷ୍ଣଣ ନାୟକ (୨୮) ଏହି ଘଟଣାରେ ବେଗୁନିଆ ଥାନାରେ ଅଭିଯୋଗ ପରେ ଶବକୁ ଜବତ କରାଯାଇ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ଆଜି ହସ୍ତାନ୍ତର କରାଯାଇଛି।

## ବାଲେଶ୍ୱରରେ ଉତ୍କଟ ତାତି ବିଜୁଳି ଓ ପାଣି ବିନା ଲୋକେ ଡହଳ ବିକଳ


ବାଲେଶ୍ୱର ,୧୭।୫(ପି.ଏନ): ବାଲେଶ୍ୱର ସହର ଓ ଗ୍ରାମାଞ୍ଚଳରେ ଏବେ ପ୍ରଚଣ୍ଡ ତାତି ବଢ଼ି ଚାଲିଛି । ଘନ ଘନ ବିଜୁଳି କାଟ ଓ ତା ସାଙ୍ଗକୁ ବିଶୁଦ୍ଧ ପାନୀୟ ଜଳ ର ଅଭାବ ଦେଖାଯାଉଛି। ଲୋକେ ଆଶା କରିଥିଲେ କାଳ ବୈଶାଖୀ ର ବାତ୍ୟା ର ପ୍ରଭାବରେ ବର୍ଷା ଆସିବ ଓ ପ୍ରଚଣ୍ଡ ତାତିରୁ ତ୍ରାହି ମିଳିବ । କିନ୍ତୁ ତାହା ହେଲା ନାହିଁ । ଏବେ ସକାଳ ୭ଟା ଠାରୁ ସନ୍ଧ୍ୟା ପର୍ଯ୍ୟନ୍ତ ଉତ୍ତପ୍ତ ରହୁଛି ପରିବେଶ। ସୁଜଳ ଧାରା ଜଳଯୋଜନାରେ ଜଳ ଯୋଗାଣ ପାଇଁ ସହରରେ ପାଇପ ବିଛାଯାଇଥିଲେ ମଧ୍ୟ ପାଣି ମିଳୁନାହିଁ। ଗ୍ରାମାଞ୍ଚଳରେ ବହୁଦ୍ଧ ଜଳ ଯୋଜନା ମଧ୍ୟ ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ ହେଉ ନାହିଁ । ନିୟମିତ ବିଦ୍ୟୁତ୍ ଯୋଗାଣ ନ ଥିବାରୁ ପାଣି କମ୍ପାନି ବୃଷ୍ଟି ଜଳ ସେଚନ ଅକାମୀ ହୋଇପାଡ଼ିଛି । ଏ ସବୁର ସୁଧାର ଦିଗରେ ରାଜନୈତିକ ବ୍ୟକ୍ତି ବିଶେଷଙ୍କ ଠାରୁ ଆରମ୍ଭ କରି ସରକରୀ କଳରେ ଉଦାସିନତା ଲୋକଙ୍କୁ ଅତିଷ୍ଠ କଲାଣି।

## ଯୁବ ପରିବେଶବିତ୍‌ଙ୍କୁ ହତ୍ୟା ଧମକ

ପାରାଦୀପ-,୧୭।୫(ପି.ଏନ): ପାରାଦୀପର ଯୁବ ସମାଜସେବୀ ତଥା ପରିବେଶବିତ୍ ଡ.ଅୟସକାନ୍ତ ରାୟଙ୍କୁ ଓଡିଶା ଫରେଷ୍ଟ ଡେଭଲପମେଂଟ କର୍ପୋରେସନ୍ (ଓଏଫଡିସି)ର କର୍ମଚାରୀମାନେ ହତ୍ୟା ଧମକ ଦେଇଥିବା ନେଇ ପାରାଦୀପ ଆଦର୍ଶ ଥାନାରେ ଅଭିଯୋଗ ହୋଇଛି। ଡ.ରାୟ ହେଉଛନ୍ତି ପାରାଦୀପର ଅଗ୍ରଣୀ ସ୍ୱେଚ୍ଛାସେବୀ ସଙ୍ଗଠନ ପାରାଦୀପ ନାଗରିକ ମଂଚର ସଭାପତି ଦୀର୍ଘ ବର୍ଷ ଧରି ପାରାଦୀପ ତଥା କଟକ, ଜଗତସିଂହପୁର, କେନ୍ଦ୍ରାପଡା ଆଦି ଅଂଚଳରେ ବ୍ୟାପକ ବୃକ୍ଷରୋପଣ କରିଆସୁଛନ୍ତି । ମୁଖ୍ୟତଃ ବଡ ବଡ ପ୍ରକଳ୍ପ ନିମନ୍ତେ ହଟା ଯାଉଥିବା ପୁରୁଣା ଗଛ ଓ ବାତ୍ୟା ଆଦିରେ ଉପୁଡି ପଡୁଥିବା ବଡ ଗଛ ଗୁଡିକର ପୁର୍ନରୋପଣ କରି ବେଶ୍ ଚର୍ଚ୍ଚାରେ ରହି ଆସିଛନ୍ତି । ନୁଆକାଉର ମାର୍କେଟ ସମ୍ମୁଖରେ ବ୍ୟାପକ ବନୀକରଣ କରି ଏକ ନୂଆ ଜଙ୍ଗଲ ସୃଷ୍ଟି କରିଥିଲେ । ବିଶ୍ୱ ପରିବେଶ ଦିବସରେ ଏହି ସ୍ଥାନରେ ବୃକ୍ଷରୋପଣ କାର୍ଯ୍ୟକ୍ରମରେ ପାରାଦୀପ ବିଧାୟକ ଯୋଗ ଦେଇ ବୃକ୍ଷରୋପଣ କରିଥିଲେ।

# ଜାତୀୟ ରେଡକ୍ରସରେ ଓଡିଶା ରେଡକ୍ରସର ବିରଳ କୃତିତ୍ୱ

ଭୁବନେଶ୍ୱର, (ପିଏନ);- ଭାରତୀୟ ରେଡକ୍ରସ ସୋସାଇଟିର ବାର୍ଷିକ ସାଧାରଣ ବୈଠକ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରୀ ଶ୍ରୀଯୁକ୍ତ ହର୍ଷବର୍ଦ୍ଧନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଓଡିଶା ରାଜ୍ୟ ଶାଖା ତରଫରୁ ଅବୈତନିକ ସଚିବ ସୁଶ୍ରୀ ସିଟିଏମ. ସୁଗୁଣା, କୋଷାଧ୍ୟକ୍ଷ ମେଜର ଡ. କଳ୍ପନା ଦାସ, ଯୁବ ରେଡକ୍ରସ ଅଧିକାରୀ ଡ. ଅଜୟ କୁମାର ତ୍ରିପାଠୀ, କନିଷ୍ଠ ରେଡକ୍ରସ ଅଧିକାରୀ ଶ୍ରୀ ଲକ୍ଷ୍ମଣ ସ୍ୱାଇଁ, ସମସ୍ତ ଜିଲ୍ଲାର ଜିଲ୍ଲାପାଳ ବା ସେମାନଙ୍କ ପ୍ରତିନିଧି, ରାଜ୍ୟ କାର୍ଯ୍ୟକାରିଣୀର ସଦସ୍ୟମାନେ ଯୋଗ ଦେଇଥିଲେ । ସୁଶ୍ରୀ ସିଟିଏମ. ସୁଗୁଣା ରାଜ୍ୟରେ କ୍ରିୟାଶୀଳ ସମସ୍ତ ଯୋଜନାର ସଫଳ ରୂପାୟନ ନିମନ୍ତେ ଭାରତୀୟ




ରେଡକ୍ରସ ସୋସାଇଟିର ସହଯୋଗକୁ ବର୍ଣ୍ଣନା କରିବା ସହ ଧନ୍ୟବାଦ ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମରେ ଓଡିଶା ରାଜ୍ୟ ଶାଖା ଜାତୀୟ ସ୍ତରରେ ରେକର୍ଡ ସଂଖ୍ୟକ ୭ଗୋଟି ପୁରସ୍କାର ଗ୍ରହଣ କରି ବିରଳ କୃତିତ୍ୱ ହାସଲ କରିଛନ୍ତି । ସର୍ବାଧିକ ରକ୍ତଦାନ କ୍ଷେତ୍ରରେ ୨୦୧୬-୨୦୧୭, ୨୦୧୭-୨୦୧୮ ବର୍ଷ ନିମନ୍ତେ ତଥା ସର୍ବାଧିକ ଅନୁଦାନ ସଂଗ୍ରହ କ୍ଷେତ୍ରରେ ୨୦୧୬-୨୦୧୭, ୨୦୧୭-୨୦୧୮ ଏବଂ ୨୦୧୮-୨୦୧୯, ବର୍ଷ ନିମନ୍ତେ ଶ୍ରେଷ୍ଠ ରାଜ୍ୟ ଶାଖା ଭାବରେ ଓଡିଶା ସମ୍ମାନୀତ ହୋଇଛି । ଏତତ୍ ବ୍ୟତିତ ବ୍ୟକ୍ତିଗତ ସଫଳତା ନିମନ୍ତେ ସ୍ୱେଚ୍ଛାସେବୀ ଶ୍ରୀମତୀ ଗୀତାଞ୍ଜଳି ପଣ୍ଡା ଓ ମାଲକାନଗିରି ଯୁବ ରେଡକ୍ରସ ପରାମର୍ଶଦାତା ଡ. ରଂଜନ କୁମାର ସ୍ୱାଇଁଙ୍କୁ ଜାତୀୟ ରେଡକ୍ରସ ମେରିଟ ପ୍ରଶଂସାପତ୍ର ପ୍ରଦାନ କରାଯାଇଛି । ଏହି ସମସ୍ତ ସଫଳତା ନିମନ୍ତେ ସମସ୍ତ ସ୍ୱେଚ୍ଛାସେବୀ ତଥା ଯୁବ ରେଡକ୍ରସ, କନିଷ୍ଠ ରେଡକ୍ରସର ସମସ୍ତ କର୍ମକର୍ତ୍ତା, କାର୍ଯ୍ୟାଳୟ କର୍ମଚାରୀମାନଙ୍କୁଅବୈତନିକ ସଚିବ ସୁଶ୍ରୀ ସିଟିଏମ. ସୁଗୁଣା, ସାଧୁବାଦ ଜଣାଇଛନ୍ତି ।

## ଖୋର୍ଦ୍ଧା ଅବକାରୀ ବିଭାଗ ପକ୍ଷରୁ ଚଢାଉ ବିପୁଳ ପରିମାଣର ପୋଚ ଓ ମଦ ଜବତ

ଖୋର୍ଦ୍ଧା, ୧୫/୫(ପିଏନ): ଖୋର୍ଦ୍ଧା ଜିଲ୍ଲା ଅବକାରୀ ବିଭାଗ ପକ୍ଷରୁ ଚଢାଉ କରି ବିପୁଳ ପରିମାଣର ପୋଚ ଓ ଦେଶୀ ମଦ ଜବତ କରାଯାଇଛି ବୋଲି ଅବକାରୀ ବିଭାଗର ଉପନିରୀକ୍ଷକ ଭୈରବ ସାହୁ ସୂଚନା ଦେଇଛନ୍ତି ।ବେଗୁନିଆ ଥାନା ଅନ୍ତର୍ଗତ ସାମନ୍ତରାପୁର ଓ ମଙ୍ଗରାଜପୁର ଅଂଚଳରୁ ୪୨ ଶହ ଲିଟର ପୋଚ ଓ ୨୩୦ ଲିଟର ଦେଶୀ ମଦ ଜବତ ସହ ଆବଶ୍ୟକୀୟ ଉପକରଣ ଗୁଡିକୁ ନଷ୍ଟ କରାଯାଇଛି । ଏହି ଚଢାଉରେ ଅବକାରୀ ବିଭାଗର ଉପ ନିରୀକ୍ଷକ ଭୈରବ ସାହୁ,ଭ୍ରାମ୍ୟମାଣ ଅବକାରୀ ଉପନିରୀକ୍ଷକ ସସ୍ମିତା ହୋତା,ଖୋର୍ଦ୍ଧା ଓଆଇସି ବି ମନୋଜ କୁମାର,ଜଟଣୀ ଓଆଇସି ଗିତାଞ୍ଜଳୀ ବେହେରା ସମେତ ବେଗୁନିଆ କର୍ମଚାରୀ ମାନେ ଅଂଶ ଗ୍ରହଣ କରିଥିଲେ ।

## ୨୦୨୦ ପାଇଁ ପାର୍ବଣ ଅଫର୍ ସହିତ ଏସ୍‌ବିଆଇ କାର୍ଡ ନିଜ ଗ୍ରାହକଙ୍କୁ ଅଧିକ ଉତ୍ସାହ ପ୍ରଦାନ କରୁଛି

ନୂଆଦିଲ୍ଲୀ/ ଭୁବନେଶ୍ୱର,(ପିଏନ): ଭାରତର ସର୍ବବୃହତ କେବଳ କ୍ରେଡିଟ କାର୍ଡ ଜାରି କରୁଥିବା ସଂସ୍ଥା ଏସ୍‌ବିଆଇ କାର୍ଡ ଚଳିତ ପାର୍ବଣ ଋତୁରେ ତାହାର କାର୍ଡଧାରୀଙ୍କ ପାର୍ବଣ ଖୁସି ଅଧିକ ବଢାଇବାକୁ ଯାଉଛି । ପରିବର୍ତ୍ତିତ ଧାରା ଏବଂ ଗ୍ରାହକଙ୍କ ପସନ୍ଦ ମୁତାବକ ସ୍ୱତନ୍ତ୍ର ଭାବରେ ବ୍ୟବସ୍ଥା କରାଯାଇଥିବା ଦେଶର ୨୦୦୦ ସହରରେ ୧୦୦୦ରୁ ଅଧିକ ଅଫର୍ ସହିତ ଏସ୍‌ବିଆଇ କାର୍ଡ ଗ୍ରାହକଙ୍କୁ ସେମାନଙ୍କର ପାର୍ବଣ ଋତୁକାଳୀନ କ୍ରୟ ଅନୁଭୂତିକୁ ଅଧିକ ଉତ୍ସାହପ୍ରଦ କରିବା ପ୍ରୟାସ କରିଛି । ବିବିଧ ରେଞ୍ଜର ଅଫର ମଧ୍ୟରେ ରହିଛି ୩୦୦ରୁ ଅଧିକ ଜାତୀୟ ଏବଂ ୭୦୦ରୁ ଅଧିକ ଆଞ୍ଚଳିକ ତଥା ଅତିମାତ୍ରାରେ ସ୍ଥାନୀୟ ଅଫର୍ । ବିସ୍ତାରିତ ଅଫର ମଧ୍ୟରେ ବିବିଧ ବର୍ଗ ଯଥା ଫେଶନ ଓ ଲାଇଫଷ୍ଟାଇଲ, ଇଲେକଟ୍ରୋନିକ୍ସ, ମୋବାଇଲ, ଅଳଙ୍କାର, ଡିପାର୍ଟମେଠକ୍ଷପ୍ପ;ାଲ ଷ୍ଟୋର ଏବଂ ଭ୍ରମଣ ତଥା ଅନ୍‌ଲାଇନ ମାର୍କେଟପ୍ଲେସ ଆଦି ଅନ୍ତର୍ଭୁକ୍ତ । ଏହି ଅଫର୍ ଦେଶବ୍ୟାପୀ ଆମାଜନ, ବ୍ରାଣ୍ଡ ଫାକ୍ଟରି, କ୍ରୋମା, କାରାଟ୍‌ଲେନ, ଫାବ୍‌ଇଣ୍ଡିଆ, ଫାଷ୍ଟକ୍ରାଏ, ଗ୍ରୋଫର୍ସ, ହୋମସେଠକ୍ଷପ୍ପ;ର, ଲୟଡ୍‌ସ, ମୋର୍ ହାଇପରମାର୍କେଟ, ମୋର୍ ସୁପରମାର୍କେଟ, ପାଠକ୍ଷପ୍ପ;ାଲୁନ୍‌ସ, ସାମସଙ୍ଗ ମୋବାଇଲ ଏବଂ ଟାଟା କ୍ଲିକ୍ ଭଳି ପ୍ରସିଦ୍ଧ ବ୍ରାଣ୍ଡଗୁଡିକରେ ଉପଲବ୍ଧ ହେଉଛି । ଏହି କୌଶଳାତ୍ମକ ସହଭାଗିତା ଗ୍ରାହକଙ୍କୁ ସମସ୍ତ ସପିଙ୍ଗ ବର୍ଗରୁ ଫାଇଦା ଉଠାଇବାକୁ ସମର୍ଥ କରିବ । ଅଫର୍‌ଗୁଡିକ ମଧ୍ୟରେ ଆକର୍ଷଣୀୟ କ୍ୟାସ୍‌ବ୍ୟାକ ଏବଂ ତତ୍‌ସହିତ ୧୦% ପର୍ଯ୍ୟନ୍ତ ତତ୍କ୍ଷଣାତ ରିହାତି ଅନ୍ତର୍ଭୁକ୍ତ । ଏସ୍‌ବିଆଇ କାର୍ଡ ମଧ୍ୟ ଫ୍ଲିପକାର୍ଟର 'ଦି ବିଗ୍ ବିଲିଅନ ଡେଜ୍' ଅନ୍‌ଲାଇନ ସପିଙ୍ଗ ଫେଷ୍ଟିଭାଲର ଏକମାତ୍ର କ୍ରେଡିଟକାର୍ଡ ସହଭାଗି ହୋଇଛି, ଯାହା ଭାରତରେ ଅନ୍ୟତମ ସର୍ବବୃହତ ଅନ୍‌ଲାଇନ ସେଲ୍ ଅଟେ । ଏସ୍‌ବିଆଇ କାର୍ଡ ଗ୍ରାହକମାନେ ନିଜ ଘରେ ବସି ଏହି ଅଫର୍ ଅବଧି ସମୟରେ ଫ୍ଲିପକାର୍ଟରେ ୧୦% ତତ୍କ୍ଷଣାତ ରିହାତି ସହିତ ଅନ୍ୟ ବିବିଧ ଫାଇଦାର ସୁଯୋଗ ପାଇପାରିବେ । ପାର୍ବଣ ଅଫର୍ ସମ୍ପର୍କରେ ଏସ୍‌ବିଆଇ କାର୍ଡର ଏମ୍‌ଡି ଓ ସିଇଓ ଶ୍ରୀ ଅଶ୍ୱିନୀ କୁମାର ତିୱାରୀ କହିଛନ୍ତି, "ପ୍ରତିବର୍ଷ ଅତ୍ୟନ୍ତ ଯତ୍ନର ସହିତ ଡିଜାଇନ କରାଯାଇଥିବା ଜାତୀୟ ଓ ଆଞ୍ଚଳିକ ଅଫରଗୁଡିକ ଜରିଆରେ ଆମ ଗ୍ରାହକଙ୍କୁ ଉନ୍ନତତର ଅନୁଭୂତି ଏବଂ ସେମାନଙ୍କର ପାର୍ବଣ ସପିଙ୍ଗରେ ଯଥାସମ୍ଭବ ଅଧିକ ସଞ୍ଚୟ କରିବା ସୁଯୋଗ ପ୍ରଦାନ କରିବାକୁ ଆମେ ପ୍ରୟାସ କରିଆସୁଛୁ । ଚଳିତ ବର୍ଷ ଆମେ ଜାତୀୟ ଓ ସ୍ଥାନୀୟ ବ୍ୟବସାୟୀ, ଉଭୟ ଷ୍ଟୋର ମଧ୍ୟରେ ଏବଂ ଅନ୍‌ଲାଇନରେ ଦେଶର ୨୦୦୦ ସହରରେ ୧୦୦୦ରୁ ଅଧିକ ଅଫର୍ ପ୍ରଦାନ କରୁଛୁ, ଯଦ୍ଦ୍ୱାରା ଆମର କାର୍ଡଧାରୀମାନେ ସମସ୍ତ ବର୍ଗରେ ବିପୁଳ ଫାଇଦା ପାଇବାକୁ ସମର୍ଥ ହେବେ । ଏଥିସହିତ ପାର୍ବଣ ସମୟର କ୍ରୟକୁ ଅଧିକ ସୁଲଭ କରିବା ସକାଶେ ଏସ୍‌ବିଆଇ କାର୍ଡ ଗ୍ରାହକମାନେ ୧.୩ ଲକ୍ଷରୁ ଅଧିକ ଷ୍ଟୋରରେ ଇଏମ୍‌ଆଇରେ କିଣାକିଣି କରିବାର ସୁଯୋଗ ନେଇପାରିବେ । କୌଣସି ଅଧିକ ମୂଲ୍ୟ ବିନା ଇଏମ୍‌ଆଇ ସୁବିଧା ଅଧିକ ମୂଲ୍ୟବିଶିଷ୍ଟ ଏବଂ ଲୋକପ୍ରିୟ ଇଲେକଟ୍ରୋନିକ୍ସ ତଥା ମୋବାଇଲ ବ୍ରାଣ୍ଡ୍‌ଗୁଡିକ ନିମନ୍ତେ ମଧ୍ୟ ଉପଲବ୍ଧ ହେଉଛି । ଏହି ଅଫରଗୁଡିକ ଜରିଆରେ ଆମେ ଆମ ଗ୍ରାହକଙ୍କ ପାଇଁ ଏକ ନିରାପଦ ଏବଂ ଲାଭପ୍ରଦ ସପିଙ୍ଗ ଅନୁଭୂତି ପ୍ରଦାନ କରିବା ନେଇ ବହୁତ ଖୁସି ଏବଂ ତାହାଦ୍ୱାରା ସେମାନଙ୍କର ଉତ୍ସବ ପାଳନ ଅଧିକ ଆନନ୍ଦମୟ କରିପାରୁଛୁ ।" ଜାତୀୟସ୍ତରର ଅଫର୍ ସହିତ ଏସ୍‌ବିଆଇ କାର୍ଡ ମଧ୍ୟ କ୍ଷୁଦ୍ର ସହର ଓ ନଗରଗୁଡିକରେ ଗ୍ରାହକଙ୍କ ପାଇଁ ଅନେକ ଅଞ୍ଚଳଭିତ୍ତିକ ଏବଂ ଅତିମାତ୍ରାରେ ସ୍ଥାନୀୟ ଅଫର୍ ପ୍ରସ୍ତୁତ କରିଛି । ଉଦାହରଣସ୍ୱରୂପ ଏସ୍‌ବିଆଇ କାର୍ଡ ଦୁର୍ଗାପୂଜା ଓ ନବରାତ୍ରି ଉତ୍ସବ ପାଳନ ସମୟରେ ଆଞ୍ଚଳିକ ବ୍ରାଣ୍ଡ୍‌ଗୁଡିକ ସହିତ ସହଭାଗିତା କରିଛି ଯାହା ୧୭ଟି ସହରରେ ୧୧୦୦ରୁ ଅଧିକ ଷ୍ଟୋରରେ ୧୨୦ରୁ ଅଧିକ ରିହାତି ଅଫର୍ ସହିତ କ୍ୟାସ୍‌ବ୍ୟାକ ଅଫର, ୪୬ଟି ସହରରେ ୧୦%ରୁ ୫୫% ପର୍ଯ୍ୟନ୍ତ ୭୦୦ରୁ ଅଧିକ ଅତିମାତ୍ରାରେ ସ୍ଥାନୀୟ ଅଫର୍ ଜରିଆରେ ଗ୍ରାହକଙ୍କୁ ମହାନ ସଞ୍ଚୟ ଯୋଜନାର ଫାଇଦା ଉଠାଇବାକୁ ସମର୍ଥ କରିବ । ଏଥିସହିତ ସୁଲଭତା ନିଶ୍ଚିତ କରିବା ପାଇଁ ଏସବିଆଇ କାର୍ଡ ଗ୍ରାହକମାନେ ୮୪୫୦୦ ବ୍ୟବସାୟ ପ୍ରତିଷ୍ଠାନ ଏବଂ ୧.୩ ଲକ୍ଷରୁ ଅଧିକ ଷ୍ଟୋରରେ ଇଏମ୍‌ଆଇ ସୁବିଧା ପାଇପାରିବେ । ପୁନଶ୍ଚ ଇଲେକଟ୍ରୋନିକ୍ସ ଓ ମୋବାଇଲ ବର୍ଗରେ ୧୪ଟି ବ୍ରାଣ୍ଡ୍ ନିମନ୍ତେ କୌଣସି ଅତିରିକ୍ତ ଖର୍ଚ୍ଚ ବିନା ଇଏମ୍‌ଆଇ ସୁବିଧା ନେଇପାରିବେ ।

## ଖାତାବୁକ୍ ମାଇଁଷ୍ଟୋର୍ ଆପ୍ ପକ୍ଷରୁ ମାତ୍ର ୧୫ ମିନିଟ୍‌ରେ ବ୍ୟବସାୟୀଙ୍କୁ ଅନ୍‌ଲାଇନ୍ ବ୍ୟବସାୟ କରିବାର ସୁବିଧା ପ୍ରଦାନ

ଭୁବନେଶ୍ୱର: ଭାରତର ଦ୍ରୁତ ଅଭିବୃଦ୍ଧିଶୀଳ ଫିନ୍‌ଟେକ୍ ଷ୍ଟାର୍ଟ-ଅପ୍, ଖାତାବୁକ୍ ଏବେ ଆଣ୍ଡ୍ରଏଡ୍‌ରେ ଏହାର 'ମାଇଁଷ୍ଟୋର୍' ଆପ୍‌ର ଶୁଭାରମ୍ଭ କରିଛି । ସହଜ ସାଇନ୍-ଅପ୍ ପ୍ରକ୍ରିୟା ସହିତ ଏହା ହେଉଛି ଏକ ଅନ୍ତର୍ନିହିତ ଓ ସୁରକ୍ଷିତ ଇଂଟରଫେସ୍ ବିଶିଷ୍ଟ ଆପ୍, ଯାହାକି ବ୍ୟବସାୟୀମାନଙ୍କୁମାତ୍ର ୧୫ ମିନିଟ୍ ମଧ୍ୟରେ ସେମାନଙ୍କର ଅନ୍‌ଲାଇନ୍ ବ୍ୟବସାୟ ଆରମ୍ଭ କରିବାରେ ସାହାଯ୍ୟ କରିଥାଏ । ଖାତାବୁକ୍‌ର 'ମାଇଁଷ୍ଟୋର୍' ଆପ୍ ୧୩ଟି ଭାରତୀୟ ଭାଷାରେ ଉପଲବ୍ଧ ଯାହା ବ୍ୟବହାରର ସହଜତା ଓ ସର୍ବଭାରତୀୟ ଗ୍ରହଣୀୟତାକୁ ସୁନିଶ୍ଚିତ କରୁଛି । ଏହି ଆପ୍ ବ୍ୟବସାୟୀମାନଙ୍କୁ ସାମାଜିକ ଦୂରତା ନିୟମ ବଜାୟ ରଖି ବ୍ୟବସାୟ ଜାରି ରଖିବାକୁ ସକ୍ଷମ କରିଥାଏ । ମାଇଁଷ୍ଟୋର୍ ଆପ୍‌କୁ ପୂର୍ବରୁ ଦେଶର ୨୫ ଲକ୍ଷରୁ ଅଧିକ ବ୍ୟବସାୟୀ ଇନ୍‌ଷ୍ଟଲ କରିଛନ୍ତି । ଏହି ଆପ୍‌ରେ ଫ୍ଲାଗସିପ୍ ବା ମୂଳ ଖାତାବୁକ୍ ଆପ୍‌ର ୟୁଜର୍ ଆଧାରର ଏକ ତୃତୀୟାଂଶରୁ ଅଧିକ ୟୁଜର୍ ପ୍ରୋଫାଇଲ ସଂଲଗ୍ନ ଥିବା ଅନୁମାନ କରାଯାଉଛି । ଏହି ଆପ୍‌ର ଲଂଚ୍ ଅବସରରେ ସହପ୍ରତିଷ୍ଠାତା ତଥା ସିଇଓ ରବିଶ ନରେଶ କହିଛନ୍ତି, ଆମେ ନିରନ୍ତର ଭାବେ ଦକ୍ଷତା ବୃଦ୍ଧି ସହିତ ଭାରତର ଏମ୍‌ଏସ୍‌ଏମ୍‌ଇ ବର୍ଗ ପାଇଁ ବ୍ୟବସାୟ ସଂଚାଳନ ଖର୍ଚ୍ଚକୁ ହ୍ରାସ କରିବା ଲାଗି ଉପାୟ ଖୋଜୁଛୁ । ମାଇଁଷ୍ଟୋର ଆପ୍‌ର ଉନ୍ମୋଚନ ଏହି ଉଦ୍ଦେଶ୍ୟ ଉପରେ ଆଧାରିତ ଏବଂ ଏହା ଡିଜିଟାଲ ଯୁଗରେ ବ୍ୟବସାୟ କରିବାର ଏକ ଅଧିକ ବିକଶିତ ଉପାୟ ପାଇଁ ଅଫର୍ ଓ ଏକ ଦୃଢ ବୈଷୟିକ ଭିତିଭୂମି ପ୍ରଦାନ କରୁଛି । ମାଇଁଷ୍ଟୋର୍ ଆପ୍‌କୁ ବ୍ୟବହାର କରିବା ଲାଗି ପ୍ରଥମେ ଏହାକୁ ଡାଉନ୍‌ଲୋଡ୍ କରନ୍ତୁ । ପରେ ଏଥିରେ ନାମ, ଉତ୍ପାଦ ଓ ମୂଲ୍ୟ ପରି ବ୍ୟବସାୟ ସମ୍ବନ୍ଧିତ ତଥ୍ୟ ଦିଅନ୍ତୁ । ନିଜ ପସନ୍ଦର ଯୋଗାଯୋଗ ଚ୍ୟାନେଲ ମାଧ୍ୟମରେ ଗ୍ରାହକଙ୍କ ସହିତ ଷ୍ଟୋର୍ ଲିଙ୍କ୍ ନିୟୋଜିତ କରନ୍ତୁ ଓ ବିକ୍ରି ଆରମ୍ଭ କରନ୍ତୁ । ଖାତାବୁକ୍ ଆପ୍‌ର ମାସିକ ସକ୍ରିୟ ଉପଭୋକ୍ତା ଆଧାର ୮୦ ଲକ୍ଷ ରହିଥିବା ବେଳେ ଏହା ପାରମ୍ପରିକ ବ୍ୟବସାୟ ଉଧାର ଖାତାବହି ପ୍ରକ୍ରିୟାକୁ ସମ୍ପୂର୍ଣ୍ଣ ସ୍ୱୟଂଚାଳିତ କରି ଏମ୍‌ଏସ୍‌ଏମ୍‌ଇ ଶିଳ୍ପରେ ସୁଧାର ଆଣିଛି । ଏହି ଆପ୍ କିରାନା ଷ୍ଟୋରଠାରୁ ଆରମ୍ଭ କରି ମୋବାଇଲ ରିଚାର୍ଜ ଦୋକାନ, ଗାରମେଂଟ୍ ଡିଲର ଓ ଜୁଏଲର୍ସ ପର୍ଯ୍ୟନ୍ତ ପ୍ରାୟ ୫୦୦ରୁ ଅଧିକ ପ୍ରକାରର ବ୍ୟବସାୟକୁ ସେବା ପ୍ରଦାନ କରୁଛି ।

## ନ୍ୟୁହଲାଣ୍ଡ ଏଗ୍ରିକଲଚର ପକ୍ଷରୁ ସମସ୍ତ ଟ୍ରାକ୍ଟର ଉପରେ ୬ ବର୍ଷର ଟ୍ରାନ୍ସଫରରେବୁଲ୍ ଟି-ୱାରେଟିଂ ଘୋଷଣା

ଭୁବନେଶ୍ୱର : ପୃଥିବୀର ଅଗ୍ରଣୀ ଏଗ୍ରିକଲଚର ବ୍ରାଣ୍ଡ୍ ନ୍ୟୁ ହଲାଣ୍ଡ ଏଗ୍ରିକଲଚର ପକ୍ଷରୁ ଭାରତରେ ଏହାର ସମସ୍ତ ଟ୍ରାକ୍ଟର ଉପରେ ୬ ବର୍ଷର ଟ୍ରାନ୍ସଫରରେବୁଲ୍ ଟି-ୱାରେଟିଂ ଘୋଷଣା କରାଯାଇଛି । ପ୍ରଥମ କରି ନ୍ୟୁ ହଲାଣ୍ଡ ପକ୍ଷରୁ ଏଭଳି ସୁବିଧା ଗ୍ରାହକଙ୍କ ପାଇଁ ଘୋଷଣା କରାଯାଇଛି । କମ୍ପାନୀ ପକ୍ଷରୁ ୬ ବର୍ଷ ଏବଂ ୬୦୦୦ ଘଂଟାର ୱାରେଂଟି ପଲିସି ୨୦୨୦ ଅକ୍ଟୋବର ୨ଠାରୁ ଲାଗୁ ହୋଇଛି । ଏହି ୱାରେଂଟି ସୁବିଧା ସହଜରେ ରିସେଲ୍ ସମୟରେ ବିକ୍ରେତାଙ୍କଠାରୁ କ୍ରେତାଙ୍କ ପାଖକୁ ଟ୍ରାନ୍ସଫର୍ ମଧ୍ୟ ହୋଇପାରିବ । ଏହି ଅବସରରେ ନ୍ୟୁ ହଲାଣ୍ଡ୍ ଏଗ୍ରିକଲଚର୍ ବ୍ରାଣ୍ଡ୍‌ର ଭାରତ ଏବଂ ସାର୍କର ପରିଚାଳନା ନିର୍ଦ୍ଦେଶକ ତଥା କଂଟ୍ରି ହେଡ୍ ରୌନକ୍

ବର୍ମା କହିଲେ, ନ୍ୟୁ ହଲାଣ୍ଡ ଏଗ୍ରିକଲଚର ବ୍ରାଣ୍ଡ୍ ଜ୍ଞାନକୌଶଳ, ବିଶ୍ୱାସନୀୟତା ଏବଂ ଗୁଣବର୍ତ୍ତା ପାଇଁ ଖ୍ୟାତି ହାସଲ କରିପାରିଛି । ଆମେ ଆମର ଉତ୍ପାଦ ଉପରେ ବେଶ୍ ନିଶ୍ଚିତ । ତେଣୁ ଆମେ ୬ ବର୍ଷର ୱାରେଂଟି ସୁବିଧା ଭାରତରେ ସମସ୍ତ ଟ୍ରାକ୍ଟର ଉପରେ ଘୋଷଣା କରିଛୁ । ଦେଶର କୃଷକମାନଙ୍କ ପ୍ରତି ଥିବା ଆମର ପ୍ରତିଶ୍ରୁତି ବଦ୍ଧତାକୁ ଏହା ସୂଚିତ କରୁଛି । ଏହି ଅବସରରେ ନ୍ୟୁ ହଲାଣ୍ଡ୍ ଏଗ୍ରିକଲଚର୍ ବ୍ରାଣ୍ଡ୍‌ର ଭାରତର ସେଲସ୍ ନିର୍ଦ୍ଦେଶକ ବିମଲ କୁମାର କହିଲେ, ନ୍ୟୁ ହଲାଣ୍ଡ ଏଗ୍ରିକଲଚର ବ୍ରାଣ୍ଡ ପକ୍ଷରୁ ଘୋଷଣା କରାଯାଇଥିବା ୬ ବର୍ଷର ଟି-ୱାରେଂଟି ଆମର ଶ୍ରେଷ୍ଠ ଜ୍ଞାନକୌଶଳକୁ ପ୍ରତିପାଦିତ କରିବାକୁ ସକ୍ଷମ ହୋଇଛି । ଏହି ୱାରେଂଟି ସୁବିଧା ପରବର୍ତ୍ତୀ କ୍ରେତାଙ୍କ ପାଖକୁ ସହଜରେ ଟ୍ରାନ୍ସଫର ହୋଇପାରିବ ।


ନ୍ୟୁ ହଲାଣ୍ଡ ଏଗ୍ରିକଲଚର ଶ୍ରେଷ୍ଠ ଜ୍ଞାନକୌଶଳଯୁକ୍ତ ଟ୍ରାକ୍ଟର ଉପଲବ୍ଧ କରାଯାଇଥାଏ । ଏହା ସହିତ ସମସ୍ତ ଚାଷ ଉପକରଣ ଚାଷ ଜମି ପ୍ରସ୍ତୁତିଠାରୁ ଆରମ୍ଭ କରି ଫସଲ ଅମଳ ପର୍ଯ୍ୟନ୍ତ ଉପଲବ୍ଧ କରାଇଥାଏ । ଏହା ଘାସ ଏବଂ ଚାରା ରୋପଣ ଉପକରଣ, ପ୍ଲାଂଟର, ବାଲେର, ସ୍ପ୍ରେୟର, ଟିଲର ଉପକରଣ ଆଦି ପ୍ରସ୍ତୁତ କରିଥାଏ । କମ୍ପାନୀର ଟ୍ରାକ୍ଟର ରେଞ୍ଜ ଉନ୍ନତ ଜ୍ଞାନକୌଶଳ ଆଧାରରେ ନିର୍ମିତ । ଏଗୁଡ଼ିକ ବିଶେଷ ଶକ୍ତିଶାଳୀ ଏବଂ ଏହାର ଇଞ୍ଜିନ୍ ଇନ୍ଧନ ସଂଚୟକାରୀ । ଭାରତବ୍ୟାପି କମ୍ପାନୀ ପକ୍ଷରୁ ଗ୍ରାହକଙ୍କ ଆବଶ୍ୟକ ତାଲିମ୍ ବିକ୍ରି ପରବର୍ତ୍ତୀ ସେବା ଅନ୍ତର୍ଗତ ମଧ୍ୟ ଯୋଗାଇ ଦିଆଯାଇଥାଏ ।

## ଫୋନ୍‌ପେ ପକ୍ଷରୁ କାର୍ ଓ ବାଇକ୍ ଇନ୍ସ୍ୟୁରାନ୍ସର ଶୁଭାରମ୍ଭ

ଭୁବନେଶ୍ୱର: ଭାରତର ଅଗ୍ରଣୀ ଡିଜିଟାଲ ପେମେଂଟ୍ ପ୍ଲାଟ୍‌ଫର୍ମ ଫୋନ୍‌ପେ ପକ୍ଷରୁ ଆଜି ବଜାଜ୍ ଆଲିଏନ୍ସ ଜେନେରାଲ ଇନ୍ସ୍ୟୁରାନ୍ସ ସହ ଘରୋଇ କାର୍ ଓ ଦୁଇଚକିଆ ଯାନ ମାଲିକଙ୍କ ପାଇଁ ନିଜ ପ୍ଲାଟ୍‌ଫର୍ମରେ କାର୍ ଓ ବାଇକ୍ ଇନ୍ସ୍ୟୁରାନ୍ସ ଉତ୍ପାଦର ଶୁଭାରମ୍ଭ କରାଯାଇଛି । ଏହାଦ୍ୱାରା ୨୩୦ ମିଲିୟନରୁ ଅଧିକ ଫୋନ୍‌ପେ ଉପଭୋକ୍ତା ବିନା କୌଣସି ବାଧାରେ ୨ ମିନିଟ୍ ମଧ୍ୟରେ ନିଜ କାର୍ ଓ ବାଇକ୍‌ର ଇନ୍‌ସ୍ୟୁରାନ୍ସ କରିପାରିବେ । ଏହା କିଣିବା ପାଇଁ ସେମାନଙ୍କୁ କୌଣସି ଡକ୍ୟୁମେଂଟ୍ ଅପ୍‌ଲୋଡ୍ କରିବାର ଆବଶ୍ୟକତା ନାହିଁ ଏବଂ ଏଥିସହିତ ସେମାନେ ଆପ୍‌ରେ ତତ୍କାଳ ନିଜର ବୀମା କାଗଜପତ୍ର ମଧ୍ୟ ଦେଖିପାରିବେ । ଫୋନ୍‌ପେର କାର୍ ଓ ବାଇକ୍ ଇନ୍ସ୍ୟୁରାନ୍ସ ଉତ୍ପାଦ ବର୍ତ୍ତମାନର ବଜାର ଦର ଅନୁଯାୟୀ ଉପଲବ୍ଧ ସବୁଠାରୁ ଶସ୍ତା ଉତ୍ପାଦ ମଧ୍ୟରୁ ଅନ୍ୟତମ । ଫୋନ୍‌ପେ'ରେ କାର୍ ଓ ବାଇକ୍ ଇନ୍‌ସ୍ୟୁରାନ୍ସ କରିଥିବା ଗ୍ରାହକମାନେ ବାଧାମୁକ୍ତ ନବୀକରଣ, ଦେଶବ୍ୟାପୀ ଗ୍ୟାରେଜ୍‌ରେ କ୍ୟାଶଲେସ୍ ମରାମତି ଓ ମେଂଟେନାନ୍ସ ସର୍ଭିସ୍ ଓ ୨୦ ମିନିଟ୍ ମଧ୍ୟରେ ସ୍ମାର୍ଟଫୋନ୍-ସାମର୍ଥ୍ୟ କ୍ଲେମ୍ ସେଟେଲ୍‌ମେଂଟ୍ ସୁବିଧା ପାଇପାରିବେ । ଫୋନ୍‌ପେ ଉପଭୋକ୍ତାମାନେ ନିଜର ଆବଶ୍ୟକତା ମୁତାବକ କାର୍ ଇନ୍ସ୍ୟୁରାନ୍ସ ଯୋଜନାର ମୂଲ୍ୟ ଯେପରିକି ଶୂନ୍ୟ ମୂଲ୍ୟହ୍ରାସ, ୨୪x୭ ରୋଡ୍‌ସାଇଡ୍ ସହାୟତା ଓ ଇଞ୍ଜିନ୍ ସୁରକ୍ଷାକୁ ଅନୁକୂଳିତ କରିପାରିବେ । ଶୂନ୍ୟ ମୂଲ୍ୟ ହ୍ରାସ ଯାନବାହନକୁ ଏହାର ଅଂଶର ମୂଲ୍ୟରେ ବାର୍ଷିକ ମୂଲ୍ୟ ହ୍ରାସ ଚିନ୍ତା ନକରି ସୁରକ୍ଷା କରିବାରେ ସାହାଯ୍ୟ କରିଥାଏ ଓ ସମ୍ପୂର୍ଣ୍ଣ କ୍ଲେମ୍ ରାଶି ପେମେଂଟ୍ କରିଥାଏ, ଯାହାଦ୍ୱାରା ଗ୍ରାହକଙ୍କୁ କୌଣସି ଅର୍ଥ ଖର୍ଚ୍ଚ କରିବାକୁ ପଡିନଥାଏ । ଏସମ୍ପର୍କରେ ଫୋନ୍‌ପେ ଇନ୍ସ୍ୟୁରାନ୍ସ ବିଭାଗର ଉପାଧ୍ୟକ୍ଷ ଓ ମୁଖ୍ୟ ଗୁଞ୍ଜନ ଘାଇ କହିଛନ୍ତି, "ଏହି ଦୁଇ ଉତ୍ପାଦ ଗ୍ରାହକଙ୍କ ସମସ୍ତ ଇନ୍ସ୍ୟୁରାନ୍ସ ଆବଶ୍ୟକତା ପାଇଁ ଗୋଟିଏ ବନ୍ତବ୍ୟସ୍ଥଳ ଓ ଆମର ଲକ୍ଷ୍ୟ ଅନୁରୂପ ଅଟେ । ଆମର ଲକ୍ଷ୍ୟସ୍ଥଳରେ ପହଂଚିବା ଓ ଗ୍ରାହକଙ୍କ ଦୃଷ୍ଟିକୋଣ ସହିତ ଆମେ ମୋଟର ଇନ୍ସ୍ୟୁରାନ୍ସ କିଣିବା ପାଇଁ ଏକ ସରଳ, ଶୀଘ୍ର ଓ ସୁବିଧାଜନକ ଉପାୟ ପ୍ରଦାନ କରୁଛୁ ଓ ସୁଗମ ନବୀକରଣ ମଧ୍ୟ ସକ୍ଷମ କରିଛୁ ।" ସେହିପରି ବଜାଜ ଆଲିଆନ୍ସ ଜେନେରାଲ ଇନ୍ସ୍ୟୁରାନ୍ସର ୱେବ୍ ସେଲ୍‌ଓ ଓ ଟ୍ରାଭେଲ୍‌ର ଅଧିକକ୍ଷ ଓ ମୁଖ. ସୌରଭ ଚାଟାର୍ଜୀ କହିଛନ୍ତି, "ଆମେ ସବୁବେଳେ ପ୍ରୟାସ କରିଥାଉ ବଜାରରେ ଏଭଳି ବୀମା ଉତ୍ପାଦ ଉପଲବ୍ଧ କରିବା ପାଇଁ, ଯାହା ଗ୍ରାହକଙ୍କ ପାଇଁ ସରଳ, ବୁଝିବାରେ ସହଜ, କ୍ରୟ ଓ ଦାବି କରିବା ପାଇଁ ସହଜ ହୋଇପାରିବ । ଡିଜିଟାଲ ପ୍ଲାଟ୍‌ଫର୍ମ ପ୍ରଦାନକାରୀଙ୍କ ସହ ଆମର ସହଭାଗିତା ସେହି ଦିଗରେ ଆଉ ଏକ ଛୋଟ କିନ୍ତୁ ବିଶାଳ ପଦକ୍ଷେପ । ଭବିଷ୍ୟତରେ ଆମେ ଏହି ପ୍ଲାଟ୍‌ଫର୍ମ ଅନେକ ନୂତନ ଓ ଅଭିନବ ଉତ୍ପାଦ ଗୁନିକ ଶୁଭାରମ୍ଭ କରିବୁ । ଫୋନ୍‌ପେର ଉପଭୋକ୍ତାମାନେ ସେମାନଙ୍କର ବାଇକ୍ ଓ କାରଗୁଡିକୁ କିଛି ସରଳ ପଦକ୍ଷେପରେ ବୀମାଭୁକ୍ତ କରିପାରିବେ ।

## ବିଏମଡ଼ବ୍ଲ୍ୟୁ ଜି୩୧୦ଆର ଏବଂ ବିଏମଡ଼ବ୍ଲ୍ୟୁ ଜି୩୧୦ଜିଏସର ଶୁଭାରମ୍ଭ

ଭୁବନେଶ୍ୱର: ବିଏମଡ଼ବ୍ଲ୍ୟୁ ମୋଟୋରାଡ୍ ଇଣ୍ଡିଆ ପକ୍ଷରୁ ଆଜି ଭାରତରେ ଏହାର ନୂଆ ବିଏମଡ଼ବ୍ଲ୍ୟୁ ଜି୩୧୦ଆର ଓ ବିଏମଡ଼ବ୍ଲ୍ୟୁ ଜି୩୧୦ଜିଏସର ଶୁଭାରମ୍ଭ କରାଯାଇଛି । ବିଏମଡ଼ବ୍ଲ୍ୟୁ ଜି୩୧୦ଆର ଓ ବିଏମଡ଼ବ୍ଲ୍ୟୁ ଜି୩୧୦ଜିଏସର ଶୁଭାରମ୍ଭ କରିଥିବା ଭାରତ ହେଉଛି ପ୍ରଥମ ଦେଶ । ଉଭୟ ମୋଟରସାଇକେଲ୍ ବିଏମଡ଼ବ୍ଲ୍ୟୁ ମୋଟୋରାଡ୍ ଇଣ୍ଡିଆ ଡିଲରସିପ୍‌ଗୁଡିକରେ ଆଜିଠାରୁ ଉପଲବ୍ଧ ହେବ । ନୂଆ ବିଏମଡ଼ବ୍ଲ୍ୟୁ ଜି୩୧୦ଆର ଓ ବିଏମଡ଼ବ୍ଲ୍ୟୁ ଜି୩୧୦ଜିଏସରକୁ ଜର୍ମାନୀର ମ୍ୟୁନିକ୍‌ଠାରେ ବିଏମଡ଼ବ୍ଲ୍ୟୁ ମୋଟୋରାଡ୍ ଦ୍ୱାରା ବିକଶିତ କରାଯାଇଥିବା ବେଳେ ଏହାକୁ ଭାରତର ହୋସୁର୍‌ଠାରେ କୋ-ଅପରେଶନ ପାର୍ଟନର ଟିଭିଏସ୍ ମୋଟର କମ୍ପାନୀ ଦ୍ୱାରା ସ୍ଥାନୀୟ ଭାବେ ବିଏସ-ଭିଆଇ ନିୟମ ଅନୁଯାୟୀ ଉତ୍ପାଦନ କରାଯାଇଛି । ଏହାର ଏକ୍ସ-ଶୋ'ରୁମ୍ ମୂଲ୍ୟଗୁଡିକ ଯେପରିକି ବିଏମଡ଼ବ୍ଲ୍ୟୁ ଜି୩୧୦ଆର ମାତ୍ର ୨,୪୫,୦୦୦ରେ ଏବଂ ବିଏମଡ଼ବ୍ଲ୍ୟୁ ଜି୩୧୦ଜିଏସ ମାତ୍ର ୨,୮୫,୦୦୦ରେ ଉପଲବ୍ଧ ହେଉଛି । ନୂଆ ବିଏମଡ଼ବ୍ଲ୍ୟୁ ଜି୩୧୦ଆର ଓ ବିଏମଡ଼ବ୍ଲ୍ୟୁ ଜି୩୧୦ଜିଏସ ଏବେ ବିଏମଡ଼ବ୍ଲ୍ୟୁ ଇଣ୍ଡିଆ ଫାଇନାନ୍ସିଆଲ ସର୍ଭିସେସ୍ ମାଧ୍ୟମରେ ଯଥାକ୍ରମେ ମାତ୍ର ୪,୫୦୦ ଏବଂ ୫,୫୦୦ ରୁ ଆରମ୍ଭ ହେଉଥିବା ସମସ୍ତ-ଇନ୍‌କ୍ଲୁସିଭ୍ ମାସିକ ଇନ୍‌ଷ୍ଟଲ୍‌ମେଂଟ୍ ସହିତ ଆକର୍ଷଣୀୟ ଫାଇନାନ୍ସ ସ୍କିମ୍ ବା ଋଣ ଯୋଜନାରେ ଉପଲବ୍ଧ ହେଉଛି । ଏସମ୍ପର୍କରେ ବିଏମଡ଼ବ୍ଲ୍ୟୁ ଗ୍ରୁପ୍ ଇଣ୍ଡିଆର ପ୍ରେସିଡେଂଟ୍, ବିକ୍ରମ ପାୱା କହିଛନ୍ତି, ବିଶ୍ୱସ୍ତରରେ ବିଏମଡ଼ବ୍ଲ୍ୟୁ ମୋଟୋରାଡ୍ ଉଭୟ ବିଏମଡ଼ବ୍ଲ୍ୟୁ ଜି୩୧୦ଆର ଓ ବିଏମଡ଼ବ୍ଲ୍ୟୁ ଜି୩୧୦ଜିଏସ ସହିତ ଦ୍ରୁତ ଅଭିବୃଦ୍ଧିଶୀଳ ସବ -୫୦୦ ସିସି ସେଗମେଂଟ୍‌ରେ ନିଜ ପାଇଁ ଏକ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିଛି । ହଜାର ହଜାର ଚାଳକ ଓ ଉତ୍ସାହୀମାନଙ୍କ ପାଇଁ, ବିଏମଡ଼ବ୍ଲ୍ୟୁ ଜି୩୧୦ଆର ଶୁଦ୍ଧ ମୋଟରସାଇକ୍ଲିଙ୍ଗ୍‌କୁ ଦୈନନ୍ଦିନ ଜୀବନ ପାଇଁ ପୁନଃପରିଭାଷିତ କରିଥିଲା । ସେହିପରି ଆଡ୍‌ଭେଂଚର୍ ଓ ଆନନ୍ଦ ଚାହୁଁଥିବା ଚାଳକଙ୍କ ପାଇଁ ଅଫ୍-ବିଟ୍ ଟ୍ରାକ୍ ନେବା ପାଇଁ ଏକ ଉପଯୁକ୍ତ କାରଣ ପ୍ରଦାନ କରିଥିଲା । ନିଜର ନୂତନ ଅବତାରରେ ଉଭୟ ମୋଟରସାଇକେଲ୍‌ରେ ଆକର୍ଷଣୀୟ ଡିଜାଇନ୍ ମୋଡିଫିକେସନ, ନୂତନ ଟେକ୍ନୋଲୋଜି ଓ ଉନ୍ନତ ରାଇଡିଙ୍ଗ ଡାଇନାମିକ୍ସକୁ ସାମିଲ କରାଯାଇଛି । ଆମେ ଉଭୟ ବାଇକ୍‌କୁ ଏକ ଆକର୍ଷଣୀୟ ମୂଲ୍ୟ, ଅତୁଳନୀୟ ମାସିକ କିସ୍ତି ଓ ମାଲିକାନା ମୂଲ୍ୟ ହ୍ରାସ ସହ ଶୁଭାରମ୍ଭ କରିଥିଲୁ । କ୍ଲୋଜ୍-ନିଟ୍ ଓ ପ୍ୟାସୋନେଟ୍ ବିଏମଡ଼ବ୍ଲ୍ୟୁ ମୋଟୋରାଡ୍ ସମୁଦାୟରେ ଏକ ଅଂଶ ହେବା ଲାଗି ଏହା ହେଉଛି ଏକ ଚିତାକର୍ଷକ ଆମନ୍ତ୍ରଣ । ଏହା ଏହାଠାରୁ ଅଧିକ ଭଲ ହୋଇପାରିବ ନାହିଁ । ତେଣୁ ଆଗକୁ ବଢନ୍ତୁ ଓ 'ମେକ୍ ଲାଇଫ୍ ଏ ରାଇଡ୍' ।" ନୂଆ ବିଏମଡ଼ବ୍ଲ୍ୟୁ ଜି୩୧୦ଆର ଓ ବିଏମଡ଼ବ୍ଲ୍ୟୁ ଜି୩୧୦ଜିଏସ, ବିଏମଡ଼ବ୍ଲ୍ୟୁ ମୋଟୋରାଡ୍ ର ପ୍ରିମିୟମ ଡିଲର ନେଟ୍‌ୱର୍କ ମାଧ୍ୟମରେ ବିକ୍ରି ହେବ ଓ ସର୍ଭିସ୍ କରାଯିବ, ଯାହାକି ଦିଲ୍ଲୀ (ଲ୍ୟୁଟିଏନ୍ସ ମୋଟୋରାଡ୍), ମୁମ୍ବାଇ (ନବ୍‌ନୀତ ମୋଟର୍ସ), ପୁନେ (ବାଭାରିଆ ମୋଟର୍ସ),ଚେନ୍ନାଇ (କେୟୁଏନ ମୋଟୋରାଡ୍), ବେଙ୍ଗାଲୁରୁ (ଟସ୍କର ମୋଟୋରାଡ), ଅହମ୍ମଦାବାଦ (ଗ୍ୟାଲୋପ୍ସ ଅଟୋହାଉସ୍), କୋଚି (ଇଭିଏମ ଅଟୋକ୍ରାଫ୍ଟ), ହାଇଦ୍ରାବାଦ (ଜେଏସପି ମୋଟୋରାଡ୍), ଇନ୍ଦୋର (ମ୍ୟୁନିକ୍ ମୋଟର୍ସ), ଲକ୍ଷ୍ନୌ (ସ୍ପିଡ୍ ମୋଟର୍ସ), ଚଣ୍ଡୀଗଡ (କ୍ରିଷ୍ଣା ଅଟୋମୋବାଇଲ୍ସ), ଜୟପୁର (ପ୍ରତାପ ମୋଟୋରାଡ୍), ରାୟପୁର (ମନ୍ଧନ ମୋଟର୍ସ), କଟକ(ଓଏସଏଲ ପ୍ରେଷ୍ଟିଜ୍),(ଓଏସଏଲ ପ୍ରେଷ୍ଟିଜ୍),ଓ ରାଂଚି (ଟାଇଟାନିୟମ ଅଟୋସ୍) ଭଳି ଭାରତର ପ୍ରମୁଖ ସହରଗୁଡିକରେ ଉପସ୍ଥିତ ରହିଛି ।




# ବାଲେଶ୍ୱର ପଲ୍ଲିଶ୍ରୀ ମେଳା ଆୟୋଜନ ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ପ୍ରସ୍ତୁତି



ବାଲେଶ୍ୱର (ପିଏନ୍)- ଜିଲ୍ଲା ପ୍ରଶାସନ ଆନୁକୂଲ୍ୟରେ 'ବାଲେଶ୍ୱର ପଲ୍ଲିଶ୍ରୀ ମେଳା' ୨୦୨୨ ଆୟୋଜନ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଗତକାଲି ଅପରାହ୍ନରେ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ଶ୍ରୀ କେ.ସୁଦର୍ଶନ ଚକ୍ରବର୍ତୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଆସନ୍ତା ଜୁନ ମାସ ପ୍ରଥମାର୍ଦ୍ଧରେ ସ୍ଥାନୀୟ ଆଇ.ଟି.ଆଇ.ପଡିଆଠାରେ ପଲ୍ଲିଶ୍ରୀ ମେଳାର ଆୟୋଜନ ନିମନ୍ତେ ନିଷ୍ପତି ନିଆଯିବା ସହିତ ଏହାର ରୂପରେଖ ଉପରେ ଆଲୋକପାତ କରାଯାଇଥିଲା । ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ନୀଲୁ ମହାପାତ୍ର, ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ଶ୍ରୀ ରବୀନ୍ଦ୍ର କୁମାର ସାହୁ, ଉପ-ଜିଲ୍ଲାପାଳ ଶ୍ରୀ ଆଶିଷ ଈଶ୍ୱର ପାଟିଲଙ୍କ ସମେତ ବିଭିନ୍ନ ବିଭାଗୀୟ ପଦାଧିକାରୀ ଏହି ବୈଠକରେ ଉପସ୍ଥିତ ରହି ମେଳାର ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରିଥିଲେ । ଏହି ମେଳାରେ ଡିଆରଡିଏ, ଓରମାସ, ସ୍ୱୟଂ ସହାୟକ ଗୋଷ୍ଠୀ ସମେତ ବିଭିନ୍ନ ଲାଇନ ଡିପାର୍ଟମେଂଟ ଏବଂ ଘରୋଇ ସଂସ୍ଥାର ଷ୍ଟଲ ସ୍ଥାନୀତ କରାଯିବା ନିମନ୍ତେ ନିଷ୍ପତି ହୋଇଥିଲା । ଏତଦବ୍ୟତୀତ ସାଂସ୍କୃତିକ ଓ ମନୋରଂଜନ କାର୍ଯ୍ୟକ୍ରମର ଆୟୋଜନ ପାଇଁ ମଧ୍ୟ ସହମତି ପ୍ରକାଶ ପାଇଥିଲା । ବାଲେଶ୍ୱର ଜିଲ୍ଲା ସମେତ ରାଜ୍ୟର ଅନ୍ୟାନ୍ୟ ଜିଲ୍ଲା ଓ ପଡୋଶୀ ରାଜ୍ୟରୁ ବ୍ୟବସାୟିକ ସଂସ୍ଥା ଓ ସାଂସ୍କୃତିକ ଦଳକୁ ଆମନ୍ତ୍ରଣ କରିବାକୁ ଉପସ୍ଥିତ ସଦସ୍ୟମାନେ ମତ ରଖିଥିଲେ । ମେଳା ଆୟୋଜନ ନିମନ୍ତେ ବିଭିନ୍ନ କମିଟି ଗଠନ, ଆଇନଶୃଙ୍ଖଳା ଓ ଟ୍ରାଫିକ୍ ବ୍ୟବସ୍ଥାର ସୁପରିଚାଳନା, ହୋର୍ଡିଂ ଓ ଷ୍ଟଲ୍ ସ୍ଥାପନ, ପାନୀୟ ଜଳ, ଅଗ୍ନିଶମ ବ୍ୟବସ୍ଥା, ମେଳାର ପ୍ରଚାର ଓ ପ୍ରସାର, ଉଦଘାଟନୀ ଓ ଉଦଯାପନୀ ଉତ୍ସବ ଇତ୍ୟାଦି ସମ୍ପର୍କରେ ବୈଠକରେ ବିସ୍ତୃତ ଆଲୋଚନା କରାଯାଇଥିଲା । ରାଜ୍ୟ ପଂଚାୟତିରାଜ ଓ ପାନୀୟ ଜଳ ବିଭାଗ, ଓରମାସ ଓ ଜିଲ୍ଲା ପ୍ରଶାସନର ମିଳିତ ଆନୁକୂଲ୍ୟରେ ଆୟୋଜିତ ହେଉଥିବା ଏହି ମେଳାକୁ ଅଧିକ ଆକର୍ଷଣୀୟ ଓ ସଫଳ କରିବା ଲାଗି ସବୁ ସ୍ତରରେ ଉଦ୍ୟମ କରିବାକୁ ଜିଲ୍ଲାପାଳ ଶ୍ରୀ ଚକ୍ରବର୍ତୀ ପରାମର୍ଶ ଦେଇଛନ୍ତି। ବୈଠକରେ ଓରମାସ ଉପମୁଖ୍ୟ ପରିଚାଳକ ଶ୍ରୀ ଜିତେନ୍ଦ୍ର ବିଶ୍ୱାଳ ମେଳା ସମ୍ପର୍କିତ ବିଭିନ୍ନ ସୂଚନା ପ୍ରଦାନ କରିଥିଲେ ।

# ବ୍ଲକ ସ୍ତରୀୟ ମେଗା ସ୍ୱାସ୍ଥ୍ୟ ମେଳାରେ ୮୧୪ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା




କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡ଼ା ବ୍ଲକ ଅନ୍ତର୍ଗତ ଭାଗବତପୁର ଗ୍ରାମ ପଞ୍ଚାୟତରେ ବ୍ଲକ ସ୍ତରୀୟ ମେଗା ସ୍ୱାସ୍ଥ୍ୟମେଳା ଓ ପଲ୍ଲୀରେ ପ୍ରଶାସନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ରାପଡା ବିଧାୟକ ଶଶିଭୂଷଣ ବେହେରା ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ବିଧାୟକ ଶ୍ରୀ ବେହେରା କହିଲେ ଯେ ଲୋକମାନଙ୍କ ହାତ ପାହାନ୍ତାରେ ଉନ୍ନତମାନର ଚିକିତ୍ସା ସେବା ଯୋଗାଇ ଦେବା ହେଉଛି ଏହି ଶିବିରର ମୁଖ୍ୟ ଉଦେଶ୍ୟ। ଡାକ୍ତରଖାନାକୁ ଯାଇ ଲେକେ ବିଭିନ୍ନ ସମୟରେ ହନ୍ତସନ୍ତ ହୁଅନ୍ତି। ଏଥିସହ ଦଲାଲଙ୍କ ହାବୁଡ଼ରେ ମଧ ପଡିଥାନ୍ତି। ହେଲେ ଏଭଳି ମେଳାରେ ଲୋକେ ବିଭିନ୍ନ ପ୍ରକାର ସ୍ୱାସ୍ଥ୍ୟସେବା ପାଇ ପାରିବା ରାଜ୍ୟ ସରକାରଙ୍କ ଆଭିମୁଖ୍ୟ ବୋଲି ବିଧାୟକ କହିଥିଲେ। ଡା. ଶ୍ରୀକାନ୍ତ ସ୍ୱାଇଁ, ଡା. ଖଗେଶ୍ୱର ନୟକ ପ୍ରମୁଖ ଏହି ମେଗା ସ୍ୱାସ୍ଥ୍ୟ ମେଳାକୁ ପରିଚାଳନା କରିଥିଲେ। ଏଥିରେ ଭେଷଜ ବିଶେଷଜ୍ଞ, ଶିଶୁ ରୋଗ ବିଶେଷଜ୍ଞ, ଚକ୍ଷୁରୋଗ ବିଶେଷଜ୍ଞ, ସ୍ତ୍ରୀ ଓ ପ୍ରସୂତି ରୋଗ ବିଶେଷଜ୍ଞ ପ୍ରମୁଖ ୨୫ଟି ବିଭାଗର ଡାକ୍ତରମାନେ ଯୋଗଦେଇ ରୋଗୀମାନଙ୍କ ଚିକିତ୍ସା କରିବା ସହ ସୁଚିନ୍ତିତ ପରାମର୍ଶ ଦେଇଥିଲେ। ଏହି ମେଳାରେ ୮୧୪ ଜଣ ରୋଗୀ ଚିକିତ୍ସିତ ହେବା ସହ ଆବଶ୍ୟକ ଡାକ୍ତରୀ ପରାମର୍ଶ ପାଇଥିଲେ। ଏହି ଅବସରରେ ଅନୁଷ୍ଠିତ ପଲ୍ଲୀରେ ପ୍ରଶାସନ କାର୍ଯ୍ୟକ୍ରମରେ ବିଡିଓ ବନ୍ଦନା ଖଟୁଆ, ଜିଲ୍ଲା କାର୍ଯ୍ୟକ୍ରମ ପରିଚାଳକ ଗୀତାଞ୍ଜଳି ଦାସ, ବ୍ଲକ କାର୍ଯ୍ୟକ୍ରମ ପରିଚାଳକ ମଞ୍ଜୁଶ୍ରୀ ବିଶ୍ୱାଳ ପ୍ରମୁଖ ସରକାରୀ ଅଧିକାରୀମାନେ ଯୋଗଦେଇ ଲୋକମାନଙ୍କ ବିଭିନ୍ନ ସମସ୍ୟା ଶୁଣିବା ସହ ଏହାର ପ୍ରତିକାର ବ୍ୟବସ୍ଥା କରିଥିଲେ। ଏଥିରେ ବ୍ଲକ ଅଧକ୍ଷ ରଶ୍ମିତା ସେଠୀ, ଉପାଧକ୍ଷ ପ୍ରତାପ ମହାପାତ୍ର, ଭାଗବତପୁର ସରପଞ୍ଚ ପ୍ରିୟଙ୍କା ପ୍ରିୟଦର୍ଶିନୀ ନାୟକ, ସମିତିସଭ୍ୟା ପ୍ରମିଳା ମିଶ୍ର, ପୂର୍ବତନ ବ୍ଲକ ଅଧକ୍ଷ ପ୍ରଦୀପ୍ତ ମହାନ୍ତି ପ୍ରମୁଖ ମଞ୍ଚାସୀନ ଥିଲେ। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ରହି ଲୋକମାନଙ୍କ ସମସ୍ୟା ଶୁଣିବା ସହ ପ୍ରତିକାର ବ୍ୟବସ୍ଥା ପାଇଁ ମରାମର୍ଶ ଦେଇଥିଲେ।

# ଶ୍ରୀ ସତ୍ୟସାଇ ସେବା ସମିତିରେ ଥାଲାସେମିଆ ଶିବିର ଓ ନିର୍ମଳଝର ଉଦ୍‌ଘାଟିତ




କେନ୍ଦ୍ରାପଡ଼ା (ପିଏନ୍): ପବିତ୍ର ଅକ୍ଷୟ ତୃତୀୟା ଅବସରରେ କେନ୍ଦ୍ରାପଡା ପୌରାଞ୍ଚଳ ଅନ୍ତର୍ଗତ ମୀରପାଟଣା ଗ୍ରାମରେ ଥିବା ଶ୍ରୀ ସତ୍ୟସାଇ ସେବା ସମିତି ଓ କେନ୍ଦ୍ରାପଡା ଜିଲ୍ଲା ଶ୍ରୀ ସତ୍ୟସାଇ ସେବା ସଂଗଠନ ଆନୁକୂଲ୍ୟରେ ଥାଲାସେମିଆ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରଫେସର ଡା. ହେମଲତା ଦାଶ ଯୋଗଦେଇ ୬୦ଜଣ ଥାଲାସେମିଆ ରୋଗୀଙ୍କ ଚିକିତ୍ସା କରିଥିଲେ। ଏଥିସହିତ ୩୭ଜଣ ଥାଲାସେମିଆ ରୋଗୀଙ୍କ ଅଲଟ୍ରାସାଉଣ୍ଡ ମଧ କରାଯାଇଥିଲା। ଶ୍ରୀ ସତ୍ୟସାଇ ସଂଗଠନ ଓଡିଶା, ଭୁବନେଶ୍ୱର ଏବଂ ଶ୍ରୀ ସତ୍ୟସାଇ ସେବା ସଂଗଠନ କେନ୍ଦ୍ରାପଡା ଜିଲ୍ଲାର ମିଳିତ ଆନୁକୂଲ୍ୟରେ ଅପରାହ୍ନରେ ଗୋପଛକସ୍ଥିତ ବିଶ୍ୱାଳ କମ୍ପ୍ଲେକ୍ସ ପରିସରରେ ଶ୍ରୀ ସତ୍ୟସାଇ ନିର୍ମଳଝର(ଶୀତଳ ସୁଦ୍ଧ ପାନୀୟ ଜଳ)ର ଲୋକାର୍ପଣ କରାଯାଇଥିଲା। ଶ୍ରୀ ସତ୍ୟସାଇଙ୍କ ପୂଜନ, ଭଜନ ଓ ବେଦପାଠ ପରେ ନାରିକେଳ ବାଡାଯାଇ ଏହି ପବିତ୍ର ପ୍ରକଳ୍ପକୁ ଲୋକାର୍ପଣ କରିଥିଲେ ପୂଜ୍ୟ ଜଗଦୀଶ ଚନ୍ନା ଓ ଭଉଣୀ ପୂଜ୍ୟା ମୀନାକୁମାରୀ ଚନ୍ନା। ରଜନୀକାନ୍ତ ଦାସ, ପ୍ର. ହିମାଂଶୁ ପରିଡା, ବ୍ରଜ କିଶୋର ବିଶ୍ୱାଳ, ରାମଚନ୍ଦ୍ର ସ୍ୱାଇଁ, ଜିଲ୍ଲା ସଭାପତି ରାଧାକୃଷ୍ଣ ସାହୁ ପ୍ରମୁଖ ଏହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଅନ୍ୟମାନଙ୍କ ମଧରେ ବିଷ୍ଣୁ ଚରଣ ସାମଲ, ପ୍ରବୋଧ ପଣ୍ଡା, ପ୍ରବୋଧ ରାୟ, କାବେରୀ ଆଚାର୍ଯ୍ୟଙ୍କ ସମେତ ବହୁ ସାଇ ଶ୍ରଦ୍ଧାଳୁମାନେ ଉପସ୍ଥିତ ଥିଲେ। ଆବାହକ ନୃସିଂହ ଚରଣ ତ୍ରିପାଠୀ ଏହି କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ।

# ମାନବ ସେବା ହିଁ ମାଧବ ସେବାର ବାର୍ତା ଦେଲେ ଅହମଦୀୟା ଯୁବ ସଂଗଠନ

ଖୋର୍ଦ୍ଧା (ପିଏନ୍): ୧୩/୫ ଅହମଦୀୟା ମୁସଲିମ ଯୁବସଂଗଠନ ପକ୍ଷରୁ ଖୋର୍ଦ୍ଧା ସହର ୱାର୍ଡ଼ ନଂ ୧୦ ଶାନ୍ତିଦାନ କଲୋନୀର ଗୋପବନ୍ଧୁ କୁଷ୍ଠାଶ୍ରମରେ ୨୫ ପରିବାରଙ୍କ ମଧରେ ଆବଶ୍ୟକୀୟ ବସ୍ତ୍ର ବଂଟନ କରାଯାଇଛି। କରୋନା କାଳ ଗରିବ ଲୋକମାନଙ୍କ ଆର୍ଥିକ ପରିସ୍ଥିତିକୁ ସମ୍ପୂର୍ଣ୍ଣ ରୂପେ ଭାଙ୍ଗି ଦେଇଛି। ପୂର୍ବଭଳି ଆଉ କାମଧନ୍ଦା ନାହିଁ ଏବଂ ରୋଜଗାରର କୌଣସି ସାଧନ ନାହିଁ। ଯାହାଫଳରେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସରକାରୀ ଭତା ମିଳି ପାରୁଥିଲେ ମଧ ମାସଯାକ ପାଇଁ ଯଥେଷ୍ଟ ନୁହେଁ। ଅହମଦୀୟା ମୁସଲିମ ଯୁବସଂଗଠନ ଏପରି ଗରିବ ଦୀନ ଦରିଦ୍ର ଲୋକଙ୍କ ସେବାକୁ ହିଁ ମାଧବ ସେବା ବୋଲି ବିଶ୍ୱାସ କରି ମାନବ କଲ୍ୟାଣକାରୀ ସେବା କାର୍ଯ୍ୟ କରି ଆସୁଛି। ଏହି କାର୍ଯ୍ୟକ୍ରମରେ ଅହମଦୀୟା ମୁସଲିମ ଯୁବସଂଗଠନର ଜିଲ୍ଲା ସଭାପତି ତବରେଜ ଅହମଦ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ ଖୋର୍ଦ୍ଧା ଅହମଦୀୟା ମୁସଲିମ ଯୁବସଂଗଠନ କେରଙ୍ଗର ପୂର୍ବ ସଭାପତି ସେକ ହବିବ, ଉସମାନ ଖାଁ ଏବଂ ଓସିମ ଖାଁ ଯୋଗ ଦେଇଥିଲେ। ପ୍ରକାଶ ଥାଉ କି ଅହମଦୀୟା ମୁସଲିମ ସଂଗଠନ ସମଗ୍ର ଦେଶରେ ହଜାର ହଜାର ସଂଖ୍ୟାରେ ଗରିବ ଲୋକମାନଙ୍କୁ ସାହାଯ୍ୟ ଓ ସହଯୋଗ କରି ଆସୁଛି। ଆଗକୁ ଏହିଭଳି ଆହୁରୀ କାର୍ଯ୍ୟକ୍ରମ ରହିଛି ବୋଲି ଯୁବସଂଗଠନର ଜିଲ୍ଲା ସଭାପତି ତବରେଜ ଅହମଦ ସୂଚନା ଦେଇଛନ୍ତି।

# ଡ୍ରାଇଭିଂ ଲାଇସେନ୍ସ ବ୍ୟବସ୍ଥାରେ ସଂସ୍କାର



ଓଡ଼ିଶା ସରକାର ସର୍ବଶେଷ ସୂଚନା ପ୍ରଯୁକ୍ତି ଓ ସାମାଜିକ ଗଣମାଧମର ବ୍ୟବହାର କରି ଡ୍ରାଇଭିଂ ଲାଇସେନ୍ସ ବ୍ୟବସ୍ଥାରେ ନୂଆ ପ୍ରକାର ବ୍ୟବସ୍ଥା ଆପଣାଉଛନ୍ତି। ଦିନକୁ ଦିନ ଲୋକମାନେ ସୋସିଆଲ ମିଡ଼ିଆ ସହିତ ଅତ୍ୟନ୍ତ ସକ୍ରିୟ ରହୁଛନ୍ତି ଓ ହାତପାହାନ୍ତାରେ ଥିବା ମୋଇବାଲ ମାନଙ୍କରେ ସରକାରଙ୍କ ପ୍ରଦତ୍ତ ସର୍ବଶେଷ ତଥ୍ୟ ଓ ସଚେତନତା ଜାଣି ପାରୁଛନ୍ତି। ତେବେ ଏହା ଭିତରେ ଏକ ବଡ଼କଥା ହେଉଛି, ଡ୍ରାଇଭିଂ ଲାଇସେନ୍ସ ପ୍ରଦାନ ଲାଗି ପ୍ରଚଳିତ ବ୍ୟବସ୍ଥାରେ ସଂସ୍କାର ଅଣାଯାଇଛି। ଡ୍ରାଇଭିଂ ଲାଇସେନ୍ସ ପ୍ରଦାନ କ୍ଷେତ୍ରରେ ଥିବା ମାନୁଆଲ ବ୍ୟବସ୍ଥା ବଦଳରେ ଡିଜିଟାଲ ବା କମ୍ପ୍ୟୁଟରୀକରଣ କରାଯାଉଛି। ଏଥିଲାଗି ଅଟୋମେଟିକ ବା ସ୍ୱୟଂ ଚାଳିତ ଡ୍ରାଇଭିଂ ଟେଷ୍ଟିଂ ସିଷ୍ଟମ ବ୍ୟବସ୍ଥାର ପ୍ରଚଳନ ହେଉଛି। ପ୍ରାଥମିକ ପର୍ଯ୍ୟାୟରେ ୧୯ଟି ଆରଟିଓରେ ଏହି ନୂତନ ବ୍ୟବସ୍ଥା କାର୍ଯ୍ୟକାରୀ ହେବ। ଏଥିଲାଗି ଅତ୍ୟାଧୁନିକ ଡ୍ରାଇଭିଂ ପରୀକ୍ଷଣ ଟ୍ରାକ ସ୍ଥାପନ କରାଯାଉଛି।

ସୂଚନାଯୋଗ୍ୟ ଯେ ଡ୍ରାଇଭିଂ ଲାଇସେନ୍ସ ପାଇବାକୁ ହେଲେ ପ୍ରତ୍ୟେକଙ୍କୁ ଡ୍ରାଇଭିଂ ସ୍କିଲ ଟେଷ୍ଟ ଦେବାକୁ ପଡ଼ିଥାଏ। ପ୍ରଚଳିତ ବ୍ୟବସ୍ଥା ଅନୁଯାୟୀ ଜଣେ ମୋଟର ଯାନ ଇନ୍ସପେକ୍ଟରଙ୍କ ଉପସ୍ଥିତିରେ ଏହି ପରୀକ୍ଷା ଦେବାକୁ ପଡୁଛି। ପରୀକ୍ଷା ଶେଷରେ ଏହି ଅଧିକାରୀ ନିଷ୍ପତ୍ତି ନିଅନ୍ତି ଯେ ଆପଣଙ୍କର ଡ୍ରାଇଭିଂ କରିବାର କ୍ଷମତା ଅଛି କି ନାହିଁ। ଏହି ପ୍ରଚଳିତ ବ୍ୟବସ୍ଥା ଶୀଘ୍ର ଇତିହାସ ହେବାକୁ ଯାଉଛି। ଏବେ ଡ୍ରାଇଭିଂ ଦକ୍ଷତା ବିଷୟରେ ନିଷ୍ପତ୍ତି କ୍ୟାମେରା, ସେନ୍ସର ଏବଂ କମ୍ପ୍ୟୁଟର ଉପରେ ନ୍ୟସ୍ତ କରାଯିବ। ଏଥିଲାଗି ରାଜ୍ୟ ପରିବହନ ବିଭାଗ ପକ୍ଷରୁ ଡ୍ରାଇଭିଂ ଟେଷ୍ଟ ସିଷ୍ଟମକୁ ଅପଗ୍ରେଡ଼ କରାଯାଉଛି।

ନୂତନ ବ୍ୟବସ୍ଥାରେ କେବଳ ଆବେଦନକାରୀଙ୍କ କେବଳ ଡ୍ରାଇଭିଂ ଦକ୍ଷତା ଯାଞ୍ଚ ହେବନାହିଁ ବରଂ ଲାଇସେନ୍ସ ପ୍ରଦାନ କରିବାକ ସମୟରେ ସ୍ୱଚ୍ଛତାକୁ ମଧ ସୁନିଶ୍ଚିତ କରାଯିବ। ପ୍ରଥମ ପର୍ଯ୍ୟାୟରେ ରାଜ୍ୟର ୧୯ଟି ଆରଟିଓରେ ଡ୍ରାଇଭିଂ ପରୀକ୍ଷଣ ଟ୍ରାକରେ ଏଡିଟିଏସ ସ୍ଥାପନ କରାଯିବ। ଭିଡ଼ିଓ ଆନାଲିଟିକ୍ସ ଟେକ୍ନୋଲୋଜି ଏବଂ କ୍ୟାମେରା ଏବଂ ସେନ୍ସରର ବ୍ୟବହାର କରି ଏହି ସିଷ୍ଟମ ଏକ ଅତ୍ୟାଧୁନିକ ସେଟଅପ ପ୍ରଦର୍ଶିତ ହେବ। ଯାନଗୁଡ଼ିକର ପ୍ରବେଶ ଠାରୁ ଆରମ୍ଭ କରି ଏହାର ଯାଞ୍ଚ ସବୁକିଛି ଡିଜିଟାଲ ପଦ୍ଧତିରେ ସୁନିଶ୍ଚିତ କରାଯିବ। ଟ୍ରାକରେ ଫିଟ ହୋଇଥିବା ଡିଜିଟାଲ ଟେଷ୍ଟିଂ ସେନ୍ସରଗୁଡ଼ିକ ଏହା ଉପରେ ନଜର ରଖିବ ଏବଂ ଆବେଦନକାରୀଙ୍କ ସମ୍ପର୍କରେ ଚୂଡ଼ାନ୍ତ ନିଷ୍ପତ୍ତି ନେବ। ଏକାଧିକ ହୋଇ ଡେଫିନେସନ କ୍ୟାମେରା ସହିତ ବୈଜ୍ଞାନିକ ପଦ୍ଧତିରେ ପରିକଳ୍ପିତ ସିଷ୍ଟମକୁ ଆବେଦନକାରୀଙ୍କ ଡ୍ରାଇଭିଂ ଦକ୍ଷତାର ମୂଲ୍ୟାଙ୍କନ କରିବାକୁ ସଜାଗ ରଖାଯିବ। ଟ୍ରାକ ଗୁଡ଼ିକ ସେନ୍ସର ସହିତ ଲାଇନ ହେବ, ପରୀକ୍ଷଣ ସମୟରେ ସେନ୍ସରକୁ ମାରିବା ଦ୍ୱାରା ମାର୍କ ନଷ୍ଟ ହେବ।

ଆବେଦନକାରୀଙ୍କ ଦକ୍ଷତା ପରୀକ୍ଷା ସିଟ ବେଲ୍ଟ, ପାଥ ପରିବର୍ତ୍ତନ, ଗାଡ଼ି ଚାଳନା, ଷ୍ଟପ ଲାଇନ, ଅପ ଗ୍ରେଡିଏଣ୍ଟ, ଫରୱାର୍ଡ଼-୮, ରିଭର୍ସ ଏସ ଏବଂ ଟ୍ରାଫିକ ଜଙ୍କସନ ପରି ପାରାମିଟର ଉପରେ ବିଚାର କରାଯିବ। ସେଠାରେ ଏକ ଏଲଇଡି ଟେଲିଭିଜନ ସହିତ ସଜ୍ଜିତ ହେବ ଯାହା କ୍ରମାଗତ ଭାବରେ ପାସ ଖେଳିବ ଏବଂ ଏଲଏମଭି ଏବଂ ମୋଟର ସାଇକେଲ ଲାଗି ଭିଡ଼ିଓ ବିଫଳ ହେବ। ପରୀକ୍ଷା ସମୟରେ ଯଥାଶୀଘ୍ର ଆବେଦନକାରୀଙ୍କ ପରୀକ୍ଷା ଫଳାଫଳ ପାସ କିମ୍ବା ଫେଲ ପ୍ରଦର୍ଶନ କରିବାକୁ ପ୍ରତ୍ୟେକ ଭେରିଏବଲ ମେସେଜିଂ ସମସ୍ତ ପରୀକ୍ଷା ଟ୍ରାକରେ ରଖାଯିବ। ୧୦ ସେକେଣ୍ଡ ମଧରେ ଫଳାଫଳ ଜଣାପଡ଼ିବ। ସମ୍ପୃକ୍ତ ପରୀକ୍ଷଣ ସମାପ୍ତ ହେବା ପରେ, ସ୍ମାର୍ଟ ଫୋନରେ ପାସ ବା ଫେଲର ବାର୍ତ୍ତା ପ୍ରଦର୍ଶିତ ହେବ। ଡ୍ରାଇଭିଂ ଲାଇସେନ୍ସ ପାଇବାକୁ ଚାହୁଁଥିବା ପ୍ରାର୍ଥୀଙ୍କ ଦକ୍ଷ ଏବଂ ସ୍ୱଚ୍ଛ ପରୀକ୍ଷଣ ପାଇଁ ଉନ୍ନତ ପ୍ରଶିକ୍ଷଣ ପଦ୍ଧତି ରାଜ୍ୟରେ ସଡ଼କ ଦୁର୍ଘଟଣା ହ୍ରାସ କରିବାରେ ସହାୟକ ହେବ ଓ ସମଗ୍ର ପ୍ରକ୍ରିୟା ସଠିକତାକୁ ସୁନିଶ୍ଚିତ କରିବ।

**ନାଟ୍ୟସାରଥି ଅଭୟ କୁମାର ଦାସ**

*ଗୋତରା, ମାହାଙ୍ଗା, କଟକ,*
*ଦୂରଭାଷ : ୯୪୩୭୧୪୨୭୧୭*

# ଲାୟନ୍ସ କ୍ଲବର ସଭ୍ୟମାନଙ୍କ ଶାନ୍ତି ଶୋଭାଯାତ୍ରା ଓ ନୂତନ କର୍ମକର୍ତ୍ତା ଚୟନ




ଭୁବନେଶ୍ୱର (ପିଏନ୍): ଲାୟନ୍ସ କ୍ଲବ ଜିଲ୍ଲା ୩୨୨ସି୪ର ନବମ ବାର୍ଷିକ ସମ୍ମିଳନୀ ହୋଟେଲ ଏକ୍ସଲେନ୍ସିଠାରେ ଅନୁଷ୍ଠିତ ହୋଇଯାଇଛି। ସକାଳ ୬.୩୦ ମିନିଟ୍ ସମୟରେ ଭୁବନେଶ୍ୱରଠାରୁ ନବରଙ୍ଗପୁର ପର୍ଯ୍ୟନ୍ତ ୪୫ଟି କ୍ଲବର ୧୫୦୦ ଲାୟନ ସଭ୍ୟମାନେ ଏକ ଶାନ୍ତି ପଦଯାତ୍ରା କରି ଭୁବନେଶ୍ୱର ଇନ୍ଦିରା ପାର୍କଠାରୁ ମାଷ୍ଟର କ୍ୟାଣ୍ଟିନ ଛକ ପର୍ଯ୍ୟନ୍ତ ସେମାନଙ୍କ କ୍ଲବର ବିଭିନ୍ନ ସେବାମୂଳକ କାର୍ଯ୍ୟର ପ୍ଲାକାର୍ଡ଼ ଧରି ପହଞ୍ଚିଥିଲେ। ଜିଲ୍ଲା ଗଭର୍ଣ୍ଣର ଲାୟନ ଇଂ ପୂର୍ଣ୍ଣଚନ୍ଦ୍ର ପାଢ଼ୀ ଜାତୀୟ ପତାକା ଏବଂ ଲାୟନ୍ସ ପତାକା ଉତ୍ତୋଳନ କରିଥିଲେ। ଏହି ପଦଯାତ୍ରାରେ ଲାୟନ୍ସ କ୍ଲବ ଭୁବନେଶ୍ୱର ନୟାପଲ୍ଲୀର ସଭ୍ୟମାନଙ୍କର ଶୃଙ୍ଖଳା, ସୁନ୍ଦର ସମପୋଷକ, ପ୍ଲାକାର୍ଡ଼ ଏବଂ ବହୁ ସଂଖ୍ୟକ ସଭ୍ୟ ଯୋଗଦାନ ଯୋଗୁ ପ୍ରଥମ ପୁରସ୍କୃତ ହୋଇଥିଲେ। ଏହି ଅବସରରେ ଆସନ୍ତା ବର୍ଷ ନିମନ୍ତେ ଲାୟନ ଇଂ ସୁରେଶ ଚନ୍ଦ୍ର ନାୟକ ନୂତନ ଜିଲ୍ଲା ଗଭର୍ଣ୍ଣର, ଲାୟନ କୋଟେଶ୍ୱର ରାଓ ପ୍ରଥମ ଉପଜିଲ୍ଲା ଗଭର୍ଣ୍ଣର, ଲାୟନ ସରସ୍ୱତୀ ପାତ୍ର ଦ୍ୱିତୀୟ ଉପଜିଲ୍ଲା ଗଭର୍ଣ୍ଣର ନିଯୁକ୍ତ ହୋଇଛନ୍ତି। ଏଥିସହ ଲାୟନ ଜିଲ୍ଲା ନୂତନ ମନ୍ତ୍ରୀମଣ୍ଡଳୀଙ୍କ ନାମ ଘୋଷଣା କରାଯାଇଛି। ନୂତନ ଜିଲ୍ଲା ସେକ୍ରେଟାରୀ ଭାବେ ଲାୟନ ଅଜୟ ମହାନ୍ତି, କୋଷାଧ୍ୟକ୍ଷ ଭାବେ ଲାୟନ ଲଳିତେନ୍ଦୁ ଶତପଥୀ, ଜନସମ୍ପର୍କ ଅଧିକାରୀ ଭାବେ ଲାୟନ ଖଲିଦ ପରଭେଜ ଖାଁ ମନୋନୀତି ହୋଇଛନ୍ତି।

# ଅମରେଶ୍ୱରୀ ବିଶ୍ୱଶାନ୍ତି ମହାଯଜ୍ଞ ଉଦଯାପିତ

ଧର୍ମଶାଳା (ପିଏନ୍): ଧର୍ମଶାଳା ବ୍ଲକ ଜାରକା ପଞ୍ଚାୟତ ଉତର ଶାସନ ଗ୍ରାମରେ ବିଷୁବ ସଂକ୍ରାନ୍ତଠାରୁ ଆରମ୍ଭ ହୋଇଥିବା ମା' ଅମରେଶ୍ୱରୀଙ୍କ ବିଶ୍ୱଶାନ୍ତି ମହାଯଜ୍ଞ ଉଦଯାପିତ ହୋଇଯାଇଛି । ପ୍ରଥମ ଦିବସରେ ମା'ଙ୍କ ଯଥାବିଧି ପୂଜାର୍ଚ୍ଚନା, ଅଙ୍କୁରାରୋପଣ, କଳସଯାତ୍ରା, ସୂର୍ଯ୍ୟପୂଜା, ଗୋପୂଜା, ଗୀତାପାଠ, ଚଣ୍ଡିପାଠ, ହନୁମାନ ପୂଜା, ଯଜ୍ଞାରମ୍ଭ, ଆହୂତି, ଭୋଗଲାଗି ଆଦି ରୀତିନୀତି ସଂପନ୍ନ ହୋଇଥିଲା । ଦ୍ୱିତୀୟ ଦିବସରେ ମା'ଙ୍କ ଷୋଡଶ



ଉପଚାର ପୂଜା, ଗୀତାଯଜ୍ଞ ସମେତ ଯଜ୍ଞକର୍ମ ଅନୁଷ୍ଠିତ ହୋଇଥିଲା । ଶେଷ ଦିବସରେ ଯଜ୍ଞଦେବତାଙ୍କ ନଗର ପରିକ୍ରମା, ପୂଜାର୍ଚ୍ଚନା ଓ ରାତିରେ ଯଜ୍ଞରେ ପୂର୍ଣ୍ଣାହୂତି ଦିଆଯାଇଛି । ପୂଜକ ପ୍ରମୋଦ ପାଢୀ ଓ ସହଯୋଗୀମାନେ ଯଜ୍ଞକର୍ମ ସମ୍ପାଦିତ କରିଥିବା ବେଳେ ମନ୍ଦିର ପୂଜକ ଭାସ୍କର ଶତପଥୀ, ପ୍ରଫୁଲ୍ଲ କୁମାର ଦାଶ, ପ୍ରଭାତ ପାଣିଗ୍ରାହୀ, ତ୍ରିୟମ୍ବକ ରଥ, ଅଶୋକ ଆଚାର୍ଯ୍ୟ, ପ୍ରଦୀପ୍ତ ଦାଶ, ନାରାୟଣ ଓଝା, ଉମେଶ ବାରିକ, ନାରାୟଣ ସାହୁ, ଅମରେନ୍ଦ୍ର ରାଉତ, ପ୍ରତାପ କୁମାର ପ୍ରଧାନ, ଚିନ୍ମୟ ସାହୁ ପ୍ରମୁଖ ଏଥିରେ ସହାୟତା କରିଥିଲେ । ପ୍ରତ୍ୟେହ ସଂଧ୍ୟାରେ ଭଜନ ସମାରୋହ ଓ ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଜିଲ୍ଲା ପରିଷଦ ସଭ୍ୟ ଜଳଧର ମହାନ୍ତି, ସରପଂଚ ସୁଦାମ ଚରଣ ବେହେରା, ପୂର୍ବତନ ସରପଂଚ ବିଭୂତିଭୂଷଣ ପାଣିଗ୍ରାହୀ, ସଂଗଠକ କାଳନ୍ଦୀ ସାହୁଙ୍କ ସମେତ ସ୍ଥାନୀୟ ଅଂଚଳର ହଜାର ହଜାର ଶ୍ରଦ୍ଧାଳୁ ମା'ଙ୍କ ଦର୍ଶନ କରି କୃପାଲାଭ କରିଥିଲେ । ଉତର ଶାସନ, ଦୁବଗଡିଆ, ନାଉପାଳ ଓ ଉତର ଶାସନ(ଖ) ଗ୍ରାମବାସୀ ସମସ୍ତ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।

# ଭୋଗରାଇରେ ସ୍ୱାସ୍ଥ୍ୟମେଳା



ବାଲେଶ୍ୱର (ପିଏନ୍)-ଭୋଗରାଇ ବ୍ଲକ ଜଳେଶ୍ୱରପୁର ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିନରେ ଜଳେଶ୍ୱରପୁର ହାଇସ୍କୁଲ ଠାରେ ଏକ ସ୍ୱାସ୍ଥ୍ୟ ସେବା ମେଳା ଅନୁଷ୍ଠିତ ହୋଇଯାଇଛି। ଏହାକୁ ବାଲେଶ୍ୱର ସାଂସଦ ଶ୍ରୀଯୁକ୍ତ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ନଡ଼ିଆ ଫଟାଇ ଫିତା କାଟି ଶୁଭାରମ୍ଭ କରିଥିଲେ। ଡାକ୍ତର ଏବଂ ରୋଗୀ ମାନଙ୍କ ସହିତ ରୋଗୀ ସେବା ବିଷୟରେ ଆଲୋଚନା କରିଥିଲେ। ଏକ ସାଧାରଣ ସଭାରେ ଉଦ୍‌ବୋଧନ ଦେଇ ଆୟୁଷ୍ମାନ ଭାରତ ଗୋଷ୍ଠୀ ସ୍ତରୀୟ ସ୍ୱାସ୍ଥ୍ୟ ଉଦ୍ଦେଶ୍ୟ କ'ଣ ବୁଝାଇଥିଲେ। ଉକ୍ତ ସ୍ୱାସ୍ଥ୍ୟ ମେଳାକୁ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ଦୁଲାଲ ସେନ୍ ଜଗଦେବ୍, ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ମୃତ୍ୟୁଞ୍ଜୟ ମିଶ୍ର, ଜିଲ୍ଲା ପ୍ରକଳ୍ପ ମ୍ୟାନେଜର ଅନୀଲ କୁମାର ମହାନ୍ତି, ଜିଲ୍ଲା ଜନସ୍ୱାସ୍ଥ୍ୟ ସୂଚନା ଅଧିକାରୀ ଶ୍ରୀ ରମଣିକାନ୍ତ ଭଞ୍ଜ, ଜଳେଶ୍ୱରପୁରର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ମେଡ଼ିକାଲ ଅଫିସର ଓ କର୍ମକର୍ତ୍ତା ଉପସ୍ଥିତ ରହି ସ୍ୱାସ୍ଥ୍ୟ ମେଳାକୁ ସୁପରିଚାଳନା କରିଥିଲେ। ଏହି ସାଧାରଣ ସଭାରେ ବ୍ଲକ ସ୍ତରୀୟ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶ୍ରୀ ଶଂକର ପଟ୍ଟନାୟକ, ତହସିଲଦାର କମଳାକାନ୍ତ ପଣ୍ଡା, ବ୍ଲକ ଅଧକ୍ଷ ଶ୍ରୀଯୁକ୍ତ କବୀର ଗିରି, ଉପାଧକ୍ଷା ଶ୍ରୀମତୀ ମିନାରାଣୀ ସାମଲ, ଜିଲ୍ଲା ପରିଷଦ ସଭ୍ୟ ଶ୍ରୀ ସନ୍ତୋଷ କୁମାର ଜେନା ପ୍ରମୁଖ ଉପସ୍ଥିତ ରହି ସ୍ୱାସ୍ଥ୍ୟମେଳାର ଆଭିମୁଖ୍ୟ କ'ଣ ସେ ସମ୍ପର୍କରେ ଲୋକ ମାନଙ୍କୁ ସଚେତନ କରାଇଥିଲେ। ଏହି ମେଳାରେ ଡାକ୍ତରଙ୍କ ଦ୍ୱାରା ୮୦ ଜଣ ରୋଗୀଙ୍କୁ ସେବା ପ୍ରଦାନ କରାଯିବା ସହିତ ଲୋକମାନଙ୍କୁ ସ୍ୱାସ୍ଥ୍ୟ ସଚେତନତା ଶିକ୍ଷା ପ୍ରଦାନ କରାଯାଇଥିଲା।

# କଟକ-ଚାନ୍ଦବାଲି ରାସ୍ତାରେ ବାଲିଗଦା ଯୋଗୁଁ ଘଟୁଛି ଦୁର୍ଘଟଣା



କେନ୍ଦ୍ରାପଡ଼ା (ପିଏନ୍): କଟକ-ଚାନ୍ଦବାଲି ରାସ୍ତାରେ ବାଲି ଗଦା ଯୋଗୁଁ ଦୈନିକ ଛୋଟ ବଡ ଦୁର୍ଘଟଣାମାନ ଘଟୁଥିଲେ ମଧ ପ୍ରଶାସନ ଏ ଦିଗରେ ଆବଶ୍ୟକ ପଦକ୍ଷେପ ନେଉନାହିଁ । ଗୃହ ନିର୍ମାଣ ପାଇଁ ବ୍ୟକ୍ତିବିଶେଷମାନେ ମୁଖ୍ୟ ରାସ୍ତା ଉପରେ ବାଲିଗୋଡି ଆଦି ଗଦା କରି ରଖୁଛନ୍ତି । ଫଳରେ ସେହି ରାସ୍ତା ଦେଇ ଯାଉଥିବା ଦୃତଗାମୀ ଗାଡି ଗୁଡିକ ସହିତ ପଥଚାରୀମାନେ ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି । ନିକଟରେ ଏଭଳି ଏକ ଘଟଣା ଦେଖିବାକୁ ମିଳିଛି କଲେଜ ଛକ ନିକଟରେ ଥିବା ଏକ ପେଟ୍ରୋଲ ଟାଙ୍କି ନିକଟରେ । କଟକ ଗମାନଡିଆ ଗ୍ରାମର ସେକ ଇବ୍ରାହିମ ଓ ହାଜି ଇଜାଜ ନାମକ ଦୁଇ ଜଣ ବ୍ୟକ୍ତି ଏକ ବାଇକ ଯୋଗେ ଯାଉଥିବା ବେଳେ ସେହି ପେଟ୍ରୋଲ ଟାଙ୍କି ନିକଟରେ ଗଦା ହୋଇଥିବା ବାଲି ରାସ୍ତା ଉପରକୁ ମାଡି ଆସିଥିବାରୁ ଟାଙ୍କିରୁ ତେଲ ପକାଇ ଏକ ବୋଲେରୋ (ନଂ-ଓଡି-୨୯-ଏଫ୍-୧୮୮୮) ବାଇକ ଆରୋହୀଙ୍କୁ ଧକ୍କା ଦେଇଥିଲା । ଫଳରେ ବାଇକରେ ବସିଥିବା ଦୁଇ ଜଣ ବ୍ୟକ୍ତି ଗୁରୁତର ଆହତ ହୋଇଥିଲେ । ତାଙ୍କୁ ସ୍ଥାନୀୟ ଲୋକେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ । ରାସ୍ତାରେ ଜମା ହୋଇଥିବା ବାଲି ଯୋଗୁ ବୋଲେରୋଟି ଡିଭାଇଡରରେ ପିଟି ହୋଇଯିବା ଯୋଗୁ ବୋଲେରୋର ଆଗ ଚକାଟି ଫାଟିଯାଇଥିଲା । ଦୈନିକ ଏହିଭଳି ଦୁର୍ଘଟଣା ଘଟୁଥିଲେ ମଧ ପ୍ରଶାସନ ଏଥିପ୍ରତି ଦୃଷ୍ଟି ନ ଦେବା ଏବଂ ରାସ୍ତା ଉପରେ ବାଲିଗୋଡି ଗଦା କରୁଥିବା ଲୋକଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ହେଉନଥିବାରୁ ଏଭଳି ଘଟଣା ଘଟୁଥିବା ଅଭିଯୋଗ ହୋଇଛି ।

## DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x 4cm: Rs.8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Mahaditya Publication

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS/ASTROLOGERS/VASTU EXPERTS ?
Contact :
Near Mukteswar Temple, Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

Pragyan Communication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.K.G., U.K.G., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com




# ନୀଳାଦ୍ରି ବିହାରରେ ନିର୍ମିତ ହେବ ଇଣ୍ଡୋର ଷ୍ଟାଡିୟମ



ଭୁବନେଶ୍ୱର,୧୭।୫(ପି.ଏନ): ଉତ୍ତର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ୧୪ ନମ୍ବର ୱାର୍ଡର ନୀଳାଦ୍ରି ବିହାର ଠାରେ ଇଣ୍ଡୋର ଷ୍ଟାଡିୟମର ଭିତ୍ତିପ୍ରସ୍ତର ସ୍ଥାପନ ଭୁବନେଶ୍ୱର ଉତ୍ତର ବିଧାୟକ ସୁଶାଂ କୁମାର ରାଉତ ଓ ମେୟର ସୁଲୋଚନା ଦାସଙ୍କ କରକମଳରେ ଅନୁଷ୍ଠିତ ହୋଇଯାଇଛି। ୧୦ କୋଟି ଟଙ୍କା ବ୍ୟୟ ଅଟକଳରେ ନିର୍ମିତ ହେବାକୁ ଥିବା ବହୁମୁଖୀ ଇଣ୍ଡୋର ହଲର କାର୍ଯ୍ୟ ଏକ ବର୍ଷ ମଧ୍ୟରେ ସରିବ। ଏଥିରେ ବ୍ୟାଡମି□ନ୍,ଟେବୁଲ ଟେନିସ୍ ଭଳି ବିଭିନ୍ନ ପ୍ରକାର ଖେଳର ଟ୍ରାକ ସହିତ ଜିମ୍ ମଧ୍ୟ ରହିବ। ଓଡିଶାର ଜନପ୍ରିୟ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କ୍ରୀଡାକୁ ସବୁବେଳେ ଗୁରୁତ୍ୱ ଦେଇଆସୁଛନ୍ତି। ଓଡିଶାର ଯୁବ କ୍ରୀଡାବିତଙ୍କ ଦକ୍ଷତା ବିକାଶ ପାଇଁ ଯାହା ଯାହା ଆବଶ୍ୟକ ତାହା ମଧ୍ୟ ଯୋଗାଇ ଦେଉଛନ୍ତି। ଏଠାରେ ଇଣ୍ଡୋର ଷ୍ଟାଡିୟମ ହେବା ଦ୍ୱାରା ଉତ୍ତର ଭୁବନେଶ୍ୱର ଅଞ୍ଚଳର ଯୁବ ପ୍ରତିଭାଧାରୀ କ୍ରୀଡାବିତମାନେ ନିଜର ଅଭ୍ୟାସ ଜାରି ରଖି ଦକ୍ଷତା ଅର୍ଜନ କରିବା ସହିତ ଜାତୀୟ,ଆର୍ନ୍ତଜାତୀୟ ସ୍ତରରେ ଖେଳି ଓଡିଶା ପାଇଁ ଗୌରବ ଆଣିବେ ବୋଲି ବିଧାୟକ ଶ୍ରୀଯୁକ୍ତ ରାଉତ ନିଜ ଅଭିଭାଷଣରେ ମତବ୍ୟକ୍ତ କରିଥିଲେ। ସେହିପରି ମେୟର ନିଜ ବକ୍ତବ୍ୟରେ କହିଥିଲେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ନାତୃତ୍ୱରେ ଓଡିଶାରେ କ୍ରୀଡା ପ୍ରତି ତୃଣମୂଳ ସ୍ତରରୁ ଉପର ପର୍ଯ୍ୟ ଗୁରୁତ୍ୱ ଦିଆଯାଉଛି। କ୍ରୀଡାର କିପରି ବିକାଶ ହେବ ସେଥିପାଇଁ ପ୍ରୟାସ ଜାରି ରହିବା ଆବଶ୍ୟକ। ଏହି କାର୍ଯ୍ୟକ୍ରମରେ ଅନ୍ୟ ଅତିଥି ମାନଙ୍କ ମଧ୍ୟରେ ଡେପୁଟି ମେୟର ମୁଲତା କଅଁର,କର୍ପୋରେଟର ମୋନାଲିସା ସାହୁ,ବରିଷ୍ଠ ନେତା ସୁବାସ ଚନ୍ଦ୍ର ପାତ୍ର,ଯୁବନେତା ମନୋଜ ସାହୁ,ପୂର୍ତ୍ତ ବିଭାଗର ବରିଷ୍ଠ ଅଧିକାରୀ ହିମାଂଶୁ ଷଡଙ୍ଗୀ, ଲଡୁ କିଶୋର ପଣ୍ଡା,ରାଜ କିଶୋର ଜେନା ପ୍ରମୁଖ ଉପସ୍ଥିତ ଥିଲେ। ନୀଳାଦ୍ରି ବିହାର ଅଞ୍ଚଳର ବରିଷ୍ଠ ନାଗରିକ, ଯୁବକ,ଛାତ୍ର ଓ ମହିଳା ମାନେ ଯୋଗଦେଇ କାର୍ଯ୍ୟକ୍ରମକୁ ସଫଳ କରିବା ସହିତ ବିଧାୟକଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ।

# ବିଧାୟକଙ୍କ ବାସଭବନରେ ଡ଼ାକ୍ତରଙ୍କୁ ମାଡ଼, ଥାନାରେ ଏତଲା

ଘସିପୁରା,୧୭।୫(ପି.ଏନ): କେନ୍ଦୁଝର ଜିଲ୍ଲା ଆନନ୍ଦପୁର ବିଧାୟକଙ୍କ ବାସଭବନରେ ଜନୈକ ବ୍ୟକ୍ତି ଡ଼ାକ୍ତରଙ୍କୁ ମାଡ଼ ମାରିବା ସହ ତାଙ୍କ ସହିତ ଥିବା ଅନ୍ୟ କର୍ମଚାରୀଙ୍କୁ ଅସଭ୍ୟ ଭାଷାରେ ଗାଳିଗୁଲଜ କରିଥିବା ଅଭିଯୋଗ ହୋଇଛି । ଏନେଇ ଡାକ୍ତର ଜଣକ ଆନନ୍ଦପୁର ଥାନାରେ ଅଭିଯୋଗ କରିଛନ୍ତି ।ଫକୀରପୁର ଡାକ୍ତରଖାନାର ଡାକ୍ତର ଜୟନ୍ତ କୁମାର ଦାସ ଗତ ଶନିବାର ଦିନ ଆନନ୍ଦପୁର ବିଧାୟକ ଭାଗିରଥୀ ସେଠୀଙ୍କ ବାସଭବନକୁ ଡାକ୍ତରଖାନାର ଉନ୍ନତିମୂଳକ କାମ ସମ୍ପର୍କରେ ଆଲୋଚନା ପାଇଁ ନିଜର କିଛି କର୍ମଚାରୀଙ୍କ ସହିତ ଯାଇଥିବା ବେଳେ ସେଠାରେ ଜନୈକ ବ୍ୟକ୍ତି ଡାକ୍ତରଙ୍କୁ ମାଡ଼ ମାରିବା ସହିତ ଡାକ୍ତରଖାନାର ଅନ୍ୟ କର୍ମଚାରୀମାନଙ୍କୁ ଅସଭ୍ୟ ଭାଷାରେ ଗାଳିଗୁଲଜ କରିଥିଲେ। ଏନେଇ ଡାକ୍ତର ଜୟନ୍ତ କୁମାର ଦାସ ଆନନ୍ଦପୁର ଥାନାରେ ଏତଲା କରିଛନ୍ତି। ଏତଲାକୁ ଭିତି କରି ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଥିବା ନେଇ ଥାନା ଅଧିକାରୀ ମନୋରଞ୍ଜନ ପ୍ରଧାନ ସୂଚନା ଦେଇଛନ୍ତି।

## ଜିପିଡିପିରେ ମାଲକାନଗିରି ପଚାଂୟତ ସମିତି ପୁରସ୍କୃତ

ମାଲକାନଗିରି,୧୭।୫(ପି.ଏନ): ଗ୍ରାମପଚାଂୟତ ବିକାଶ ଯୋଜନା (ଜିପିଡିପି) ରେ ମାଲକାନଗିରି ଜିଲାର ମାଲକାନଗିରି ପଚାଂୟତ ସମିତିକୁ ଓଡିଶାର ୩୧୪ ପଚାଂୟତ ସମିତି ମଧ୍ୟରୁ ଶ୍ରେଷ୍ଠ ପଚାଂୟତ ସମିତି ଭାବରେ ପୁରସ୍କୃତ କରାଯାଇଛି। କାର୍ଯ୍ୟ ଏବଂ ଜନସେବା ପାଇଁ ଜିଲାର ମାଲକାନଗିରି ପଚାଂୟତ ସମିତି ଓଡିଶାରେ ଶ୍ରେଷ୍ଠ ପଚାଂୟତ ସମିତି ଭାବେ ମନୋନୀତ ହୋଇଛି । ପୁରସ୍କାର ବାବଦରେ ପଚାଂୟତ ସମିତିକୁ୨୫ ଲକ୍ଷ ଟଙ୍କା ମିଳିବ। ସେହିପରି ଜିଲାର ମାଥିଲି ପଚାଂୟତ ସମିତିର କତାପାଲି ଗ୍ରାମପଚାଂୟତକୁ ମଧ୍ୟ ୫ ଲକ୍ଷ ଟଙ୍କା ପୁରସ୍କାର ମିଳିଛି । ସେହିଭଳି ଦିନଦୟାଲ ପଚାଂୟତ ସଶକ୍ତିକରଣ ଅଭିଯାନରେ ଓଡିଶାର ୬୭୯୮ ଗ୍ରାମପଚାଂୟତ ମଧ୍ୟରୁ ୮ଟି ଗ୍ରାମ ପଚାଂୟତ ଦିନ ଦୟାଲ ପଚାଂୟତ ସଶକ୍ତିକରଣ ପୁରସ୍କାର ପାଇଁ ମନୋନୀତ ହୋଇଛନ୍ତି । ସେଥିମଧ୍ୟରେ ମାଲକାନଗିରି ଜିଲାର ୨ଟି ଗ୍ରାମପଚାଂୟତ କୁଟୁନିପାଲି ଓ ଦଲପତିଗୁଡ ରହିଛି । କୁଟୁନିପାଲି ପ୍ରଥମ ହୋଇଥିବା ବେଳେ ଦଲପତିଗୁଡା ଦ୍ୱିତୀୟ ହୋଇଛି। ସେହି ଅନୁଯାୟୀ ପୁରସ୍କାର ବାବଦରେ କୁଟୁନିପାଲି ୧୨ ଲକ୍ଷ ଟଙ୍କା ଏବ ଦଲପତିଗୁଡା ୮ ଲକ୍ଷ ଟଙ୍କା ପାଇବେ ।

# ବଲାଙ୍ଗିର ମୁନିସିପାଲଟିରେ ଦୁଇଟି ଶୌଚାଳୟ ଉଦଘାଟିତ

ବଲାଙ୍ଗିର,୧୭।୫(ପି.ଏନ): ବଲାଙ୍ଗୀର ସହରରେ ଜନସଂଖ୍ୟା ବଢୁଛି । ସେହି ପରିମାଣରେ ଲୋକଙ୍କ ଆବଶ୍ୟକତା ମଧ୍ୟ ବଢୁଛି । ଲୋକଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଅନେକଗୁଡିଏ ବିକାଶମୂଳକ ପ୍ରକଳ୍ପ ପୌରପାଳିକା ପକ୍ଷରୁ ହାତକୁ ନିଆଯାଇଛି । ବଲାଙ୍ଗୀର ସହର ଭିତରେ ନିର୍ମିତ ହୋଇଥିବା ୨ ଟି ଶୌଚାଳୟ ଆଜି ଉଦଘାଟିତ ହୋଇଛି । ପୂର୍ବରୁ ବଲାଙ୍ଗୀର ଭୀମଭୋଇ ମେଡିକାଲ କଲେଜ ହସପିଟାଲରେ ଏକ ଶୌଚାଳୟକୁ ବଲାଙ୍ଗୀର ପୌରପାଳିକାର ଅଧକ୍ଷା ଲିକା ସାହୁ ଉଦଘାଟନ କରିଥିଲେ । ଆଜି ଟିକ୍ରାପଡା ଛକ ଓ ରୁଗୁଡିପଡା ଛକ କଳାମଣ୍ଡଳ ରୋଡରେ ଦୁଇଟି ଶୌଚାଳୟକୁ ଉଦଘାଟନ କରାଯାଇଛି । ପୌରପାଳିକାର ନିର୍ବାହୀଅଧିକାରୀ ବିପିନବିହାରୀ ଦୀପଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ଉଦଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବରେ ବଲାଙ୍ଗୀର ବିଧାୟକ ନରସିଂହ ମିଶ୍ର, ସମ୍ମାନୀତ ଅତିଥି ଭାବରେ ପୌରାଧକ୍ଷା ଲିକା ସାହୁ, ଉପାଧକ୍ଷା ଗାୟତ୍ରୀ ଭୋଇ, ଜିଲ୍ଲାପାଳ ଚଂଚଳ ରାଣା ଓ ଅନ୍ୟାନ୍ୟ କାଉନସିଲର ଗଣ ଯୋଗଦେଇଥିଲେ । ପ୍ରତ୍ୟେକ ଶୌଚାଳୟ ପାଇଁ ପୌରପାଳିକା ପକ୍ଷରୁ ୩୭ ଲକ୍ଷ ଟଙ୍କା ଲେଖାଏଁ ଖର୍ଚ୍ଚ କରାଯାଇଛି । ଏଥିରେ ମହିଳା ଓ ପୁରୁଷଙ୍କ ପାଇଁ ୫ଟି ଲେଖାଏଁ ଟୟଲେଟ, ୨ଟି ଲେଖାଏଁ ବାଥରୁମ, ୬ଟି ୟୁରିନାଲର ସ୍ୱତନ୍ତ୍ର ବ୍ୟବସ୍ଥା କରାଯିବା ସହିତ ଦିବ୍ୟାଙ୍ଗମାନଙ୍କ ପାଇଁ ସଂପୂର୍ଣ୍ଣ ସୁରକ୍ଷିତ ବ୍ୟବସ୍ଥା କରାଯାଇଛି । ଏଣିକି ବଲାଙ୍ଗୀରବାସୀ ଏହାକୁ ବ୍ୟବହାର କରିପାରିବେ ବୋଲି ପୌରାଧକ୍ଷା ଲିକା ସାହୁ କହିଥିଲେ ।ଠିକ ସେହିପରି ବଲାଙ୍ଗୀର ସହରରେ ୨୭ ଲକ୍ଷ ଟଙ୍କା ବ୍ୟୟରେ ୫ଟି ୟୁରିନାଲ ମଧ୍ୟ ନିର୍ମାଣ କରାଯାଇଛି । ତାହା ମଧ୍ୟ ଖୁବ ଶୀଘ୍ର କାର୍ଯ୍ୟକ୍ଷମ ହେବ ବୋଲି କୁହାଯାଇଛି । ଏହି ସବୁ ଶୌଚାଳୟକୁ ସୁଲଭ ଇଂଟରନେସନାଲ ସଂସ୍ଥା ପରିଚାଳନା କରିବ । କେବଳ ଲ୍ୟାଟ୍ରିନ ଗଲେ ଗ୍ରାହକଙ୍କୁ ୫ ଟଙ୍କା ଓ ଉଭୟ ଲ୍ୟାଟ୍ରୀନ ଓ ଗାଧୋଇବାକୁ ହେଲେ ୭ ଟଙ୍କାର ଫି ଦେବାକୁ ପଡିବ । ୟୁରିନାଲ ଯିବାକୁ କୌଣସି ଫି ଦେବାକୁ ପଡିବ ନାହିଁ ବୋଲି ସୂଚନା ଦିଆଯାଇଛି ।ଏହି ଅବସରରେ ଉପସ୍ଥିତ ଗଣମାଧ୍ୟମକୁ ସୂଚନା ଦେଇ ପୌରାଧକ୍ଷା କହିଥିଲେ ଯେ, ବଲାଙ୍ଗୀରର ବିକାଶ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସ୍ୱତନ୍ତ୍ର ଧ୍ୟାନ ଦେଉଛନ୍ତି । ଆଗକୁ ଆହୁରି ବିକାଶ କାମ କରାଯିବାକୁ ଦଳମତ ନିର୍ବିଶେଷରେ ସମସ୍ତଙ୍କର ସହଯୋଗ ରହିବାର ଆବଶ୍ୟକତା ରହିଛି । ଉପସ୍ଥିତ ବଲାଙ୍ଗୀର ବିଧାୟକ ନରସିଂହ ମିଶ୍ର ମଧ୍ୟ ବଲାଙ୍ଗୀରର ଅନେକଗୁଡିଏ ବିକାଶ କାମ ବାକି ରହିଛି । ସେହିସବୁ କାମ କରିବାକୁ ପୌରପାଳିକା ଓ ବିଧାୟକ, ସାଂସଦଙ୍କ ମିଳିତ ଆବଶ୍ୟକ ବୋଲି କହିଥିଲେ । ସେ ସବୁବେଳେ ସହଯୋଗ କରୁଛନ୍ତି ଓ କରୁଥିବେ ବୋଲି ଶ୍ରୀ ମିଶ୍ର କହିଥିଲେ । ତେବେ ଉଦଘାଟନୀ ପୂର୍ବରୁ ଉଭୟ ବିଧାୟକଙ୍କ ସମର୍ଥକ ଓ ବିଜେଡି ସମର୍ଥକମାନେ କିଛି ସମୟ ନାରାବାଜି କରିଥିଲେ । ତଥାପି ଉଭୟ ଶାସକ ଓ ବିରୋଧି ଦଳ ପକ୍ଷରୁ ସୌହାର୍ଦ୍ଦ୍ୟପୂର୍ଣ୍ଣ ପରିବେଶରେ ଉଦଘାଟନୀ କାର୍ଯ୍ୟକ୍ରମ ସମାପନ ହୋଇଥିଲା ।

# ବୁଦ୍ଧଦେବ ଥିଲେ ମଣିଷ ସାମାଜ ପାଇଁ ପଥ ପ୍ରଦର୍ଶକ

ବଲାଙ୍ଗୀର, ୧୭।୫(ପି.ଏନ): ବଲାଙ୍ଗିର ନାଗରିକ କମିଟି ପକ୍ଷରୁ ସ୍ଥାନୀୟ ପି. ପି. ଏକାଡେମୀ ଠାରେ ବୁଦ୍ଧ ଜୟନ୍ତୀ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ବଲାଙ୍ଗିର ବିଧାୟକ ନରସିଂହ ମିଶ୍ର ଯୋଗଦେଇ ବୁଦ୍ଧଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ସଭାକୁ ଉଦଘାଟନ କରିଥିଲେ। ମୁଖ୍ୟ ବକ୍ତା ଭାବେ ବଲାଙ୍ଗିର ସରକାରୀ ମହିଳା ମହାବିଦ୍ୟାଳୟର ଅଧ୍ୟାପକ ସଦାଶିବ ମଲ୍ଲିକ ଯୋଗଦେଇ ଗୌତମ ବୁଦ୍ଧଙ୍କ ଆଦର୍ଶ ସମସ୍ତଙ୍କ ପାଇଁ ଅନୁକରଣୀୟ ବୋଲି କହିଥିଲେ। ରାଜ ଭୋଗ ଛାଡି ଗୈରିକ ବସ୍ତ୍ର ପରିଧାନ କରି ସଂସାରକୁ ଏକ ନିରାଟ ସତ୍ୟର ବାର୍ତ୍ତା ପ୍ରଦାନ କରିଥିଲେ ବୁଦ୍ଧ। କାମନାର ବିନାଶରେ ଦୁଃଖର ବିନାଶ ବୋଲି କହିଥିଲେ। ଭଗବାନ ବୁଦ୍ଧ ପ୍ରକୃତରେ ମଣିଷ ସମାଜର ପଥ ପ୍ରଦର୍ଶକ ଅଟନ୍ତି ବୋଲି ମୁଖ୍ୟବକ୍ତା ଶ୍ରୀ ମଲ୍ଲିକ ନିଜ ବକ୍ତବ୍ୟରେ କହିଥିଲେ କ୍ଷ ବଲାଙ୍ଗିର ନାଗରିକ କମିଟିର ସାଧାରଣ ସମ୍ପାଦକ ମନୋରଞ୍ଜନ ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ସଭାରେ ନାଗରିକ କମିଟିର ସଭାପତି ବେଲାର ସେନ ଭୋଇ ସଭାପତିତ୍ୱ କରିଥିଲେ ।ଏହି ଅବସରରେ ପଦ୍ମଶ୍ରୀ ନରସିଂହ ପ୍ରସାଦ ଗୁରୁ ଓ ସଫଳ ଚିକିତ୍ସକ ଡ଼. ରୁଦ୍ରନାରାୟଣ ପଟେଲଙ୍କୁ କମିଟି ପକ୍ଷରୁ ମାନପତ୍ର ଓ ଉପଢ୍ୌକନ ଦେଇ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ନାଗରିକ କମିଟିର ସଭ୍ୟ ବୃନ୍ଦାବନ ବରାଳ, ବିକ୍ରମ ବହିଦାର, ପଙ୍କଜିନୀ ପଣ୍ଡା, ସଂଗ୍ରାମ ବହିଦାର, ଚକ୍ରପାଣି ଦାଶ, ନିରୁପମା ଉଦ୍ଗାତା, ଗୋପଭୁଷଣ ନାଥ, ଦିବାକର ହୋତା, ପୀତବାସ ପଣ୍ଡା ପ୍ରମୁଖ ସହଯୋଗ କରିଥିଲେ। ଶେଷରେ କମିଟିର ସାଧାରଣ ସମ୍ପାଦକ ମନୋରଞ୍ଜନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଜଳଛତ୍ର ବାବଦ ଅର୍ଥ ହରିଲୁଟ ଉଦ୍ୟମ ଅଭିଯୋଗ

ଘସିପୁରା,୧୭।୫(ପି.ଏନ):ପଚାଂୟତରେ କେବଳ ନାମକୁ ମାତ୍ର ଜଳଛତ୍ର କରି ଅର୍ଥ ହରିଲୁଟ ଉଦ୍ୟମ କରାଯାଉଥିବା ଅଭିଯୋଗ ହେଉଛି । ଏପରି ଘଟଣା ଦେଖିବାକୁ ମିଳିଛି କେନ୍ଦୁଝର ଜିଲା ଘସିପୁରା ବ୍ଲକ ଅନ୍ତର୍ଗତ ଗଡ଼ବାନ୍ଧଗୋଡା ଗ୍ରାମପଚାଂୟତରେ ।ଓଡ଼ିଶା ସରକାରଙ୍କ ତରଫରୁ ପଚାଂୟତର ବିଭିନ୍ନ ଜାଗାରେ ଜଳଛତ୍ର ଖୋଲିବା ପାଇଁ ବ୍ୟୟ ଅଟକଳ କୋଡ଼ିଏ ହଜାର ଲେଖାଏଁ ଟଙ୍କା ଯୋଗାଇ ଦିଆଯାଉଅଛି। ଅନେକ ଜାଗାରେ ଅନେକ ସ୍ୱେଚ୍ଛସେବୀ ସଙ୍ଗଠନ ମଧ୍ୟ ଲୋକଙ୍କ ନିମନ୍ତେ ଜଳଛତ୍ରର ସୁବିଧା କରୁଛନ୍ତି। ଏହା ସାଧାରତଃ ଏପ୍ରିଲ ୧୪ ରୁ ଜୁନ ୧୪ ପର୍ଯ୍ୟନ୍ତ ରହିଥାଏ। ଘଷିପୁରା ବ୍ଲକ ଗଡ଼ବାନ୍ଧଗୋଡା ପଚାଂୟତ ଅନ୍ତର୍ଗତ ଦାନ୍ତିଆ ଗ୍ରାମରେ 'ମା ତାରିଣୀ ଚାରିଟେବୁଲ ଟ୍ରଷ୍ଟ, ଆନନ୍ଦପୁର' ତରଫରୁ ଗତ ଏପ୍ରିଲ ୧୩ ତାରିଖରେ ଏକ ଜଳଛତ୍ର ଖୋଲା ହୋଇଥିଲା ଏବଂ ଜଣେ ବ୍ୟକ୍ତି ଜଳ ଯୋଗାଇବା ନିମନ୍ତେ ରଖା ଯାଇଥିଲା ଏବଂ ତାଙ୍କ ବ୍ୟାନର ଲଗା ଯାଇଥିଲା। କିନ୍ତୁ, ଏକ ମାସ ପରେ ହଠାତ୍ ମଇ ୧୫ ତାରିଖ ରେ ମା ତାରିଣୀ ଚାରିଟେବୁଲ ଟ୍ରଷ୍ଟ ବ୍ୟାନର ଉପରେ ଗଡ଼ବାନ୍ଧଗୋଡା ପଞ୍ଚାୟତର ବ୍ୟାନର ଲାଗିଥିବା ଦେଖିବାକୁ ମିଳିଛି । ଏହାକୁ ଦେଖି ଜନସାଧାରଣ କୋଡ଼ିଏ ହଜାର ଟଙ୍କା ଚଳୁ କରିଦେଇଥିବା ସନ୍ଦେହ ହେଉଛି। ଏହାକୁ ପଚାଂୟତବାସୀ ନିନ୍ଦା କରିବା ସହ ଘଟଣାର ତଦନ୍ତ ନିମନ୍ତେ ଜିଲ୍ଲାପାଳଙ୍କୁ ଜଣାଇବେ ବୋଲି କହିଛନ୍ତି।

# 'ରାଜଦ୍ରୋହ' କଦାପି 'ଦେଶଦ୍ରୋହ' ନୁହେଁ!

ଭୁବନେଶ୍ୱର,୧୬।୫(ପି.ଏନ) :ଏବେ ମ୍ୟାଟ୍ରିକ୍ ପରୀକ୍ଷା ସରିଛି। ମ୍ୟାଟ୍ରିକ୍ ପରୀକ୍ଷାର ଫଳ ବାହାରିବାକୁ ଆହୁରି କିଛି ସମୟ ଲାଗିଯିବ। କିଛି ବର୍ଷ ତଳେ ଏହି ସମୟ ସେସମୟରର ପିଲାଙ୍କ ପାଇଁ ବେଶ୍ ରୋମାଂଚ୍କର ଥିଲା। ମାମୁଁଘର ଗାଁ ବୁଲିଯିବା, ଆମ୍ବ ତୋଟାରେ ଗାଧୁଆବେଳ ସାରା ଖେଳିବା, ନଈକୁ ପହଁରିବାକୁ ଯିବା, ଖରାବେଳେ କିଛି ସମୟ ଶୋଇ ପୁଣି ବାହାରକୁ ବୁଲିବାକୁ ବାହାରିଯିବାରେ ମାଟ୍ରିକ୍ ପରୀକ୍ଷା ଦେଇଥିବା ପିଲାଙ୍କର ସମୟ ସରିଯାଉଥିଲା। ପରୀକ୍ଷାର ଫଳ କ'ଣ ହେବ ତାହା ଚ୍ନିତା କରିବା ଆବଶ୍ୟକ ନଥିଲା। କାରଣ ଆସନ୍ତାକାଲି ବିଷୟ ଚ୍ନିତା ନକରି ଆଜିରେ ପିଲାମାନେ ମସଗୁଲ୍ ରହୁଥିଲେ। ଏମିତି ଏମିତିରେ ସେ ଉଦଉଦିଆ, ହିଂସ୍ର ଖରା ଛୁଟିଟା କେମିତ କଟିଯାଉଥିଲା ତାହା କାହାକୁ ଜଣାପଡୁନଥିଲା। ମେ ମାସର ଟାଣ ଖରା ମ୍ୟାଟ୍ରିକ୍ ପରୀକ୍ଷା ଦେଇଥିବା ସବୁ ପିଲାଙ୍କୁ ବେଶ୍ ସହଜ ଏବଂ ରସାଳ ମନେ ହେଉଥିଲା। ମାତ୍ର ଏବେ ପରିସ୍ଥିତି ବଦଳିଯାଇଛି। ଶିକ୍ଷାର କଳେବର, ପିଲାଙ୍କ ଇଚ୍ଛା ଏବଂ ପିଲାଟିକୁ ଯନ୍ତ୍ରଚାଳିତ ଟଙ୍କା ରୋଜଗାର କରିପାରୁଥିବା ମେସିନରେ ପରିଣତ କରିବାକୁ ବାପାମାମାନଙ୍କର ଲୋଭ ଏବେ ପିଲାମାନଙ୍କୁ ବେଶ୍ ସଚେତନ କରାଇ ଦେଇଛି। ଏବେ ପାଠପଢୁଥିବା ପିଲାଙ୍କ ଉପରେ ପ୍ରବଳ ଚାପ। ସମସ୍ତେ ସବୁ ବିଷୟରେ ସବୁବେଳେ ପ୍ରଥମ ହେବା ପାଇଁ ଗଳଦଘର୍ମ ପରିଶ୍ରମ କରିବାକୁ ବାଧ। ଏବେ ତ ପରୀକ୍ଷା ସରୁ ସରୁ କିଛି ପିଲା ଆଗୁଆ ଟିଉସନରେ ହାଜିର। +୨ ଶ୍ରେଣୀରେ ଆଗୁଆ ରହିବା ପାଇଁ ଟିଉସନ୍ ବେଶ୍ ଜରୁରୀ। ପାଠପଢା, ଟିଉସନ ଏବଂ ହୋମୱାର୍କର ଭିଡ ଏତେ ଅଧିକ ଯେ ଜଣେ ଚାହିଁଲେ ବି ସେଥିରୁ ବାହାରି ପାରୁନାହିଁ। ଶୈଶବର କମନୀୟତା ପ?। ବହି ଭିତରେ ହଜିଯାଇଛି ଯେମିତି। ପରୀକ୍ଷା ପରେ ବି ପିଲା ନିଜ ଛୁଟିକୁ ଉପଭୋଗ କରିପାରୁନାହିଁ। ପିଲା ମୁଣ୍ଡରେ ପରୀକ୍ଷା ସରିବାର ଚ୍ନିତା ସଂପୂର୍ଣ୍ଣ ଓହ୍ଲାଇ ନଥିବାବେଳେ ପରୀକ୍ଷାରେ କେତେ ନମ୍ବର ରଖିବ ସେ ଭୂତ ସବାର ହୋଇଯାଉଛି। ପରୀକ୍ଷା ପ୍ରଶ୍ନପତ୍ରକୁ ଅଣ୍ଡାଳୁଛି। ବାପା ମା' ବି ହିସାବ କରୁଛନ୍ତି ଯେ ଆମ ପିଲା କେତେ ପ୍ରତିଶତ ମାର୍କ ରଖିବ। ଆଜିକାଲି ପରୀକ୍ଷା ଏତେ ପ୍ରତିଦ୍ୱନ୍ଦିତାମୂଳକ ଯେ ୮୦-୮୫% ପ୍ରତିଶତର ନମ୍ବର ରଖୁଥିବା ପିଲା ବି ବେଳେ ବେଳେ ଭିଡକୁ ନୁହେଁ ବୋଲି ଗଣାଯାଉଛି। ସମସ୍ତଙ୍କର ନମ୍ବର ଦରକାର। ତାହା ପୁଣି ୯୫%ରୁ ଅଧିକ। ପିତାମାତା ଭାବୁଛନ୍ତି ଯଦି ମୋ ପିଲା ୯୫ ପ୍ରତିଶତରୁ କମ୍ ରଖିଲା ତେବେ ସେ କୌଣସି ଭଲ କଲେଜରେ ଆଡମିଶନ୍ ପାଇବ ନାହିଁ। ଆଉ କିଛି ଭାବନ୍ତି ଯଦି ଅମୁକ ଘରର ପିଲା ମୋ'ଠାରୁ ଅଧିକ ନମ୍ବର ରଖିଲା ତେବେ ମୋର ଆଉ ଇଜ୍ଜତ ରହିବ ତ? କେତେବେଳେ ପିତାମାତାଙ୍କ ଇଜ୍ଜତ ପାଇଁ ତ ଆଉ କେତେବେଳେ ପ୍ରତିଯୋଗୀତାରେ ତିଷ୍ଠି ରହିବା ପାଇଁ ପିଲାଟି ୯୫ ପ୍ରତିଶତ ନମ୍ବର ପଛରେ ଧାଉଁଛି। ଛୁଟିର ସମୟ ନମ୍ବର ବିଷୟରେ ଚ୍ନିତା କରି କରି ସରି ଯାଉଛି। କେତେ ନମ୍ବର ରହିବାର ଚ୍ମତ୍କାର ଚ୍ନିତା ପଛରେ ଶିଡି ଶିଡି ପିଲାଟି ନିଜର ଅମୂଲ୍ୟ ଛୁଟି ସବୁକୁ ହରାଇ ଦେଉଛି। ଏହି ଛୁଟି କାଟିବାର ସ୍ମୃତି ହୁଏତ ତାର ଭବିଷ୍ୟତର ସୁଖମୟ ଜୀବନର ଆଧାର ହୋଇଥାଆନ୍ତା।ଛୁଟି ସବୁ ନକାଟି ନକାଟି ସାରିଦେଲା ପରେ ପରୀକ୍ଷା ଫଳ ବାହାରି ଆସିଥାଏ। ଫେଲ ହୋଇଥିବା ପିଲା ମନଦୁଃଖ କରିଥାଏ। ତେବେ ଅନେକ ସମୟରେ ଦେଖାଯାଏ ଯେ ପାଶ୍ କରିସାରିଥିବା ପିଲାଟି ମଧ୍ୟ ଉପଯୁକ୍ତ ପ୍ରତିଶତର ମାର୍କ ରଖିନଥିବାରୁ ମନଦୁଃଖ କରିଥାଏ। ସାହି ପଡିଶାଙ୍କ ଟାହି ଟାପରା ହେଉ କିମ୍ବା ପ୍ରତିଯୋଗୀତାରେ ଅନ୍ୟଠୁ ପଛରେ ପଡିଯିବାର ଭୟ ହେଉ ପିଲାଟି ଦୁଃଖ ଏବଂ ପଶ୍ଚାତାପରେ ସମୟ କାଟିଥାଏ। ଆଗକୁ ଭଲ କଲେଜରେ ସିଟ୍ ନମିଳିବାର ଆଶଙ୍କା ହେଉ କିମ୍ବା କ୍ୟାରିୟରରେ ବିଶେଷ ଆଗକୁ ନ ଯିବାର ଭୟ ହେଉ ପିଲାଟି ଅତ୍ୟନ୍ତ ଉଦବିଗ୍ନରେ ସମୟ କାଟିଥାଏ। ଅନେକ ସମୟରେ ପିଲା ଚ୍ରମ ପଦକ୍ଷେପ ନେଇ ନିଜର ଜୀବନ ହାରିଦେବାର ମଧ୍ୟ ନଜୀର କିଛି କମ୍ ନାହିଁ। ମୋଟ୍ ଉପରେ ପିଲା ପରୀକ୍ଷା ଦେବା ପରେ ଏବଂ ଫଳ ବାହାରିବା ଯାଏ ଗୋଟିଏ ଭୟଙ୍କର ଚ୍ାପ ଭିତରେ ଥାଏ। ଅନାଗତ ଭବିଷ୍ୟତକୁ ସାମନା କରିବାକୁ ତାକୁ ଭୟ ଲାଗୁଥାଏ।ଏହି ଚ୍ାପ ନା ପିଲାପାଇଁ ଭଲ ନା ପରିବାର କିମ୍ବା ସମାଜ ପାଇଁ। କୌଣସି ପରୀକ୍ଷାରେ ଜଣେ ପିଲା କେତେ ନମ୍ବର ରଖିଲା ବା କେତେ ପ୍ରତିଶତ ରଖିଲା ତାହା ପିଲାର ଯୋଗ୍ୟତାର ମାପକାଠି ସବୁବେଳେ ନ ହୋଇପାରେ। ପରୀକ୍ଷକଙ୍କ ଭୂଲ ଯୋଗୁଁ ହେଉ କିମ୍ବା ଅନ୍ୟ କିଛି କାରଣରୁ ପିଲା ଜଣଙ୍କ ହୁଏତ ନିଜ ମନମୁତାବକ ନମ୍ବର ରଖିପାରି ନାହିଁ। ତେବେ ଏହା ତାହାର ଜୀବନର ଶେଷ ପରୀକ୍ଷା କେବେ ନୁହେଁ। ଜୀବନ ନିଜେ ଗୋଟିଏ ଏପରି ପରୀକ୍ଷା ଯେଉଁଥିରେ ପ୍ରତିଶତ ଆଣି କୌଣସି ଜିନିଷର ମାପକାଠି ନୁହେଁ। ହୁଏତ କୌଣସି ପରୀକ୍ଷାରେ କିଛି ପ୍ରତିଶତ କମ୍ ନମ୍ବର ରହିଲେ ଏହା ପିଲାର ଜୀବନକୁ କିଛିମାତ୍ରାରେ ସାମୟିକ ରୁପେ ପ୍ରଭାବିତ କରିପାରେ ମାତ୍ର ଏହା ଜୀବନ ରୂପକ ନୌକାର ଗତିକୁ ସବୁଦିନ ପାଇଁ ବୁଲାଇବାକୁ ସକ୍ଷମ ନୁହେଁ। ବରଂ ଶିଖିବାର ଆଗ୍ରହ, ଧୈର୍ଯ୍ୟ ଏବଂ କଠିନ ପରିଶ୍ରମ ଜାରୀ ରଖିଲେ ମଣିଷ ନିଜ ଜୀବନ ରୂପକ ଡଙ୍ଗାକୁ ନିଜ ନିୟନ୍ତ୍ରଣରେ ରଖିପାରେ। ଏହାକୁ ସହଜରେ ଆଗକୁ ନେଇ ଯାଇପାରେ।ମୋଟ୍ ଉପରେ ଏତିକି କୁହାଯାଇପାରିବ ଯେ ପିଲାମାନଙ୍କୁ ଏହି ପ୍ରତିଶତ ଚ୍ାପରୁ ହଟାଇବା ଦିଗରେ ବାପାମା'ମାନେ କାମ କରିବା ଦରକାର। ବାପାମା'ମାନେ ମନେ ରଖିବା ଦରକାର ଯେ ପିଲାମାନଙ୍କର ଜୀବନ ଭିତରେ ଏପରି ଅନେକ ପରୀକ୍ଷା ଦେବେ ଯେଉଁଥିରେ ସେମାନଙ୍କୁ ନିଜର ଦକ୍ଷତା ଦେଖାଇବାରେ ଅନେକ ସୁଯୋଗ ମିଳିବ। ନମ୍ବର ଚ୍ନିତାରେ ପିଲାଙ୍କ ଭବିଷ୍ୟତ ଏବଂ ନିଜ ଇଜ୍ଜତକୁ ଛନ୍ଦି ନ ଦେଇ ବରଂ ଏହା ଭଲ ହେବ ଯେ ଆମେ ସମସ୍ତେ ମିଶିକରି ଏକ ଏପରି ଦୁନିଆଁ ତିଆରି କରିବା ଯେଉଁଠି ପିଲା ନିଜ ଇଚ୍ଛାରେ ନିଜର ଛୁଟି କାଟି ପାରୁଥିବ। ନିଜ ଜୀବନକୁ ଉପଭୋଗ କରିପାରୁଥିବ। ଆମେ ଏପରି କରି ନପାରିଲେ ହୁଏତ ପ୍ରତିଶତ ଆମ ସମସ୍ତଙ୍କ ପାଇଁ ଗୋଟିଏ ପ୍ରଶ୍ନବାଚ୍ୀ ହୋଇ ଆମର ସୁଖ ସୌଭାଗ୍ୟକୁ ଗୋଡ଼ାଉଥିବ।




2021-2022

ADMISSION OPEN

Maharishi Public School, Baripada

STD-NURSERY TO VIII

ENROLL YOUR CHILD TODAY

(Special discount for new admission before 15.03.2021)

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservition as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on
Facebook.com/Mps, Baripada






# ଭୁବନ କେନାଲ ରାସ୍ତା ଖାଲଖମାରେ ଭର୍ତି, ମରାମତି ପାଇଁ ଦାବି

ଧର୍ମଶାଳା, ୧୭।୫(ପିଏନ୍): ଧର୍ମଶାଳା ବ୍ଲକ ଅନ୍ତର୍ଗତ ୧୪ନଂ କେନାଲରୁ ବାହାରିଥିବା ଭୁବନ ସବ୍ ମାଇନର କେନାଲ ରାସ୍ତା ଖାଲଖମାରେ ଭର୍ତି ହୋଇଛି। ଫଳରେ ଲୋକମାନଙ୍କ ଯାତାୟତରେ ବାଧା ଉପୁଜିଛି। ଏହାକୁ ନେଇ ସ୍ଥାନୀୟ ଅଂଚଳରେ ଅସନ୍ତୋଷ ଦେଖାଦେଇଛି। ପ୍ରକାଶ ଥାଉକି, କୃଷି ଓ କୃଷକର ବିକାଶ ପାଇଁ ରାଜ୍ୟ ସରକାର ଅନେକ ଯୋଜନା କରୁଛନ୍ତି। ହେଲେ ଯୋଜନା ଗୁଡିକ ସଠିକ ଭାବେ କାର୍ଯ୍ୟକାରୀ ହୋଇପାରୁନଥିବାରୁ ଚାଷୀମାନେ ଏହାର ସୁଫଳ ପାଇପାରୁନାହାନ୍ତି। ଜମିକୁ ପାଣି ମଡାଇବା ପାଇଁ ମୁଖ୍ୟ ହାଇଲେବଲ କେନାଲରୁ ଶାଖା କେନାଲ ଗୁଡିକୁ ପାଣି ଯୋଗାଇଥାନ୍ତି। ଶାଖା କେନାଲ ଗୁଡିକରୁ ବିଲକୁ ପାଣି ମଡାଯାଇଥାଏ। ସେହିପରି ଗମନାଗମନ କ୍ଷେତ୍ରରେ ସୁଧାର ପାଇଁ କେନାଲ ରାସ୍ତାଗୁଡିକୁ ଯାତାୟତ ନିମନ୍ତେ ସୁଦୃଢି କରଣ କରାଯାଉଛି। ହେଲେ ଏଠାରେ ତାହାର ବ୍ୟତିକ୍ରମ ପରିଲକ୍ଷିତ ହେଉଛି। ଶାଖା କେନାଲଗୁଡିକ ପୋତି ହୋଇପଡିବା ଫଳରେ ପାଣି ବିଲକୁ ସୁଚାରୁ ରୂପେ ମାଡି ପାରୁନାହିଁ। ସେହିପରି କେନାଲ ରାସ୍ତା ଗୁଡିକ ମରାମତି ଅଭାବରୁ ଯାତାୟତରେ ସମସ୍ୟା ସୃଷ୍ଟି ହେଉଛି। ଚଣ୍ଡିଖୋଲ ଜଳସେଚନ ଉପଖଣ୍ଡ ଅଧିନରେ କେନାଲ ଗୁଡିକ କାର୍ଯ୍ୟ କରୁଥିବା ବେଳେ ପ୍ରତିବର୍ଷ ବିଭାଗ ପକ୍ଷରୁ ଅସାଧୁ ଠିକାଦାରମାନଙ୍କୁ କେନାଲ ସଫା ଓ ରାସ୍ତାକୁ ପିଚୁ କରିବାକୁ ନିୟୋଜିତ କରାଯାଇଥାଏ। ହେଲେ ଏହି ଠିକାଦାରମାନେ ନିମ୍ନମାନର ପିଚୁ କରି ମୁନାଫା ହାତେଇଥାନ୍ତି। ରାଧେ ରାଧେ ଅଧେ ଅଧେ ନ୍ୟାୟରେ ଯନ୍ତ୍ରୀ ଓ ଠିକାଦାର ଏହି ଅର୍ଥକୁ ଚଳୁ କରିଥାନ୍ତି। ଯାହାଫଳରେ କାର୍ଯ୍ୟ ହେବାର ମାସେ ନପୁରୁଣୁ ପିଚୁ ରାସ୍ତାରୁ ଉଠି ଯାଉଥିବା ଦେଖିବାକୁ ମିଳିଥାଏ। କେନାଲ ଗୁଡିକ ମଧ୍ୟ ପୋତି ହୋଇପଡିବା ସହ ଜଙ୍ଗଲ ସୃଷ୍ଟି ହୋଇଥିବା ଦେଖିବାକୁ ମିଳେ। ୧୪ନଂ କେନାଲ ଅଧିନରେ ଥିବା ସମସ୍ତ ଶାଖା କେନାଲ ଗୁଡିକର ଅବସ୍ଥା ଏହିଭଳି ରହିଛି। କେନାଲ ଗୁଡିକ ସଫା ରଖିବା ଓ କେନାଲ ରାସ୍ତା ଗୁଡିକୁ ସୁଦୃଢିକରଣ କରିବା ପାଇଁ ପାଣି ପଂଚାୟତ ଉପରେ ଦାୟିତ୍ୱ ନ୍ୟସ୍ତ ରହିଥିବା ବେଳେ ପାଣି ପଂଚାୟତ ଅଧିକାରୀମାନେ ଏହାର ସୁରକ୍ଷା ଦିଗରେ କାର୍ଯ୍ୟକରୁନଥିବା ଅଭିଯୋଗ ହେଉଛି। ଫଳରେ ଚାଷୀ ଓ ଚାଷର ଉନ୍ନତି ନିମନ୍ତେ ରଖାଯାଇଥିବା ଲକ୍ଷ୍ୟ ଦିଗଭ୍ରଷ୍ଟ ହେଉଛି। ଏଦିଗରେ ଜଳସେଚନ ବିଭାଗ ଅଧିକ୍ଷଣ ଯନ୍ତ୍ରୀ ଇଂ ଦେବାଶିଷ ପଟ୍ଟନାୟକ ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ଦାବି ହେଉଛି।

## ୭ ଦିନ ପରେ ପୋଖରୀରୁ ଉଦ୍ଧାର ହେଲା ମୃତଦେହ

ଭୁବନେଶ୍ୱର, ୧୭।୫(ପି.ଏନ):ବାଘ ପୋଖରୀରୁ ଦଳ ସଫା କରିବାକୁ ଯାଇ ନିଖୋଜ ଥିବା ଅଚିହ୍ନା ବ୍ୟକ୍ତିଙ୍କ ମୃତଦେହ ୭ ଦିନ ପରେ ଆଜି ଉଦ୍ଧାର ହୋଇଛି। ସୂଚନା ଥାଉ କି , ବାଲେଶ୍ୱର ଟାଉନ ଥାନା ଅଧୀନସ୍ଥ ବାଗବୃନ୍ଦାବନ ମୌଜାର ବାଘ ପୋଖରୀରୁ ଦଳ ସଫା କରିବା ପାଇଁ ଗତ ୧୦ ତାରିଖ ପୂର୍ବାହ୍ନ ୯ଟା ସମୟରେ ନୀଳଗିରି ଅଞ୍ଚଳର ୮ ଜଣ ବ୍ୟକ୍ତି ପୋଖରୀକୁ ଯାଇଥିଲେ। ଦଳ ସଫା କରିବା ସମୟରେ ଜଣେ ବ୍ୟକ୍ତି ବୁଡି ଯାଇଥିଲେ। ଦିନ ତମାମ ଦମକଳ ବାହିନୀ ଏବଂ ଏନ୍ ଡ଼ି ଆର ଏଫ୍ ଟିମ୍ ଖୋଜି ପାଇନଥିଲେ। ବୁଡ଼ି ଯାଇଥିବା ବ୍ୟକ୍ତିଙ୍କର ପରିଚୟ ମିଳିପାରି ନଥିଲା। ତେବେ ଘଟଣାର ୭ ଦିନ ପରେ ନିଖୋଜ ବକ୍ତିର ମୃତଦେହ ପାଣିରେ ଭାସୁଥିବାର ଦେଖିବାକୁ ମିଳିଥିଲା।

# 'କୋଣାର୍କ'ର ବିଶେଷ ସଂଖ୍ୟା ନିମନ୍ତେ ପ୍ରବନ୍ଧ ଆହ୍ୱାନ

ଭୁବନେଶ୍ୱର, ୧୭।୫(ପି.ଏନ) : ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତିର ଶ୍ରୀବୃଦ୍ଧି ଏବଂ ପ୍ରଚାର, ପ୍ରସାର ନିମନ୍ତେ ଓଡ଼ିଶା ସାହିତ୍ୟ ଏକାଡେମୀ ସତତ୍ କାର୍ଯ୍ୟରତ। ଓଡ଼ିଆ ସାହିତ୍ୟର ମର୍ଯ୍ୟାଦାବନ୍ତ ପୁସ୍ତକ ପ୍ରକାଶନ ଏବଂ ତ୍ରୈମାସିକ ସାହିତ୍ୟ ମୁଖପତ୍ର ‘କୋଣାର୍କ’ ପ୍ରକାଶନ ଏକାଡେମୀର ପ୍ରମୁଖ କାର୍ଯ୍ୟକ୍ରମ। ପୁସ୍ତକ ପ୍ରକାଶନକୁ ଲୋକାଭିମୁଖୀ ଏବଂ ବିଶ୍ୱ ଦରବାରରେ ପହଞ୍ଚାଇବା ପାଇଁ ବିଭିନ୍ନ ବିକ୍ରୟ ସଂସ୍ଥାଙ୍କ ସହିତ ଅନୁବନ୍ଧିତ କରାଯାଇ ଇ-ବିକ୍ରୟର ଶୁଭାରମ୍ଭ କରାଯିବା ସହିତ ପ୍ରକାଶିତ ପୁସ୍ତକଗୁଡ଼ିକ ଡିଜିଟାଇଜେସନ କରାଯାଇ ଓଡ଼ିଆ ଭର୍ଚୁଆଲ ଏକାଡେମୀ ଓ ଓଡ଼ିଶା ସାହିତ୍ୟ ଏକାଡେମୀର ୱେବ ପୋର୍ଟାଲରେ ଉପଲବ୍ଧ ନିମନ୍ତେ ବ୍ୟବସ୍ଥା କରାଯାଇଛି। ଏକାଡେମୀ ପକ୍ଷରୁ ପ୍ରଦତ୍ତ ସର୍ବୋଚ୍ଚ ସମ୍ମାନ ଅତିବଡ଼ୀ ଜଗନ୍ନାଥ ଦାସ ପୁରସ୍କାର ପ୍ରାପ୍ତ ସାରସ୍ୱତ ସ୍ରଷ୍ଟାଙ୍କ ସ୍ମୃତିରକ୍ଷା ଉଦ୍ଦେଶ୍ୟରେ ତ୍ରୈମାସିକ ଓଡ଼ିଆ ସାହିତ୍ୟ ପତ୍ରିକା ‘କୋଣାର୍କ’ର ପୃଥକ ପୃଥକ ବିଶେଷ ସଂଖ୍ୟା ପ୍ରକାଶ କରିବା ପାଇଁ ପଦକ୍ଷେପ ଗ୍ରହଣ କରାଯାଉଅଛି। ଏହି ପରିପ୍ରେକ୍ଷୀରେ ପ୍ରଥମ ଅତିବଡ଼ୀ ଜଗନ୍ନାଥ ଦାସ ପୁରସ୍କାର ବିଜେତା କବି ରାଧାମୋହନ ଗଡନାୟକଙ୍କ ସ୍ମୃତି ଉଦ୍ଦେଶ୍ୟରେ ପ୍ରଥମ ପର୍ଯ୍ୟାୟରେ ‘କୋଣାର୍କ’ ବିଶେଷ ସଂଖ୍ୟା ପ୍ରକାଶ କରାଯିବ। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତିରେ ରୁଚି ରଖୁଥିବା ଲେଖକ / ଲେଖିକାମାନେ ଅତିବଡ଼ୀ ଜଗନ୍ନାଥ ଦାସ ପୁରସ୍କାର ବିଜେତାଙ୍କ ବିଭିନ୍ନ ସାରସ୍ୱତ ଦିଗକୁ ଭିତ୍ତିକରି ଏକ ପ୍ରବନ୍ଧ ଡିଟି କପି ସହିତ ସଫ୍ଟକପି ୱାର୍ଡ଼ ଫାଇଲରେ ଏକାଡେମୀର ଇ-ମେଲ www.odishasahityaakademi@gmail.com ଜରିଆରେ ପଠାଇବାକୁ ଶ୍ରୀ ପ୍ରବୋଧ କୁମାର ରାଉତ ସଚିବ, ଓଡ଼ିଶା ସାହିତ୍ୟ ଏକାଡେମୀ ଅନୁରୋଧ ଜଣାଇଛନ୍ତି। ପ୍ରାପ୍ତ ପ୍ରବନ୍ଧଗୁଡ଼ିକ କୋଣାର୍କ ସମ୍ପାଦନାମଣ୍ଡଳୀରେ ଉପସ୍ଥାପନ କରାଯାଇ ପ୍ରକାଶନ ଦିଗରେ ସିଦ୍ଧାନ୍ତ ଗ୍ରହଣ କରାଯିବ। ଅତିବଡ଼ୀ ଜଗନ୍ନାଥ ଦାସ ପୁରସ୍କାର ବିଜେତାଙ୍କ ନାମ ଏକାଡେମୀ ୱେବସାଇଟ www.odishasahityaakademi.org ରେ ଉପଲବ୍ଧ।

## ତହସିଲ ପକ୍ଷରୁ ରାହାଡପୁରରେ ଚଢାଉ ୮ କ୍ରସର ସିଲ

ଧର୍ମଶାଳା, ୧୭।୫(ପିଏନ୍): ଧର୍ମଶାଳା ତହସିଲ ଜେନାପୁର ଥାନା ଅନ୍ତର୍ଗତ ରାହାଡପୁର ମୌଜାରେ ଚାଲୁଥିବା କ୍ରସର ଉପରେ ତହସିଲ ପକ୍ଷରୁ ଚଢାଉ କରାଯାଇ ୮ ଗୋଟି କ୍ରସରକୁ ସିଲ କରାଯାଇଛି। ଏଥିସହ ଯାଂଚ ପାଇଁ କାଗଜପତ୍ର ଦାଖଲ କରିବାକୁ ସମ୍ପୃକ୍ତ କ୍ରସର ମାଲିକଙ୍କୁ ନୋଟିସ କରାଯାଇଛି। ଧର୍ମଶାଳା ତହସିଲଦାର ସ୍ୱାଗତ ଦାସଙ୍କ ନେତୃତ୍ୱରେ ଅତିରିକ୍ତ ତହସିଲଦାର ଦେବୀ ପ୍ରସନ୍ନ ମହାନ୍ତି, ଜେନାପୁର ଥାନା ଅଧିକାରୀ ଉମାକାନ୍ତ ନାୟକ, ନାକପୋଲ ଆରଆଇ ଚନ୍ଦନ ସାହୁ, ଡଙ୍କାରୀ ଆରଆଇ ମାନସ ରନ ବେଜ, ନେଉଳପୁର ଆରଆଇ ବିରଂଚି ବୋଇତେଇ ସମେତ ଏକ ପ୍ଲାଟୁନ ପୁଲିସ ଫୋର୍ସ ଏହି ଚଢାଉରେ ସାମିଲ ହୋଇଥିଲେ। ଗତ ବୁଧବାର ଏହି ତହସିଲ ଅନ୍ତର୍ଗତ କୁସୁନପୁର ମୌଜାରେ ଥିବା ୧୫ ଗୋଟି କ୍ରସରକୁ ସିଲ କରାଯାଇଥିଲା। ସୁଚନା ଯୋଗ୍ୟ ଯେ ନିଲାମ ହୋଇ ନଥିବା ରାଜସ୍ୱ ଓ ବନବିଭାଗ ଅଧିନରେ ରହିଥିବା କଳାପଥର ଖାଦାନ ଗୁଡିକୁ ମାଫିଆମାନେ ବେଆଇନ ଭାବେ ଖନନ କରି ସ୍ଥାନୀୟ ଅଂଚଳରେ ଗଢିଉଠିଥିବା କ୍ରସର ଗୁଡିକୁ କଳାପଥର ଯୋଗେଇ ଦେଇଥାନ୍ତି। ଯାହାଫଳରେ ମାଫିଆ ଓ କ୍ରସରମାଲିକମାନେ ଲାଭବାନ ହେଉଥିବା ବେଳେ ସରକାର କୋଟି କୋଟି ଟଙ୍କାର ରାଜସ୍ୱ ହରାଉଛନ୍ତି। ଏହି ବେଆଇନ କାରବାର ଉପରେ ରୋକ ଲଗାଇବା ପାଇଁ ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ଏହି ଚଢାଉ କରାଯାଇଥିବା ଜଣାପଡିଛି।

# କୋଲୁହା ପାଟଣାରେ ଭାଗବତ ମେଳା ଉଦଯାପିତ

ଖୋର୍ଦ୍ଧା, ୧୫।୫(ପିଏନ): ବେଗୁନିଆ ବ୍ଲକ ବଡବେରଣା ପଂଚାୟତ ଅ'ର୍ଗତ କୋଲୁହାପାଟଣା ଗ୍ରାମରେ ୭୦ ବର୍ଷ ଧରି ଚାଲିଥିବା ଭାଗବତ ମେଳା ମଙ୍ଗଳବାର ମଧ୍ୟାହ୍ନରେ ଉଦଯାପିତ ହୋଇଯାଇଛି । ଏହି ମେଳା ବୁଦ୍ଧପୁର୍ଣ୍ଣିମାର ସନ୍ଧ୍ୟାରୁ ଆରମ୍ଭ ହୋଇ ବିଭିନ୍ନ ଗ୍ରାମ ତଥା ଜିଲ୍ଲାରୁ ଭାଗବତ ପ୍ରେମୀ ଓ ବିଦ୍ୱାନବ୍ୟକ୍ତି ମାନେ ଅଂଶ ଗ୍ରହଣ କରିଥିଲେ । ଏଥିରେ ଭାଗବତର ଷଷ୍ଠ ସ୍କନ୍ଧର ତୃତୀୟ ଅଧ୍ୟାୟର ଯମ ଓ ଯମଦୂତଙ୍କ କଥୋପକଥନ, ଦ୍ୱାଦଶ ସ୍କନ୍ଧର ଦ୍ୱିତୀୟ ଅଧ୍ୟାୟର କଳିଯୁଗର ବୈଶିଷ୍ଟ୍ୟ ଉପରେ ଆଲୋଚନା କରାଯାଇଥିଲା । ଏ ନେଇ ସଭାରେ ବିଦ୍ୱାନ ସଦାନନ୍ଦ ଦାଶଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଗୌରହରି ପଣ୍ଡା, ଅଜୟ କୁମାର ପଣ୍ଡା, ଗୋକୁଳ ଚନ୍ଦ୍ର ତ୍ରିପାଠୀ, ଧନେଶ୍ୱର ପଣ୍ଡା, ଶଶେତ କୁମାର ମହାପାତ୍ର, କୈଳାସ ନାଥ ପଣ୍ଡା, ଶ୍ରୀକା' ଦାଶ ଓ ବନମାଳୀ ପଣ୍ଡା ଭାଗବତ ପଠନ କରିଥିବା ବେଳେ ବିଦ୍ୱାନ କୈଳାସ ନାଥ ପଣ୍ଡା, ଶରତ ଚନ୍ଦ୍ର ପଣ୍ଡା, ତପନ କୁମାର ପଣ୍ଡା, ପବିତ୍ର କୁମାର ପୃଷ୍ଟି, କୈଳାସ ନାଥ ପଣ୍ଡା, କୃଷ୍ଣ ଚନ୍ଦ୍ର ପଣ୍ଡା ଓ ରାମ ନିରଞ୍ଜନ ଦାସ ପ୍ରମୁଖ ବ୍ୟାଖ୍ୟ କରିଥିଲେ । ଶେଷରେ ସମାଜସେବୀ ବନମାଳୀ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।

# ନାରୀମାନଙ୍କ ସଶକ୍ତିକରଣ ପାଇଁ ଆହ୍ୱାନ

ଭୁବନେଶ୍ୱର, ୧୭।୫(ପି.ଏନ): ମହିଳାମାନଙ୍କର ବୌଦ୍ଧିକ, ମାନସିକ, ପାରିବାରିକ, ଆର୍ଥିକ, ସାମାଜିକ, ରାଜନୈତିକ, ତଥା ଆଧାତ୍ମିକ ସଶକ୍ତିକରଣ କରିବା ପାଇଁ ଭାରତୀୟ ସ୍ତ୍ରୀ ଶକ୍ତି ସଂଗଠନର ସ୍ଥାପନା ଦିବସରେ ବକ୍ତବ୍ୟ ଦେଇ ନାରୀ ନେତ୍ରୀମାନେ ଆହ୍ୱାନ ଦେଇଛନ୍ତି । ଭାରତୀୟ ସ୍ତ୍ରୀ ଶକ୍ତି ସଂଗଠନର ୩୪ତମ ପ୍ରତିଷ୍ଠା ଦିବସ ପାଳନ ଅବସରରେ ରାଜ୍ୟର ସ୍ୱେଚ୍ଛାସେବୀ ସଂଗଠନ ସ୍ୱର ପକ୍ଷରୁ ଜୁପିଟର +୨ ମହିଳା ମହାବିଦ୍ୟାଳୟଠାରେ ଏକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଉତ୍କଳ ବିଶ୍ୱବିଦ୍ୟାଳୟର ପ୍ରଥମ ମହିଳା କୁଳପତି ସବିତା ଆଚାର୍ଯ୍ୟ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉପସ୍ଥିତ ଛାତ୍ରୀ ଓ ଅଧ୍ୟାପିକାମାନଙ୍କୁ ନିଜର ସାମର୍ଥ୍ୟକୁ ଠିକ୍ ରୂପେ ପରଖିବା ଜରୁରୀ ବୋଲି କହିଥିଲେ । ସମ୍ମାନିତ ଅତିଥିଭାବେ ଯୋଗଦେଇ ମହିଳା ସଂଗଠନ ମାଧ୍ୟମର ସଭାନେତ୍ରୀ ନମ୍ରତା ଚଢା ମହିଳାମାନେ ନିଜ ସାଂସ୍କୃତିକ ପୃଷ୍ଠଭୂମିରୁ ପ୍ରେରଣା ସଂଗ୍ରହ କରିବା ଆବଶ୍ୟକ ବୋଲି କହିଥିଲେ । ଆଭାସୀ ବ୍ୟବସ୍ଥାରେ ମୁମ୍ବାଇରୁ ଭାରତୀୟ ସ୍ତ୍ରୀ ଶକ୍ତିର ସଭାନେତ୍ରୀ ଶୈଳଜା ଅନ୍ଧାରେ ମୁଖ୍ୟବକ୍ତା ବକ୍ତବ୍ୟ ପ୍ରଦାନ କରି କାର୍ଯ୍ୟକ୍ଷେତ୍ରରେ ମହିଳାଙ୍କ ଶୋଷଣ ବନ୍ଦ କରାଯିବା ଲାଗି ଆଭ୍ୟନ୍ତରୀଣ ଅଭିଯୋଗ ବ୍ୟବସ୍ଥା ରହିବା ଦରକାର ବୋଲି କହିଥିଲେ । କାର୍ଯ୍ୟକ୍ରମରେ ସ୍ୱର ସଭାନେତ୍ରୀ ମନ୍ଦିରା ଦାସ ସଂଗଠନର ବିଚାର ଓ କାର୍ଯ୍ୟପ୍ରସାର ସଂପର୍କରେ ଆଲୋକପାତ କରିଥିଲେ । ସଂଗଠନର ଉପସଭାନେତ୍ରୀ ସବିତା ରାୟ, କାର୍ଯ୍ୟାଳୟ ସଂପାଦିକା ସ୍ନେହା ଅଗ୍ରୱାଲ, କୃଷ୍ଣା ଅଗ୍ରୱାଲ ପ୍ରମୁଖ ସମସ୍ତଙ୍କୁ ସ୍ୱାଗତ କରିଥିଲେ ।

## ରାଉତପଡା ସେବା ସମବାୟ ସମିତିର ଅର୍ଥ ହେରଫେର ଘଟଣାରେ ଜମାକାରୀଙ୍କ ବେଗୁନିଆ ଥାନା ଘେରାଉ

ଖୋର୍ଦ୍ଧା, ୧୬/୫(ପିଏନ): ବେଗୁନିଆ ବ୍ଲକ ଅନ୍ତର୍ଗତ ରାଉତପଡା ସେବା ସମବାୟ ସମିତିରେ ଚାଷୀ ମାନଙ୍କ ସଂଚିତ ଅର୍ଥକୁ ପୂର୍ବତନ ସମ୍ପାଦକ ଓ ସଭାପତି ସମେତ କିଛି ଅସାଧୁ କର୍ମଚାରୀ ମିଳିତ ହୋଇ ଅର୍ଥକୁ ହେରଫେର କରି ଦେଇଛନ୍ତି । ଏ ନେଇ ଜମାକାରୀ ମାନେ ପୂର୍ବରୁ ଖୋର୍ଦ୍ଧା ଜିଲ୍ଲାପାଳ ଓ କେନ୍ଦ୍ର ସମବାୟ ସମିତିରେ ଲିଖିତ ଅଭିଯୋଗ କରି ଆସୁଥିଲେ ମଧ୍ୟ ତଦନ୍ତ କାର୍ଯ୍ୟରେ ବିଳମ୍ବ ହୋଇଥିଲା । ଏଥିରେ ଜମାକାରୀ ମାନେ ନିଜର ଅର୍ଥକୁ ଫେରସ୍ତ ପାଇବା, ହେରଫେର ଘଟଣାରେ ସଂପୃକ୍ତ ବ୍ୟକ୍ତିଙ୍କୁ ଗିରଫ କରିବା ଆଦି ଦାବୀରେ ମଙ୍ଗଳବାର ପୂର୍ବାହ୍ନରେ ବେଗୁନିଆ ଥାନା କାର୍ଯ୍ୟାଳୟ ପରିସରରେ ଭିକାରୀ ଚରଣ ସାହୁ, ଅ'ର୍ଯ୍ୟାମୀ ଦେବତାପ୍ରମୋଦ ଦେବତା ଓ ଗଦାଧର ସାହୁଙ୍କ ସମେତ ସତୁରୀରୁ ଉର୍ଦ୍ଧ୍ୱ ବ୍ୟକ୍ତି ଧାରଣାରେ ବସିଥିଲେ । ବେଗୁନିଆ ଥାନା ଅଧିକାରୀ ଲକ୍ଷ୍ମୀ ପ୍ରସାଦ ଶତପଥି ଘଟଣା ସ୍ଥଳରେ ପହଂଚି ସେମାନଙ୍କୁ ବୁଝାସୁଝା କରିବା ସହ ସାତ ଦିନ ମଧ୍ୟରେ ନ୍ୟାୟ ପ୍ରଦାନ କରିବେ ବୋଲି କହିଥିଲେ । ପରେ ପ୍ରତିଶୃତି ପାଇବା ପାଇ ଧାରଣାରୁ ହଟିଥିଲେ।

# ଗୋକର୍ଣ୍ଣେଶ୍ୱର କଳାକାର ସଂଘର ବୈଠକ



ଧର୍ମଶାଳା, ୧୭।୫(ପିଏନ୍): ଧର୍ମଶାଳା ବ୍ଲକ ଜାରକା ତ୍ରିନାଥ ମନ୍ଦିର ପ୍ରାଙ୍ଗଣରେ ଗୋକର୍ଣ୍ଣେଶ୍ୱର କଳାକାର ସଂଘର ବୈଠକ ଅନୁଷ୍ଠିତ ହୋଇଯାଇଛି । ସଂଘ ସଭାପତି ବିପିନ ବିହାରୀ ସ୍ୱାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ରସୁଲପୁର ପଞ୍ଚାୟତ ସମିତି ଅଧ୍ୟକ୍ଷ ଅରୁଣ କୁମାର ରାଉତ ମୁଖ୍ୟଅତିଥି, ଯାଜପୁର ଜିଲ୍ଲା ବିଜେଡ଼ି ମହାସଚିବ ଡ. ପ୍ରିୟନାଥ ମହାପାତ୍ର ମୁଖ୍ୟବକ୍ତା, ସଂଘ ସଂପାଦକ ଦୁଃଶାସନ ଘଡ଼ାଇ, ସହସଂପାଦକ ଅଦ୍ୱୈତ ଜେନା, କୋଷାଧ୍ୟକ୍ଷ ବଟକୃଷ୍ଣ ବେହେରା, ନାଟ୍ୟ ନର୍ଦ୍ଦେଶକ ହରି ସାମନ୍ତ ଓ ପାଲା ଗାୟକ ରବିନାରାୟଣ କର ଯୋଗଦେଇ କଳାକାରମାନଙ୍କର ବିଭିନ୍ନ ସମସ୍ୟା ସଂପର୍କରେ ଆଲୋଚନା କରିଥିଲେ । ବ୍ଲକର ୪୫ପଞ୍ଚାୟତରୁ ଆସିଥିବା ଶତାଧିକ କଳାକାର ନିଜ ନିଜର ବକ୍ତବ୍ୟ ରଖିଥିଲେ । କଣ୍ଠଶିଳ୍ପୀ ରମେଶ ଚନ୍ଦ୍ର ରାଉତ ଧନ୍ୟବାଦ ଦେଇଥିଲେ ।

# ମନୋଜଦାସଙ୍କ 'ଅମୃତଫଳ' ଉପନ୍ୟାସର ପୁସ୍ତକଚର୍ଚ୍ଚା




ଭୁବନେଶ୍ୱର, ୧୭।୫(ପି.ଏନ): ଆଜି ଭୁବନେଶ୍ୱରସ୍ଥ ବି.ଜେ.ବି ସ୍ୱୟଂଶାସିତ ମହାବିଦ୍ୟାଳୟର ପ୍ରକୋଷ୍ଠ ନମ୍ବର ୧୦୨ରେ ଓଡିଶା ଭାଷା ପ୍ରତିଷ୍ଠାନ ଓ ବି.ଜେ.ବି ସ୍ୱୟଂଶାସିତ ମହାବିଦ୍ୟାଳୟର ମିଳିତ ଆନୁକୂଲ୍ୟରେ ଏକ ପୁସ୍ତକଚର୍ଚ୍ଚା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଓଡିଶା ଭାଷା ପ୍ରତିଷ୍ଠାନର ନିର୍ଦ୍ଦେଶକ ଶ୍ରୀଯୁକ୍ତ ରଂଜନ କୁମାର ଦାସ ଅଧ୍ୟକ୍ଷତା କରିଥିଲେ । ସେ ତାଙ୍କ ବକ୍ତବ୍ୟରେ କହିଥିଲେ କି ପୁସ୍ତକ ହେଉଛି ମନୁଷ୍ୟର ବଡ ବନ୍ଧୁ । କାଳଜୟୀ ପୁସ୍ତକଗୁଡିକ ସମାଜକୁ ଶିକ୍ଷା ଓ ସନ୍ଦେଶ ଦେଇଥା'ନ୍ତି । ମୁଖ୍ୟ ଅତିଥି ଭାବରେ ବି.ଜେ.ବି ସ୍ୱୟଂଶାସିତ ମହାବିଦ୍ୟାଳୟର ଅଧକ୍ଷ ପ୍ରଫେସର ନିରଂଜନ ମିଶ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ମୁଖ୍ୟ ଆଲୋଚକ ଶ୍ରୀଯୁକ୍ତ ବିଜୟ କୁମାର ନାୟକ ମନୋଜ ଦାସଙ୍କ ସାହିତ୍ୟିକ କୃତି, ତାଙ୍କର ସର୍ଜନାତ୍ମକ ଭାବଭୂମି ଉପରେ ଆଲୋକପାତ କରିଥିଲେ । ସେ "ଅମୃତଫଳ" ଉପନ୍ୟାସର ସାମଗ୍ରିକ ଦିଗ ଉପରେ ଆଲୋଚନା କରିବା ସହ ଏହି ଉପନ୍ୟାସର ମାର୍ମିକ ଆବେଦନକୁ ଉପସ୍ଥାପନା କରିଥିଲେ । ପ୍ରଫେସର ପ୍ରେମାନନ୍ଦ ମହାପାତ୍ର ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଡକ୍ଟର ଫଣୀନ୍ଦ୍ର ଭୂଷଣ ନନ୍ଦ କାର୍ଯ୍ୟକ୍ରମ ସଂଯୋଜନା କରିବା ସହ ଧନ୍ୟବାଦ ମଧ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ବହୁ ଛାତ୍ରଛାତ୍ରୀ, ଅଧ୍ୟାପକ ଓ ଅଧ୍ୟାପିକା ଉପସ୍ଥିତ ଥିଲେ । ଅନ୍ୟମାନଙ୍କ ମଧ୍ୟରେ ନିମନ୍ତ୍ରିତ ଅତିଥି ଭାବରେ ଡକ୍ଟର ଲିଙ୍ଗରାଜ ରଥ ଓ ଦିଲୀପ କୁମାର ସାହାଣୀ ପ୍ରମୁଖ ଉପସ୍ଥିତ ଥିଲେ ।

ADMISSION OPEN
MAHARISHI PLAY SCHOOL
A Great Place to Grow @ mps
PLAY GROUP (2+)
NURSERY (3+)
LKG, UKG, STD-I TO V

FIND THE DIFFERENCE
●Surveillance through CCTV Camera ●Small Classes ●Congenial Environment ●Intimate, Safe & Secured Place ●Experienced & loving teachers ●Individual attention to each child ●Spacious Playground ●AC Activity Room ●Transport Facilities
TUITION CLASSES
for Std I to Std V
Timing: 5 PM to 6.30 PM
MAHARISHI PUBLIC SCHOOL
N4-F/24, IRC Village, Nayapalli,
Bhubaneswar, Phone: 0674-2558884, 2550786
E-mail: maharishipublic13@gmail.com
25% Seats reserved in Std. 1 under RTE Act

Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com
ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray